

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୫୩ ● ୯ ଅକ୍ଟୋବର ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-253 ● 9th October 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

## ସଚ୍ଚୋଟତା, ସ୍ୱଚ୍ଛତା ଓ ସାଧୁତାକୁ ଅବଲମ୍ବନ କରି ଲୋକଙ୍କ ସେବା କର

ଭୁବନେଶ୍ୱର, ୮।୧୦

ନ୍ୟୁଜ୍ ବ୍ୟୁରୋ

ସଚ୍ଚୋଟତା, ସ୍ୱଚ୍ଛତା ଓ ସାଧୁତାକୁ ଅବଲମ୍ବନ କରି ଲୋକଙ୍କ ସେବା କରିବାକୁ ନୂତନ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଆମ ସରକାର ଲୋକଙ୍କ କଲ୍ୟାଣ ଏବଂ ବିକଶିତ ଓଡ଼ିଶା ଗଠନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ। ପ୍ରଣୟନ କରାଯାଇଥିବା ସରକାରଙ୍କ ପ୍ରତିଟି ପଦକ୍ଷେପ ଓ ଯୋଜନାଗୁଡ଼ିକ କିପରି ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ପହଞ୍ଚିବ ଓ ଏହାର ସଫଳ ରୂପାୟନ ହୋଇପାରିବ ସେଥିରେ ଆପଣମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଆୟୋଜିତ ନିଯୁକ୍ତି ସମାରୋହ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ବିଭାଗରେ ନବ ନିଯୁକ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଉଦବୋଧନ ଦେଇ କହିଥିଲେ।




ଆଜି ରାଜ୍ୟ ସରକାରଙ୍କ ତିନୋଟି ପ୍ରମୁଖ ବିଭାଗ ଯଥା- ଶକ୍ତି ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଇସ୍ପାତ ଓ ଖଣି ବିଭାଗ ଅଧିନସ୍ଥ ଓଡିଶା ଖଣି ନିଗମରେ ୨୮୨ଜଣ ନବ ନିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏଥିରେ ଶକ୍ତି ବିଭାଗରେ ୭୯ *(ପୃଷ୍ଠା ୭ରେ)*

## ହରିୟାଣାରେ ବିଜେପିର ଐତିହାସିକ ହ୍ୟାଟ୍ରିକ

ଚଣ୍ଡିଗଡ, ୮।୧୦

କଂଗ୍ରେସ ହରିୟାଣାରେ କ୍ଷମତାକୁ ଫେରିବାକୁ ଆଶା ରଖିଥିଲା । ଏକଜିଟ ପୋଲ ମଧ୍ୟ କଂଗ୍ରେସ ସପକ୍ଷରେ ରାୟ ଦେଇଥିଲେ। ହେଲେ ଦେଶର ସର୍ବପୁରାତନ ଦଳ କେବଳ ୩୭ଟି ଆସନ ଜିତିବାକୁ ସକ୍ଷମ ହୋଇଛି।

ଫେଲ ମାରିଲା ସବୁ ସଂସ୍ଥାର ଏକଜିଟ ପୋଲ ତଥ୍ୟ। ରାଜନୈତିକ ପଣ୍ଡିତମାନଙ୍କ ଭବଷ୍ୟତବାଣୀ ବି ଭୁଲ ହେଲା। ଏକା ବିଜେପି କରିଥିବା ଆକଳନ ଶେଷରେ ସତ ପ୍ରମାଣିତ ହୋଇଛି।



ଜୋରଦାର ସରକାରୀ ବିରୋଧୀ ହାୱା ସତ୍ତ୍ୱେ ହରିୟାଣାରେ ବିଜେପି ହାସଲ କରିଛି ଐତିହାସିକ ହ୍ୟାଟ୍ରିକ। ବିଜୟ ହରିୟାଣା ବିଧାନସଭା ନିର୍ବାଚନରେ ବିଜୟ ବାନା ଉଡାଇଛି ବିଜେପି । ଏହାକୁ ମିଶାଇ ଦଳ କ୍ରମାଗତ ତୃତୀୟ ଥର ପାଇଁ ହରିୟାଣାରେ ସରକାର ଗଠନ କରିବାକୁ ଯାଉଛି। ୨୦୧୯ ତୁଳନାରେ ଦଳ ଏଥର ଆହୁରି ଭଲ ପ୍ରଦର୍ଶନ କରି ୯୦ ବିଧାନସଭା ଆସନରୁ ଏକାକୀ ୪୮ ଆସନ ଜିତିଛି।

୩ ସ୍ୱାଧୀନ ବିଧାୟକ ଓ ଆଇଏନଏଲଡିର ୨ ଜଣ ବିଧାୟକ ମଧ୍ୟ ବିଜେପି ସରକାରଙ୍କୁ ସମର୍ଥନ କରିବାର ଯଥେଷ୍ଟ ସମ୍ଭାବନା *(ପୃଷ୍ଠା ୭ରେ)*

### ହରିୟାଣାରେ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନୀ ବିଜୟୀ

ଚଣ୍ଡିଗଡ, ୮।୧୦

ହରିୟାଣାର ଲଡା ଆସନରେ ବିଜୟୀ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ନାଏବ ସିଂ ସୈନୀ। ତେବେ ହରିୟାଣା ବିଧାନସଭା ନିର୍ବାଚନରେ ବାଜିମାତ କରିଛି ବିଜେପି । ୯୦ ଆସନ ବିଶିଷ୍ଟ ବିଧାନସଭାରେ ବିଜେପି ମ୍ୟାଜିକ ନମ୍ବର ପାର କରିଛି। ବର୍ତ୍ତମାନ ସୁଦ୍ଧା ବିଜେପି ୪୮ ସିଟରେ ବିଜୟୀ ହୋଇଥିବା ବେଳେ କଂଗ୍ରେସ ୩୭ଟି ସିଟରେ ବିଜୟୀ ଓ ଅନ୍ୟ ସ୍ୱାଧୀନ ଦଳ ୬ଟି ଆସନରେ ଆଗୁଆ



ରହିଛନ୍ତି । ତେବେ ବିଜେପି ହରିୟାନାରେ ବିଜୟୀ ହୋଇଥିବା ବେଳେ ନାଏବ ସିଂହ ସୈନୀ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବେ କି ନାହିଁ ତାହା ଦଳ ନିଷ୍ପତି ନେବ ବୋଲି କୁହାଯାଇଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ମିଥୁନ ଚକ୍ରବର୍ତ୍ତୀଙ୍କୁ ଦାଦା ସାହେବ ଫାଲକେ ପୁରସ୍କାର

ନୂଆଦିଲ୍ଲୀ, ୮।୧୦

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ନୂଆଦିଲ୍ଲୀଠାରେ ୨୦୨୨ ବର୍ଷ ପାଇଁ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ



ଡ. ଏଲ ମୁରୁଗାନ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ସ୍ୱାଗତ ଭାଷଣରେ କହିଛନ୍ତି ଯେ ୨୦୨୨ ମସିହା ପାଇଁ ମନ୍ତ୍ରଣାଳୟ ଫିଚର ଫିଲ୍ମ ବର୍ଗରେ ୩୨ଟି ଭିନ୍ନ *(ପୃଷ୍ଠା ୭ରେ)*

## ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବେ ଜନ ଜେ ହପଫିଲଡ ଓ ଜେଫ୍ରି ଇ. ହିଣ୍ଟନ

ନୂଆଦିଲ୍ଲୀ, ୮।୧୦

ନୋବେଲ କମିଟି ମଙ୍ଗଳବାର ପଦାର୍ଥ ବିଜ୍ଞାନ ପାଇଁ ବିଜେତାଙ୍କ ନାମ ଘୋଷଣା କରିଛି। ଜନ ଜେ ହପଫିଲଡ ଏବଂ ଜେଫ୍ରି ଇ. ହିଣ୍ଟନ ୨୦୨୪ ପାଇଁ ପାଇବେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର। କୃତ୍ରିମ



ନ୍ୟୁରାଲ ନେଟୱାର୍କ ସହିତ ମେସିନ ଲର୍ଣ୍ଣିଂକୁ ସକ୍ଷମ କରୁଥିବା ମୌଳିକ ଆବିଷ୍କାର ପାଇଁ ଉଭୟଙ୍କୁ ମିଳିବ ନୋବେଲ ପୁରସ୍କାର।

ଚଳିତ ବର୍ଷର ପଦାର୍ଥ ବିଜ୍ଞାନରେ ଦୁଇ ଜଣ ନୋବେଲ ବିଜେତା ପଦାର୍ଥ ବିଜ୍ଞାନର ଉପକରଣ ବ୍ୟବହାର *(ପୃଷ୍ଠା ୭ରେ)*







# କେନ୍ଦୁଝରର ତେଲକୋଇରେ ପ୍ରକଳ୍ପ ବନ୍ଦ ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝରର ତେଲକୋଇ ଠାରେ ସମାକୋଇ ଚକଧର ପ୍ରକଳ୍ପ ବନ୍ଦ ଦାବିରେ ସମାକୋଇ ଚକଧର ସମନ୍ୱୟ ସମିତି ପକ୍ଷରୁ ପ୍ରକଳ୍ପ ବନ୍ଦ ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଏହି ପ୍ରକଳ୍ପ ନିର୍ମାଣ ହେଲେ ପାଲଲହଡ଼ା ଓ କଣିହାଁ ବ୍ଲକର ୯୨ଟି ଗାଁର ୯୯୯୦ ହେକ୍ଟର ଜମି ଜଳସେଚିତ ହେବ। ଅନ୍ୟପକ୍ଷରେ ପ୍ରକଳ୍ପ ହେବା ଫଳରେ କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକର ୪୧୩.୬୪ ହେକ୍ଟର ଜମି ଜଳମଗ୍ନ ହେବ ଏବଂ ତା ମଧ୍ୟରୁ ୧୫୮.୭୪ ହେକ୍ଟର ନିଜସ୍ୱ ଜମି, ୮୩.୫ ହେକ୍ଟର ଜଙ୍ଗଲ ଜମିର ଓ ୧୭୦.୯୮ ହେକ୍ଟର ଅଣ ଜଙ୍ଗଲ ସରକାରୀ ଜମି ଓ ୦.୪୦ ହେକ୍ଟର ବସ୍ତି ହୀନ ଘରଡିହ ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇଥିଲେ। ମାତ୍ର ତେଲକୋଇ ଠାରେ ଏହି ଚକଧର ପ୍ରକଳ୍ପ ହେଲେ ଅଞ୍ଚଳବାସୀ ଆଶଙ୍କା କରୁଛନ୍ତି ଯେ, ତେଲକୋଇ ବ୍ଲକ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯିବ। ତେଣୁ ସେମାନେ ପଣ କରିଛନ୍ତି ମରିବୁ ପଛେ ପ୍ରକଳ୍ପ ପାଇଁ ଇଞ୍ଚେ ହେଲେ ଜମି ଛାଡ଼ିବୁ ନାହିଁ। ପ୍ରକଳ୍ପକୁ ବିରୋଧ କରି ପ୍ରାୟ ୨ ହଜାର ପୁରୁଷ ଓ ମହିଳା ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଆନ୍ଦୋଳନକାରୀମାନେ କାଳିପଡ଼ିଆ ଠାରୁ ଏକ ବିରାଟ ପଟୁଆରରେ ଆସି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଏକ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ଓ ବିକ୍ଷୋଭକୁ କଂଗ୍ରେସ ଓ ବିଜେଡି ସମର୍ଥନ କରୁଥିବା ବେଳେ ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା, ବିଜେଡିର ଆଶିଷ ଚକ୍ରବର୍ତ୍ତୀ, ମାଧବ ସର୍ଦ୍ଦାର ଓ ଧନୁର୍ଜୟ ସିଦ୍ଧୁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଏଠାରେ ସୂଚନାଯୋଗ୍ୟ ଯେ, ଏହି ପ୍ରକଳ୍ପକୁ ବିରୋଧ କରି ଗତ ଅଗଷ୍ଟ ୨୭ ତାରିଖରେ ପ୍ରକଳ୍ପ ବିରୋଧରେ ୧୨ ଘଣ୍ଟିଆ ତେଲକୋଇ ବନ୍ଦ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ସେପ୍ଟେମ୍ବର ୧୨ ତାରିଖରେ ଜଗମୋହନପୁର ଠାରେ ଜାତୀୟ ରାଜପଥ ଅବରୋଧ ସମୟରେ କେନ୍ଦୁଝର ଉପଜିଲ୍ଲାପାଳ ସାତ ଦିନ ମଧ୍ୟରେ ସମନ୍ୱୟ ସମିତିକୁ ଡାକି ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତା'ପରେ ଆନ୍ଦୋଳନ ଓ ରାସ୍ତା ଅବରୋଧ ହଟିଥିଲା।

# ବାଲେଶ୍ୱର ଜିଲ୍ଲା ବିକାଶ ପାଇଁ ସରକାରୀ ଅନୁଦାନର ସଠିକ୍ ବିନିଯୋଗ ଉପରେ ଗୁରୁତ୍ୱ

**ବାଲେଶ୍ୱର, ନ୍ୟୁଜ୍**

ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ବାଲେଶ୍ୱର ଜିଲ୍ଲାର ଷଷ୍ଠ ଜିଲ୍ଲା ପରିଷଦର ଷଷ୍ଠ ବୈଠକ ଜିଲ୍ଲା ପରିଷଦର ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଶାସକ ଦଳର ଉପମୁଖ୍ୟ ସଚେତକ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ମହାପାତ୍ର,, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର , ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ସୋର ବିଧାୟକ ମାଧବ ଧଡ଼ା, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଜିଲ୍ଲାପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ ଅନଶୁୟା ପ୍ରଧାନ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ମାନ୍ୟବର ଜିଲ୍ଲାପରିଷଦ ଅଧ୍ୟକ୍ଷ ପ୍ରଧାନ ସମସ୍ତ ମଞ୍ଚାସୀନ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।



ଏହି ବୈଠକରେ ମାନ ଜିଲ୍ଲା ପରିଷଦର ଉପସଭାପତି, ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ବିଭାଗୀୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ବୈଠକ ପରିଚାଳନା କରିଥିଲେ। ଏହି ବୈଠକରେ ଜିଲ୍ଲାର ବିକାଶ ପାଇଁ ଆସୁଥିବା ଅନୁଦାନର ଉଚିତ ବିନିଯୋଗ ଏବଂ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ତୃଣମୂଳସ୍ତରରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ କିଭଳି ତ୍ୱରାନ୍ୱିତ କରାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ମତ ଉପସ୍ଥାପନା କରିଥିଲେ। ସଭାରେ ସର୍ବପ୍ରଥମେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଯୋଜନା ଭିତ୍ତିକ କନିଷ୍ଠ ଶିକ୍ଷକ ପୂରଣ ନିମନ୍ତେ ମୋଟ ୬୦୦ ଜଣ ଯୋଗ୍ୟ ପ୍ରାର୍ଥୀଙ୍କର ଦରଖାସ୍ତ ଯାଞ୍ଚ କରାଯାଇ ଚୂଡାନ୍ତ ତାଲିକାର ଅନୁମୋଦନ ଓ ନିଯୁକ୍ତି ପତ୍ର ପ୍ରଦାନ ସମ୍ବନ୍ଧରେ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ପରେ ଚଳିତ ବର୍ଷ ୨୦୨୪-୨୫ ନିମନ୍ତେ ପଞ୍ଚମ ଏସଏଫସି ଜିଆଇଏ ଯୋଜନାରେ ବିଭିନ୍ନ ପଞ୍ଚାୟତ ସମିତିରୁ ପ୍ରାପ୍ତ ହୋଇଥିବା ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହା ପରେ ସମ୍ପ୍ରତି ବନ୍ୟା ମୁକାବିଲା ସମ୍ବନ୍ଧୀୟ ଆଲୋଚନା କରାଯାଇ ପ୍ରବଳ ବର୍ଷା ହେତୁ ସୁବର୍ଣ୍ଣରେଖା ଓ ଅନ୍ୟ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ପାଇଁ ଭୋଗରାଇ, ବସ୍ତା, ବାଲିଆପାଳ, ଜଳେଶ୍ୱର, ସଦର, ରେମୁଣା ଓ ସୋର ବ୍ଲକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ଓ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସେହି ଭଳି ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବା ସହିତ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଖୁବ୍ ଶୀଘ୍ର ନୂଆ ଡାକ୍ତର, ନର୍ସ ଓ ଅନ୍ୟ ଷ୍ଟାଫଙ୍କ ନିଯୁକ୍ତି କରାଯାଇ ଆବଶ୍ୟକୀୟ ଚିକିତ୍ସାଳୟଗୁଡ଼ିକରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରାଯିବ ବୋଲି ସୂଚନା ଦେଇଥିଲେ। ସେହିଭଳି ଜିଲ୍ଲା ସଂସ୍କୃତି ଅଧିକାରୀ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା କଳାକାରଙ୍କ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। ଏଥିସହିତ ବନ ବିଭାଗ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଭଳି ଅନ୍ୟାନ୍ୟ ବିଭାଗର ବିଭିନ୍ନ ପ୍ରସଙ୍ଗ ଉପରେ ସଭାରେ ଆଲୋଚନା କରାଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ଜନପ୍ରତିନିଧି ବିଭିନ୍ନ ବିଭାଗୀୟ କାର୍ଯ୍ୟ ଉପରେ ସେମାନଙ୍କ ଅଞ୍ଚଳର ଦାବି, ସମସ୍ୟା ଓ ସମାଧାନ ଉପରେ ମତ ବିନିମୟ କରି କର୍ତ୍ତୃପକ୍ଷଙ୍କଠାରୁ ପ୍ରତିଶୃତି ହାସଲ କରିଥିଲେ। ସଭାରେ ପଚରାଯାଇ ଥିବା ସମସ୍ତ ଯୁକ୍ତିଙ୍କୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ବିକାଶ ପ୍ରତିଶୃତି ଦେଇ ଥିଲେ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏହି ସମସ୍ୟାଗୁଡ଼ିକ ପ୍ରତି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ବୈଠକ ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କ ଗଳାକାଟି ହତ୍ୟା

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ସମରଝୋଳ ଛକରେ ଚାପିଇ ରାଜେନ୍ଦ୍ର ରେଡ଼ି(୪୫) ଘରକୁ ଫେରୁଥିବା ବେଳେ କେତେକ ଯୁବକ ସଂଘବଦ୍ଧ ଭାବେ କାତି ଓ ଖଣ୍ଡାରେ ଆକ୍ରମଣ କରିବା ସହ ତାଙ୍କ ଗଳାକାଟି ନିର୍ମମ ଭାବେ ହତ୍ୟା କରିଥିଲେ। ମୃତଦେହକୁ ବଡ଼ଖଣ୍ଡି ଗ୍ରାମର ଜଗନ୍ନାଥ ମନ୍ଦିର ନିକଟ କେନାଲହୁଡ଼ା ଏକ ଜମିରେ ଫୋପାଡ଼ି ଦେଇଥିଲେ। ମୃତଦେହ ନିକଟରେ ପଡିଥିବା ବାଇକ୍‌ଟି ଆକ୍ରମଣକାରୀଙ୍କର ବୋଲି ଅନୁମାନ କରାଯାଉଛି। ଖବରପାଇ ବ୍ରହ୍ମପୁର ସଦରଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୁଲିସ ଘଟଣାର ତଦନ୍ତ ଚଳାଇଛି। ପୂର୍ବ ଶତ୍ରୁତା ଓ ରାଜନୈତିକ କାରଣରୁ ଏହି ହତ୍ୟା କାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

## ପ୍ରକୃତିବନ୍ଧୁ ପୁରସ୍କାର ପାଇଲେ ପ୍ରଶାନ୍ତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀରରେ ଐତିହ ଓ ପରିବେଶ ସୁରକ୍ଷା ପାଇଁ ପ୍ରଶାନ୍ତ ମାହକୁରଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନୀତ କରାଯାଇଛି। ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମୁଖ୍ୟଅତିଥି ଅତିରିକ୍ତ-ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ଡିଏଫ୍‌ଓ ସୁଦର୍ଶନ ବେହେରା ଏବଂ ଜଳବାୟୁ ପରିବେଶ କମିଟିର ସଦସ୍ୟ ଜଙ୍ଗଲ ସୁରକ୍ଷା କମିଟି ଓ ଛାତ୍ର ଛାତ୍ରୀଙ୍କ ଉପସ୍ଥିତିରେ ପ୍ରଶାନ୍ତ ମହାକୁରଙ୍କୁ ଏହି ପୁରସ୍କାର ମିଳିଥିଲା। ଶ୍ରୀ ମହାକୁର ସହରରେ ପରିବେଶ ସୁରକ୍ଷା ପାଇଁ ୨୦୧୬ରୁ ଅଗ୍ରସର ଥିବା ବେଳେ ସହରର ୧୭ଗୋଟି ଜଳାଶୟ ପୁନରୁଦ୍ଧାର, ଜଙ୍ଗଲ ସୁରକ୍ଷା, ଐତିହ୍ୟ ସୁରକ୍ଷା ପାଇଁ ବିଭିନ୍ନ ଆଲୋଚନା ଚକ୍ର, ପରିବେଶ ଦିବସ, ପକ୍ଷୀ ସୁରକ୍ଷା ପାଇଁ ସଚେତନତା ର୍‌ୟାଲି ଆଦି ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରି ଆସୁଥିଲେ। ଶ୍ରୀ ମହାକୁରଙ୍କୁ ଏହି ପୁରସ୍କାର ମିଳିବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ସେହିପରି ଏହି ପୁରସ୍କାର ତାଙ୍କୁ ପରିବେଶ ସୁରକ୍ଷା ପାଇଁ ଆହୁରି ଉତ୍ସାହିତ କରିବ ବୋଲି ଶ୍ରୀ ମହାକୁର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଶ୍ରୀଲୋକନାଥ ମନ୍ଦିରରେ ନୂଆ ଟ୍ରଷ୍ଟ ବୋର୍ଡ ଗଠନ ଦାବି କଲା ଆପ୍ ଦଳ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀଲୋକନାଥ ମନ୍ଦିର ଓଡ଼ିଶାର ସର୍ବ ପୁରାତନ ମନ୍ଦିର। ଶ୍ରୀଜଗନ୍ନାଥ ମନ୍ଦିର ସହ ଶ୍ରୀଲୋକନାଥ ମନ୍ଦିରର ସମ୍ପର୍କ ରହିଛି। ଏହି ମନ୍ଦିରଟି ଏଣ୍ଡୋମେଣ୍ଟ ବିଭାଗରେ ରହିଥିବାରୁ ଏହାର ଉନ୍ନତି ଠିକଭାବେ ହେଉନାହିଁ। ମନ୍ଦିରର ଉନ୍ନତି ପାଇଁ ୨୮ କୋଟି ଟଙ୍କା ମଞ୍ଜୁର ହେଇଥିବା ବେଳେ କାମରେ ସେମିତି ତତ୍ପରତା ଦେଖାଯାଉନାହିଁ। ୧୭ ଏକର ଜାଗାରେ ଲୋକନାଥ ମନ୍ଦିର ପରିସର ରହିଛି। ଏହା ପୂର୍ବରୁ ମଧ ଅଧିକ ଥିଲା, କାଳକ୍ରମେ ଏହି ମନ୍ଦିର ୧୭ ଏକରରେ ଏବେ ସୀମିତ ରହିଛି। ମନ୍ଦିର ପ୍ରଶାସନରୁ ସେମିତି ବି କିଛି ବିଶେଷ ସୁବିଧା ୪୦୦ ସେବାୟତ ପରିବାର ପାଉନାହାନ୍ତି। ସେବାୟତମାନଙ୍କ ମନରେ ଅନେକ ଅସନ୍ତୋଷ ରହିଛି। ଓବିସିସି ଯୋଉ କାମ ନେଇଛି, ଆଶ୍ଚର୍ଯ୍ୟ ସେ ଏମିତି ପ୍ଲାନରେ କେମିତି କାମ କରୁଛନ୍ତି। ନାଳ ଉପରେ ଠାକୁର କିପରି ବିଜେ କରିବେ। ଆସ୍ଥାକୁ ଅନାଦର କରି ନାଳ ନିର୍ମାଣ ଠିକ୍ ନୁହେଁ । ହିନ୍ଦୁ ଧର୍ମରେ ମହାଦେବସଂହାର କର୍ତ୍ତା, ତାଙ୍କୁ ଅବମାନନା କରିବା ଉଚିତ ନୁହେଁ । ସେବାୟତଙ୍କ ସକାଶେ ସେଠି ବିଶୃଙ୍ଖଳା ହେଉଛି ବୋଲି ଅଭିଯୋଗ ହେଉଛି। ଭକ୍ତମାନଙ୍କ ସୁରକ୍ଷା ପାଇଁ ପୋଲିସ ବି ନାହାନ୍ତି। ଭକ୍ତ ସେଠି ଶୋଷିତ ହେଉଥିବା ଅଭିଯୋଗ ହେଉଛି। ଏ ସବୁର ସମାଧାନ ହେବା ଦରକାର। ବର୍ତ୍ତମାନ ମନ୍ଦିରର ଟ୍ରଷ୍ଟ ବୋର୍ଡ଼ ନାହିଁ। ଦୀର୍ଘ ୧ ବର୍ଷ ହେବ ବୋର୍ଡ଼ ଗଠନ ହୋଇନାହିଁ। ନୂତନ ବୋର୍ଡ଼ ଶୀଘ୍ର ଗଠିତ ପାଇଁ ଆପ୍ ଦଳ ଉପଜିଲ୍ଲାପାଳଙ୍କ ନିକଟରେ ଦାବି କରିଛି। ଏହି ବିଷୟରେ ଆଲୋଚନା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦାବି କରିଛନ୍ତି । ୧ ମାସ ମଧ୍ୟରେ ଏହି ବୋର୍ଡର ପୂର୍ଣ୍ଣ ଗଠନ କରିବାକୁ ଦାବି କରିଛି ଆପ ଦଳ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ସଂଜୀବ ମହାନ୍ତି, ପୁରୀ ନଗର ସମ୍ପାଦକ ପ୍ରଦୀପ ନାୟକ, ଦେବ ପ୍ରଧାନ, ପୁରୀ ଯୁବ ସମ୍ପାଦକ ଜନ୍ମେଜୟ ଜେନା, ତ୍ରିଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଲବାଣୀ ସହରରେ ବଢ଼ିବାରେ ଲାଗିଛି ଅସାମାଜିକ କାର୍ଯ୍ୟକଳାପ

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ କିଛି ଦିନ ହେବ ରାତିରେ ବଢୁଛି ଅସାମାଜିକ କାର୍ଯ୍ୟକଳାପ, ଯାହା ସର୍ବସାଧାରଣରେ ଚର୍ଚ୍ଚା ହୋଇଛି। ତେବେ ଏଥିପାଇଁ ନିୟମିତ ନାଇଟ୍ ପାଟ୍ରୋଲିଂ କରାଯିବା ଆବଶ୍ୟକ ପଡୁଛି। ବିଶେଷ କରି ଗଳି ରାସ୍ତାଗୁଡ଼ିକର ଯଥା ପିଅନପଡ଼ା ଦୁଇ ବନ୍ଧ ମଝି ରାସ୍ତା, ଦଣ୍ଡ ପାଣି ବନ୍ଧ ରାସ୍ତା, ଫରେଷ୍ଟ କଲୋନୀ ସମ୍ମୁଖ ରାସ୍ତା, ବସ୍‌ଷ୍ଟାଣ୍ଡ, ଫୁଲବାଣୀ ସାହି ଜଗନ୍ନାଥ ମନ୍ଦିର ତଳ ରାସ୍ତା, ଜିଲ୍ଲାପାଳ ବାସଗୃହ ପାଖ ରାସ୍ତା, ଏସବୁ ଜାଗାରେ ରାତି ବାରଟା ପରେ କୌଣସି ଜରୁରୀ କାର୍ଯ୍ୟରେ ପରିବାର ଧରି ବାହାରକୁ ବାହାରିବା ଏକ ପ୍ରକାର ଭୟ ଲାଗୁଛି। ପୋଲିସର ନିଷ୍କ୍ରିୟତା ଯୋଗୁଁ ଏଭଳି ଦିନକୁ ଦିନ ଦୁର୍ବୃତ୍ତମାନଙ୍କର କାର୍ଯ୍ୟକଳାପ ବଢିବାରେ ଲାଗିଛି ବୋଲି ସହରରେ ଚର୍ଚ୍ଚା ହେଉଛି। ଏଥି ସହିତ ଫୁଲବାଣୀ ସହରରେ ସ୍ପିଡ୍ ବାଇକରଙ୍କ ଯୋଗୁଁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସିସିଟିଭି ସହରରେ ଏମୁଣ୍ଡରୁ ସେମୁଣ୍ଡ ଲଗାଯାଇଥିଲା କିନ୍ତୁ ତାହା ଏବେ କାମ କରୁ ନଥିବାରୁ କ୍ରାଇମ୍ ମଧ ବଢୁଛି। ଆଗକୁ ଦୁର୍ଗା ପୂଜା ଥିବା ଯୋଗୁଁ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଆଲୋଚନା ହେଉଛି।

## ସେବାୟତ ପରିବାରର କୁଆଁରୀ ଝିଅଙ୍କ ନେତ ପୂଜା

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମନ୍ଦିର ସେବାୟତ ପରିବାରର କୁଆଁରୀ ଛୋଟ ଝିଅମାନେ ଆଶ୍ୱିନ ମାସ ଶୁକ୍ଲପକ୍ଷ ପଞ୍ଚମୀରେ ପବିତ୍ର ତୀର୍ଥ ପୁଷ୍କରିଣୀ ମାର୍କଣ୍ଡରେ ନେତ ପୂଜା କରିବା ପରମ୍ପରା ରହିଛି। କୁଆଁରୀ କନ୍ୟାମାନେ ଭଲ ବର ପାଇବା ପାଇଁ ଏହି ବ୍ରତ ପାଳନ ବିଧି ରହିଛି। ପଞ୍ଚମୀରୁ ଅଷ୍ଟମୀ ପର୍ଯ୍ୟନ୍ତ ପୁଷ୍କରିଣୀ କୂଳରେ ଋଷିମାନଙ୍କୁ ପୂଜା କରିଛନ୍ତି। ସନ୍ଧ୍ୟାରେ ଜହ୍ନି ଫୁଲ ଓ ଫଳ ଆଦି ବଳି ପୂଜା କରିଥାନ୍ତି। ଜହ୍ନ ଦେଖିବା ପରେ ମହାପ୍ରସାଦ ସେବନ ବିଧି ରହିଛି। ଅଢେଇ ବର୍ଷ, ପାଞ୍ଚ ବର୍ଷ, ସାତ ବର୍ଷ ଓ ନଅ ବର୍ଷର କନ୍ୟାମାନେ ଏହି ପୂଜା କରିବା ସହ ଗୀତ ବୋଲି ଆଞ୍ଜୁଳା ପ୍ରଦାନ କରିଥାନ୍ତି। ଗୁଆ,ସାତଟି କାଉଡିକୁ ଫରୁଆରେ ରଖି ଶିବଙ୍କୁ ପୂଜା କରିଥାନ୍ତି। ପାରମ୍ପରିକ ବେଶରେ ପାଟଲୁଗାକୁ କଛା ମାରି ପିନ୍ଧିଥାନ୍ତି। ପାରମ୍ପରିକ ଅଳଙ୍କାର ସୁନା ଓ ରୂପା ପିନ୍ଧିଥାନ୍ତି। ପାରମ୍ପରିକ ଅଳଙ୍କାର ମଧ୍ୟରେ ମୁଣ୍ଡରେ ଅଳକା, କେତକୀ ରେଖା ପାନପତ୍ର, ଜହ୍ନ ପରି ରାଗିଡି, ପୂର୍ଣ୍ଣଚନ୍ଦ୍ର, ବେଣୀରେ ସୁନା କାକରା, ରୁପାର ଫୁଲି ପିନ୍ଧିଥାନ୍ତି। କାନରେ କନଫୁଲ ପେଣ୍ଡି, ମଲ୍ଲିକଢ଼ି, ବାଉଳି, ଫିରିଫିରା ଓ ଖାସିଆ ପିନ୍ଧିଥାନ୍ତି। ଅଣ୍ଟାରେ ଅଣ୍ଟା ମାଡ଼ ପାଉଜି ବିଛା ଓ ଚନ୍ଦ୍ର ହାର ଏବଂ ଗୋଡରେ ଗୋଡ ମୁଦି, ଶିକୁଳି ଲଗା ପାଦପଦ୍ମ ପାଉଜି, ବେଙ୍ଗ ପାଟିଆ ଘାଗୁଡି, ମଗର ମୁଣ୍ଡିଆ ଗୋଡ଼ ଖଡୁ, ପାହୁଡ ଓ ଜାଲି ବାଙ୍କି ପିନ୍ଧିଥାନ୍ତି। ଏହି ପରମ୍ପରା କେବଳ ଶ୍ରୀକ୍ଷେତ୍ରରେ ସେବାୟତ ପରିବାରରେ ଦେଖିବାକୁ ମିଳିଥାଏ। ପଞ୍ଚମୀ ଠାରୁ ଆରମ୍ଭ ହୋଇଥିବା ସେବାୟତ ପରିବାରର କୁଆଁରୀ କନ୍ୟାମାନେ ପାରମ୍ପରିକ ବେଶରେ ମାର୍କଣ୍ଡେଶ୍ୱର ମନ୍ଦିର ମାର୍କଣ୍ଡ ପୁଷ୍କରଣୀ କୂଳରେ ନିଷ୍ଠା ଓ ଭକ୍ତି ଉତ୍ସାହର ସହ ଏହି ବ୍ରତ ପାଳିଥିବା ଦେଖିବାକୁ ମିଳିଥିଲା।

## ମୋବାଇଲ ଚୋରି ଅଭିଯୋଗରେ ଜଣେ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ମୋବାଇଲ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ପୁରୁଣାଗଡର କାର୍ତ୍ତିକ ମାଝି (୨୦)। ପୋଲିସ ସୂଚନା ଅନୁଯାଇ, ତାରା ଘୋଷଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଗତକାଲି ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜାଣି ପୋଲିସ ପୁରୁଣାଗଡ଼ର କାର୍ତ୍ତିକ ମାଝି ଠାରୁ ୨ଟି ମୋବାଇଲ ଜବତ କରି ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ନିମନ୍ତେ ଆଲୋଚନା

**ବାଲେଶ୍ୱର, ନ୍ୟୁଜ୍**



ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ-୨୦୨୪ ପାଳନ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ଉପଦେଷ୍ଟା ଗିରୀଶ ଚନ୍ଦ୍ର ଦାଶ, ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସାଧାରଣ ସମ୍ପାଦକ, ଦାମୋଦର ନାୟକ ଓ ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଯଥା ସାମାଜିକ ସୁରକ୍ଷା ନିମନ୍ତେ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଏଥି ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଯୋଜନା ଗୁଡ଼ିକ ସହଜରେ ଯେପରି ସେମାନଙ୍କ ପାଖରେ ପହଞ୍ଚିପାରିବ ସେ ଦିଗରେ ଜିଲ୍ଲା ପ୍ରଶାସନ ତତ୍ପର ରହିଛି ବୋଲି ମଞ୍ଚାସୀନ ଅତିଥିମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। ସଭାରେ ଅତିଥିଙ୍କ ଦ୍ୱାରା ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ମୁଖପତ୍ର ସାୟାହ୍ନର ଉନ୍ମୋଚନ କରାଯିବା ସହିତ ଜିଲ୍ଲାର ୮ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ପୁଷ୍ପଲତା ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଦୃଷ୍ଟିବାଧିତ ସ୍ୱତନ୍ତ୍ର ବିଦ୍ୟାଳୟ, ରାଣୀପାଟଣା ଏବଂ ସ୍ୱତନ୍ତ୍ର ବିଦ୍ୟାଳୟ, ମିଶନ କମ୍ପାଉଣ୍ଡର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। ପ୍ରକାଶ ଥାଉକି, ଏହି ଦିବସରେ ଗାନ୍ଧୀ ସ୍ମୃତି ଭବନ ପରିସରରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଜେଲ୍ ଫେରନ୍ତା ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର

**ହରିଚନ୍ଦନପୁର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ଦୈତାରୀ ଥାନା ଅର୍ନ୍ତଗତ ଅର୍ଜୁନ ଚୂଆ ଗ୍ରାମ ଖଡିଖମଣ ସାହିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ମହିଳା ମାୟାବତୀ ମାର୍ଣ୍ଡୀ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ମହିଳା ଜଣଙ୍କ ପୂର୍ବରୁ ସ୍ୱାମୀ ହତ୍ୟା ଅଭିଯୋଗରେ ସାତ ବର୍ଷ ଜେଲ୍‌ଦଣ୍ଡ ଭୋଗି ଗତ ଜୁନ୍ ମାସରେ ଘରକୁ ଫେରିଥିଲେ। ଫେରିବା ପରେ ନିଜ ବାପଘର ଖଡ଼ିଖମଣ ବଡ଼ ଭାଇ ରାମରାୟ ଟୁଡୁ ପାଖରେ ରହୁଥିଲେ। ତେବେ ଜେଲ୍‌ରୁ ଫେରିବା ପରେ ମାନସିକ ଚାପଗ୍ରସ୍ତ ହୋଇ ରହୁଥିବା ବେଳେ ଗତ ୫ ତାରିଖ ସନ୍ଧ୍ୟା ସମୟରେ ସେ ଘରୁ, ଗାଧୋଇବା ପାଇଁ ଯାଇଥିଲେ। ହେଲେ ରାତି ହେବା ସତ୍ତ୍ୱେ ଘରକୁ ନଫେରିବା କାରଣରୁ ତା ପରଦିନ ପରିବାର ଲୋକ ବହୁତ ଖୋଜାଖୋଜି କରିଥିଲେ ମଧ ପାଇନଥିଲେ। ରବିବାର ସନ୍ଧ୍ୟାରେ ତାଙ୍କ ଜୟଭାଇ ଜଙ୍ଗଲ ନିକଟ ପଡ଼ିଆରୁ ଗୋରୁ ଆଣିବା ପାଇଁ ଯାଇଥିବା ବେଳେ ଭଉଣୀର ମୃତଦେହ ଏକ ବରଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସୋମବାର ସକାଳେ ଘଟଣା ସମ୍ପର୍କରେ ରାମରାୟ ଟୁଡୁ ଦୈତାରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ହୃଷୀକେଶ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏଥିସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ପୋଲିସ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଘଟଣାର ଅଧିକରୁ ଅଧିକ ତଦନ୍ତ ଚଳାଇଥିବା ଜଣାପଡିଛି।

## ପିପିଲି କଣ୍ଟି ନିକଟ ଦୟାନଦୀରେ କୁମ୍ଭୀର

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲ୍ଲା ପିପିଲି କଣ୍ଟି ନିକଟ ଦୟାନଦୀରେ ଏକ କୁମ୍ଭୀର ଦେଖିବାକୁ ମିଳିଛି । ଏହା ଘଡ଼ିଆଳ କିମ୍ବା ଥଣ୍ଟିଆ କୁମ୍ଭୀର ବୋଲି ଅନୁମାନ କରାଯାଉଛି। କଣ୍ଟି କାକୁଡ଼ିଆ ପୋଲ ନିକଟ ନଦୀ ପାଣିରେ ଏହି କୁମ୍ଭୀରଟିକୁ ଦେଖିବା ପରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ନଦୀରେ କୁମ୍ଭୀର ଦେଖିବାକୁ ସେଠାରେ ଲୋକଙ୍କ ଭିଡ଼ ଜମିଛି। ଏହାପରେ କୁମ୍ଭୀରଟି ଦୟାନଦୀରେ କଣାସ ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଥିଲା। ତେବେ ନଦୀ ଭିତରକୁ କେହି ନଯିବା ପାଇଁ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ କରାଯାଇଛି। ଲୋକମାନେ ଯେପରି ନଦୀ କୂଳକୁ ନଯିବେ ଏବଂ ଯେଉଁମାନେ ନଦୀରୁ ମାଛ ଧରୁଛନ୍ତି ସେମାନେ କିଭଳି ସତର୍କତା ଅବଲମ୍ବନ କରିବେ ସେନେଇ ସଚେତନ କରାଯାଇଛି। କୁମ୍ଭୀରଟି ବନ୍ୟା ପାଣିରେ ଭାସି ଆସିଥିବା ଅନୁମାନ କରାଯାଉଛି। ଖବର ପାଇ ଖୋର୍ଦ୍ଧା ବନାଞ୍ଚଳ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। କୁମ୍ଭୀରର ଗତିପଥ ଉପରେ ଲକ୍ଷ୍ୟ ରଖିଛନ୍ତି।

## ମାରିସା ପକ୍ଷରୁ ମାରାଥନ ରାଲି

# ଅଲଚିକି ଓ ନାରୀ ସୁରକ୍ଷା ଅଭିଯାନରେ ଦୌଡ଼ିଲେ ୪୦୦୦ ପ୍ରତିଯୋଗୀ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**




ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ପୌରୋହିତ୍ୟରେ ମିଶନ ଅଲଚିକି-୨୦୨୫ ଓ ନାରୀ ସୁରକ୍ଷା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମାରାଥନ ରାଲି ଆୟୋଜିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ଦୁଇଟି ଜଳନ୍ତ ପ୍ରସଙ୍ଗ ଉପରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରି ଏଥିରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା। ପ୍ରସଙ୍ଗ ହେଉଛି ସ୍ୱତନ୍ତ୍ର ସାନ୍ତାଳୀ ଲିପି 'ଅଲଚିକି'ର ବହୁଳ ପ୍ରଚାର ଓ ପ୍ରସାର ଓ ଅନ୍ୟଟି ହେଉଛି ବର୍ତ୍ତମାନର ସମାଜରେ ନାରୀର ସୁରକ୍ଷା, ଯାହାକି ହେଉଛି ଏକ ସମ୍ବେଦନଶୀଳ ପ୍ରସଙ୍ଗ। ସ୍ଥାନୀୟ ଛଉ ପଡ଼ିଆଠାରେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ସୁଦାମ ମାରାଣ୍ଡି, ମୟୂରଭଞ୍ଜ ଆଥେଲେଟିକ ଆସୋସିଏସନର ସହ ସମ୍ପାଦକ ଅମର ସେଠୀ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗର ଏଚ୍.ଓ.ଡି ଡ.ଜତିନ୍ଦ୍ର ନାଥ ବେଶ୍ରା, ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ଜିଲ୍ଲାପୋରିଷଦ ସଭ୍ୟ ନରେନ୍ଦ୍ର ହାଁସଦା, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହା ବିଦ୍ୟାଳୟର ସାନ୍ତାଳୀ ଅଧ୍ୟାପକ ଲକ୍ଷ୍ମଣ ବାସ୍କେ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ଅଧ୍ୟାପକ ଦୁର୍ଗା ସୋରେନ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଏହି ମାରାଥନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ସମେତ ମୟୂରଭଞ୍ଜ ଜିଲ୍ଲା ସଭାପତି ତୋଫାନ ହେମ୍ବ୍ରମ୍, ଉପ ସଭାପତି ରବିନ୍ଦ୍ର ମାର୍ଣ୍ଡି ଓ ସାଧାରଣ ସମ୍ପାଦକ ଚନ୍ଦ ତାରାଶ ମୁର୍ମୁ, ଜିଲ୍ଲା ଛାତ୍ର ସଭାପତି ଶ୍ୟାମ ସୁନ୍ଦର ହାଁସଦା, ସାଧାରଣ ସମ୍ପାଦକ ଅରବିନ୍ଦ ଟୁଡୁ ଏବଂ ଉପସଭାପତି ଦିପୁ ବେଶ୍ରା, ଶୁଳିଆପଦା ବ୍ଲକ ଛାତ୍ର ସଭାପତି ରାଜୁ ମାର୍ଣ୍ଡି, ରାଜେଶ ବେଶ୍ରା, ମିଶ୍ର ମୁର୍ମୁ, କିଶୁନ ହେମ୍ବ୍ରମ, ସାନା ହେମ୍ବ୍ରମ୍, ଚନ୍ଦ୍ରାୟ ସୋରେନ୍,ସଂଗ୍ରାମ ମୁର୍ମୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ମାରାଥନ ରାଲିରେ ସମୁଦାୟ ଅଂଶଗ୍ରହଣ କରିଥିବା ୪୦୦୦ଜଣ ସ୍ଥାନୀୟ ଛଉ ପଡ଼ିଆଠାରୁ ବାହାରି ମା' ଅମ୍ବିକା ମନ୍ଦିର ଦେଇ ସମଗ୍ର ସହର ପରିକ୍ରମା କରି ପୁନର୍ବାର ସହିଦ ସ୍ମୃତି ଭବନ ପରିସରରେ ପହଞ୍ଚିଥିଲେ। ଏଥିରେ ମହିଳା ବର୍ଗର ସସ୍ମିତା ଟିଗା, ସାମନ୍ତା ଗେନ୍, ଦୀପ୍ତି ରାଣୀ, ନାମ୍‌ସି ସାମଦ, ଇତିଶ୍ରୀ ମହାନ୍ତ, ବାହ୍ଲି ମୁର୍ମୁ, ରାଜେସୋରି ସିଂ ଓ ମିତା ଗୋଇପାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ପୁରୁଷ ବର୍ଗର ଅଶୋକ ଦଣ୍ଡସେନା, ଦୟାନିଧି ମୁଣ୍ଡା, ଅନୁପମ ମହାନ୍ତ, ପଞ୍ଚାନନ ବେହେରା, ପବନ କୁମାର ଯାଦବ, ଲାଲୁ କାଲୁନ୍ଦିଆ, ସୋରଜ ବେହେରା ଓ କ୍ୟାପ୍ଟେନ ପୂର୍ତ୍ତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ସ୍ଥାନ ଅଧିକାର କରିଥିଲେ। ଏହି ରାଲିରେ ଜିଲ୍ଲାପ୍ରଶାସନ, ପୁଲିସ ଏବଂ ମେଡିକାଲ ଟିମ୍ ସହଯୋଗ କରିଥିଲେ।

## ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିରକୁ ପ୍ରକୃତି ମିତ୍ର ଓ ଅରବିନ୍ଦ ମହାନ୍ତଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଜିଲ୍ଲା ସ୍ତରୀୟ ବନ୍ୟ ପ୍ରାଣୀ ସପ୍ତାହ ପାଳନ-୨୦୨୪-୨୫ କେନ୍ଦୁଝର ବନ୍ୟ ପ୍ରାଣୀ ଉପଖଣ୍ଡ ସମ୍ମିଳନୀ କକ୍ଷ, ଆନନ୍ଦପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନି ମାଝୀ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, କେନ୍ଦୁଝର ସହକାରୀ ବନ ସଂରକ୍ଷକ ଅଶୋକ କୁମାର ଦାଶ, କେନ୍ଦୁଝର ସହକାରୀ ବନ ସଂରକ୍ଷକ ଅଶୋକ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଏହି ଅବସରରେ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚମ୍ପୁଆକୁ ପ୍ରକୃତି ମିତ୍ର ଓ ଚମ୍ପୁଆ ଏନଏସି ଅନ୍ତର୍ଗତ ପାଞ୍ଚପୋଖରିଆ ଗ୍ରାମର ଅରବିନ୍ଦ ମହାନ୍ତଙ୍କୁ ପ୍ରକୃତି ବନ୍ଧୁ-୨୦୨୪ ପୁରସ୍କାର ପ୍ରଦାନ କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଛି। ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ସ୍ୱରୂପ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କୁ ପୁରସ୍କାର ବାବଦକୁ ନଗଦ କୋଡ଼ିଏ ହଜାର ଟଙ୍କା ଅର୍ଥ ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ଅରବିନ୍ଦ ମହାନ୍ତଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ବାବଦକୁ ଦଶ ହଜାର ଟଙ୍କା ଅର୍ଥ ରାଶି ସହିତ ମାନପତ୍ର ପ୍ରଦାନ କରାଯାଇଛି। ତେବେ ଶ୍ରୀ ଦାସ ଏବଂ ଶ୍ରୀ ମହାନ୍ତ ଶିକ୍ଷାବିତ୍, ଲେଖକ, କବି, ସଂଗଠକ, ପ୍ରକୃତିପ୍ରେମୀ ଭାବେ ଅଞ୍ଚଳରେ ବେଶ ପରିଚିତ ଥିବାରୁ ତାଙ୍କୁ ଓଡିଶା ସରକାରଙ୍କ ପକ୍ଷରୁ ମିଳିଥିବା ପ୍ରୋତ୍ସାହନ ପାଇଁ ଚମ୍ପୁଆର ବିଭିନ୍ନ ଅନୁଷ୍ଠାନ ସହିତ ବୁଦ୍ଧିଜୀବୀ ମହଲରୁ ଶୁଭେଚ୍ଛା ଓ ପ୍ରଶଂସାର ସୁଅ ଛୁଟିଛି।

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୯ ଅକ୍ଟୋବର ୨୦୨୪ ବୁଧବାର





# ନବରାତ୍ରିର ପଞ୍ଚମ ଦିନରେ ମା' ସୁରେଶ୍ୱରୀଙ୍କ ଭୈରବୀ ବେଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ମା' ସୁରେଶ୍ୱରୀ ଭୈରବୀ ବେଶ ଧାରଣ କରି ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି । ମାତାଙ୍କ ଏହି ସ୍ୱରୂପ ଦଶ ମହାବିଦ୍ୟା ମଧ୍ୟରେ ଏକ ପ୍ରମୁଖ ଅବତାର ଅଟେ ଏବଂ ଏହା ତ୍ରିପୁର ଭୈରବୀ ଭାବରେ ଖ୍ୟାତ ଅଟନ୍ତି । ଦେବୀ ଭାଗବତ ପୁରାଣ ଅନୁସାରେ ମାତା ଭୈରବୀ ହେଉଛନ୍ତି ମାତା ପାର୍ବତୀଙ୍କର ଏକ ଉଗ୍ରରୂପ । ଯେତେବେଳେ ଦେବ ଦେବ ମହାଦେବ ଧ୍ୟାନ ମୁଦ୍ରାରେ ରହିଥିଲେ ତାଙ୍କର ଧ୍ୟାନଭଗ୍ନ କରିବାରେ ମାତା ବିଫଳ ହୋଇ ଏହିଭଳିଆ ଉଗ୍ରରୂପ ଧାରଣ କରିଥିବା କଥା ପୁରାଣରେ ବର୍ଣ୍ଣିତ ହୋଇଛି । ଯାହାକି ପରବର୍ତ୍ତୀ ସମୟରେ ତାହା ଜଗତକଲ୍ୟାଣ ନିମନ୍ତେ ମଙ୍ଗଳ ସାଧିତ ହୋଇପାରିଥିଲା । ହିନ୍ଦୁ ଧର୍ମର



ମାନ୍ୟତା ଅନୁଯାୟୀ ମାତା ଭୈରବୀ ହେଉଛନ୍ତି ଏକ ପ୍ରମୁଖ ଦେବୀ ଏବଂ ମାତାଙ୍କୁ ତ୍ରିମୂର୍ତ୍ତିଙ୍କ ଠାରୁ ମଧ୍ୟ ଶ୍ରେଷ୍ଠତର ବୋଲି ବିବେଚନା କରାଯାଏ । ଆହୁରି ମଧ୍ୟ ଜଣାଯାଏ ନିଷ୍ଠା ଓ ଭକ୍ତିର ସହ ଯେଉଁମାନେ ମାତାଙ୍କୁ ପୂଜା ଆରାଧନା କରିଥାନ୍ତି ମାତା ତାଙ୍କୁ ଅଭୂତପୂର୍ବ ଶକ୍ତି ଓ ସିଦ୍ଧି ପ୍ରଦାନ କରିଥାନ୍ତି । ଜୀବନର ଗତିପଥରେ ରହି ଆସୁଥିବା ଝଡଝଞ୍ଜାର ଅବସାନ ସହ ଏକ ଶ୍ରେଷ୍ଠ ମଣିଷ ଭାବରେ ଉନ୍ନତିର ମାର୍ଗ ପ୍ରଶସ୍ତର କୃପା ଆଶିଷ ପ୍ରଦାନ କରଥାନ୍ତି । ତେଣୁ ଅନେକ ଆଶା, ଭରସା ଓ କୃପା ଆଶିଷ ଟିକକ ପ୍ରାପ୍ତ ନିମନ୍ତେ ନବରାତ୍ରି ସମୟରେ ମା' ସୁରେଶ୍ୱରୀଙ୍କ ପୀଠରେ ଦୁରଦୁରାନ୍ତରୁ ଭକ୍ତଙ୍କ ସମାଗମରେ ପୀଠରେ ଗହଳି ଦେଖିବାକୁ ମିଳୁଛି । ବିଶେଷ କରି ମା' ସୁରେଶ୍ୱରୀଙ୍କ ପୀଠରେ ନବଦିନ ବ୍ୟାପି ଶପ୍ତଶତୀ ଚଣ୍ଡୀ ଯଜ୍ଞ ମଧ୍ୟ ଅନୁଷ୍ଠିତ ହେଉଥିବା ଯୋଗୁଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଅପୂର୍ବ ଭିଡ ଲାଗିରହିଛି ।

# ଯୋଗ୍ୟତା ଥାଇ ନିଯୁକ୍ତି ପାଉନାହାଁନ୍ତି କନିଷ୍ଠ ବର୍ଗ ଶିକ୍ଷକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ତେଣ୍ଡାକୁଡାର ମିର ଅବ୍‌ଦୁଲ୍ ହାଫିଜ୍ କନିଷ୍ଠ ବର୍ଗ ଶିକ୍ଷକ ଭାବେ ଯୋଗ୍ୟତା ହାସଲ କରି ନିଯୁକ୍ତି ତାଲିକା ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ତାଙ୍କୁ ନିଯୁକ୍ତି ପତ୍ର ଦେଉନଥିବାରୁ ସେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଓ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ନିକଟରେ ଅଭିଯୋଗ କରିଛନ୍ତି । ମିର୍ ଅବ୍‌ଦୁଲ୍ ହାଫିଜ୍‌ଙ୍କ ବାପା ପଶ୍ଚିମବଙ୍ଗରେ ଚାକିରୀ କରୁଥିବାରୁ ସେଠାରେ ଶ୍ରୀ ହାଫିଜ୍ ପଶ୍ଚିମବଙ୍ଗରେ ମାଧ୍ୟମିକ ଶିକ୍ଷା ବୋର୍ଡ ଅଧିନରେ ମାଟ୍ରିକ୍ ପାସ୍ କରିବା ପରେ କଟକ ଷ୍ଟୁଆର୍ଡ କଲେଜରେ +୨ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହା ସହ ସ୍ୱତନ୍ତ୍ର ଭାବେ ଓଡ଼ିଆ ପରୀକ୍ଷା ଦେଇ ପାସ୍ କରିଥିବା ବେଳେ କନିଷ୍ଠ ଶିକ୍ଷକ ଭାବେ ଯୋଗ୍ୟତା ହାସଲ କରିଛନ୍ତି । ତେବେ ତାଙ୍କୁ ନିଯୁକ୍ତି ଦେବାରେ ବିଳମ୍ବ ହେଉଥିବାରୁ ଏହାର ସମାଧାନ ପାଇଁ ସେ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଆନ୍ଧ୍ରରୁ ଓଡ଼ିଶା ଚାଲାଣବେଳେ ୧.୬୧କୋଟି ଟଙ୍କାର ଗଞ୍ଜେଇ ଜବତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଆନ୍ଧ୍ର ପ୍ରଦେଶରୁ ଓଡ଼ିଶାକୁ ଲମ୍ବିଛି ଗଞ୍ଜେଇ ଚାଲାଣର ନେଟୱର୍କ । ମାଫିଆମାନେ ଧରା ନପଡ଼ିବା ପାଇଁ ବିଭିନ୍ନ ତରିକା ଆପଣାଉଛନ୍ତି । ଏଥର ଫଳ କ୍ରେଟ୍ ତଳେ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଡିରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ) ହାବୁଡ଼ରେ ପଡ଼ିଛନ୍ତି । ଆନ୍ଧ୍ରପ୍ରଦେଶର କ୍ରିଷ୍ଣାଭରମ୍ ଟୋଲ୍ ପ୍ଲାଜା ଗେଟ୍ ଭାଙ୍ଗି ମାଫିଆ ଫେରାର୍ ହେବାକୁ ଉଦ୍ୟମ କରୁଥିବା ବେଳେ ଡିଆରଆଇ ଟିମ୍ ତିନିଜଣ ମାଫିଆଙ୍କୁ କାବୁ କରିଛି । ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଗୋଟିଏ ଟ୍ରକ୍ ଓ ଏସ୍‌କର୍ଟ କାର୍‌କୁ ଜବତ କରିଛି । ଉଭୟ ଗାଡ଼ିରୁ ୮୦୮ କେଜି ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୬୧ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ଗିରଫ ତିନିଜଣଙ୍କ ମଧ୍ୟରେ ଦୁଇଜଣ ଓଡ଼ିଶାର ହୋଇଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଟ୍ରକ୍ ଚାଳକ ଆନ୍ଧ୍ର ପ୍ରଦେଶର ବୋଲି ଜଣାପଡ଼ିଛି । ଆଇନ୍ ବଳରେ ଆନ୍ଧ୍ରପ୍ରଦେଶର ସ୍ଥାନୀୟ କୋର୍ଟରେ ହାଜର କରାଯିବା ସହ ୧୨ ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଯାଇଛି । ସୂଚନା ମୁତାବକ, ଆନ୍ଧ୍ରରୁ ଓଡ଼ିଶାକୁ ଗଞ୍ଜେଇ ଚାଲାଣ ନେଇ ଗୁଇନ୍ଦା ସୂଚନା ମିଳିଥିଲା । କେହି ଯେପରି ଟେର୍ ପାଇବେ ନାହିଁ ସେଥିପାଇଁ ମାଫିଆମାନେ ଏକ ଟ୍ରକ୍‌ରେ ଫଳ କ୍ରେଟ୍ ତଳେ ଗଞ୍ଜେଇ ଆଣୁଥିଲେ । ଗୋଟିଏ ଟ୍ରକ୍‌କୁ ଏସ୍‌କର୍ଟ କରି ଏକ କାର୍ ଓଡ଼ିଶା ଆସୁଥିଲା । କ୍ରିଷ୍ଣାଭରମ୍ ଟୋଲ୍ ପ୍ଲାଜା ନିକଟରେ ପହଞ୍ଚିବା କ୍ଷଣି ଏସ୍‌କର୍ଟ କାର୍ ଧରାପଡ଼ିବା ଆଶଙ୍କା କରି ଦ୍ରୁତ ବେଗରେ ଟୋଲ୍ ପ୍ଲାଜା ଭାଙ୍ଗି ଖସି ପଳାଇବାକୁ ଉଦ୍ୟମ କରିଥିଲା । ଏସ୍‌କର୍ଟ କାର୍ ପଛରେ ଆସୁଥିବା ଟ୍ରକ୍‌କୁ ଟିମ୍ କାବୁ କରିବା ସହ ଏସ୍‌କର୍ଟ କାର୍‌କୁ ଧରିବା ପାଇଁ ଗୋଡ଼ାଇଥିଲା । କିଛି ବାଟ ଯିବା ପରେ ମାଫିଆ ଗାଡ଼ି ଛାଡ଼ି ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଟିମ୍ ଦୁଇ ମାଫିଆଙ୍କୁ ଧରିଥିଲା । ଜବତ ଦୁଇଟି ଗାଡ଼ିରୁ ପ୍ରାୟ ୮୦୮ କେଜି ଗଞ୍ଜେଇ ଜବତ ହୋଇଥିଲା ।

# ପର୍ଯ୍ୟଟକଙ୍କ ପାଇଁ ଅକ୍ଟୋବର ୧୦ରୁ ଖୋଲିବ ଶିମିଳିପାଳ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ଅକ୍ଟୋବର ୧୦ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟ ପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚନ୍ଦ ଗୋଗିନେନି ସୋମବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଦୈନିକ ଚରି ଚକିଆ ଯାନ କଳିଆଣି ତନ ଫାଟକ (ଯଶିପୁର) ପଟୁ ୩୫ ଗାଡି ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡି ଜଙ୍ଗଲ ଭିତରକୁ ପ୍ରବେଶ କରିବ ବୋଲି ସ୍ଥିରିକୃତ ହୋଇଛି । ସେହିପରି ଏଥର ତାଳବନ୍ଧ, ଜାମୁଆଣି ଓ ଗୁଡୁଗୁଡିଆ ସକାଳ ୫.୩୦ ଓ ଅପରାହ୍ନ ୩ଟାରେ ନୂତନ ୩୫ଟି ଖୋଲା ଜିପ୍ ବା ସଫାରୀ ଗାଡିରେ ୫ ଘଣ୍ଟା ଲେଖାଏଁ ବୁଲିବାର ମଜା ନେବେ । ପର୍ଯ୍ୟଟକ ଉକ୍ତ ଦୁଇ ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୬ଟା ରୁ ୯ଟା ପର୍ଯ୍ୟନ୍ତ ବୁକିଂ କାଉଣ୍ଟରରେ ଉପଲବ୍ଧ ରହିବ । ପ୍ରତି ପର୍ଯ୍ୟଟକଙ୍କ ପିଛା ପ୍ରବେଶ ଶୁଳ୍କ ଧାର୍ଯ୍ୟ




କରାଯାଇଥିବା ବେଳେ, ମାର୍ଗଦର୍ଶିକା ଅନୁପାଳନ ସହିତ ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ୍ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ନେବା ଉପରେ କଟକଣା ଜାରି କରାଯାଇଛି । ଶିମିଳିପାଳରେ ଥିବା ଯାତ୍ରୀ ନିବାସ ଗୁଡିକରେ ରାତ୍ରୀ ଯାପନ ପାଇଁ ପର୍ଯ୍ୟଟକ ମାନେ ୱେବ୍‌ସାଇଟ୍‌ରେ ଅଗ୍ରୀମ ବୁକିଂ କରିପାରିବେ । ପ୍ରକାଶଥାଉକି, ପ୍ରତିବର୍ଷ ବର୍ଷାଋତୁ ଯୋଗୁଁ ଜୁନ୍ ମାସ ୧୫ ତାରିଖରେ ଶିମିଳିପାଳ ବନ୍ଦ ହୋଇଥାଏ ଏବଂ ନଭେମ୍ବର ପହିଲାରେ ଖୋଲିଥାଏ । ତେବେ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଗତ ବର୍ଷ ଅକ୍ଟୋବର ୧୪ରୁ ଖୋଲିଥିଲା । ସେହିପରି ଚଳିତ ବର୍ଷ ୧୦ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଏହା ଖୋଲୁଛି । ଉକ୍ତ ଜୈବମଣ୍ଡଳରେ ପ୍ରାଣୀ, ପକ୍ଷୀ ଓ ସରୀସୃପଙ୍କ ପାଇଁ ଆବଶ୍ୟକୀୟ ବାତାବରଣ, ସନ୍ତୁଳିତ ପରିବେଶ, ଭୌଗୋଳିକ ସ୍ଥିତିର ଭିନ୍ନତାରେ ପର୍ଯ୍ୟାପ୍ତ ସବୁଜିମା ବୃକ୍ଷରାଜି ରହିଛି । ଯେଉଁଥିପାଇଁ ଏହା ଭାରତର ବାଘ, ଏସୀୟ ହାତୀ ଓ ଗୟଳ ପରି ତିନି ପ୍ରଜାତି ପ୍ରାଣୀର ବୃହତ୍ତ ବାସସ୍ଥଳୀ ହୋଇପାରିଛି । ଏଥିସହିତ ଏହି ଜୈବମଣ୍ଡଳରେ ହଜାରେ ପ୍ରଜାତିର ସପୁଷ୍ପକ ଉଦ୍ଭିଦ ସହିତ ୧୦୪ ପ୍ରଜାତିର ଅର୍କିଡ ଓ ବରେହିପାଣି, ଯୋରନ୍ଦା, ଉସକି, ଦେବକୁଣ୍ଡ, ସୀତାକୁଣ୍ଡ ଆଦି ଜଳପ୍ରପାତ ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରିଥାଏ । ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବା ପାଇଁ ଶିମିଳିପାଳ କର୍ତ୍ତୃପକ୍ଷ ଚଳିତ ବର୍ଷ ଦୁଃସାହସିକ କ୍ରୀଡା, ଜଙ୍ଗଲ ସଫାରୀ ଓ ମାଉଣ୍ଟେନ୍ ସାଇକେଲିଂ ଭଳି କିଛି ନୂଆ ଧରଣର କ୍ରୀଡାକୁ ସାମିଲ୍ କରିଛନ୍ତି । ତାଛଡା ଶିମିଳିପାଳ ଭିତରେ ଥିବା ବିଭିନ୍ନ ପରିବେଶ ପର୍ଯ୍ୟଟନ ସ୍ଥଳୀରେ ନେଚର୍ ଗେମିଙ୍ଗର ସୁବିଧା କରାଯାଇଛି । ପର୍ଯ୍ୟଟକମାନେ ପ୍ରତି ଗାଡ଼ିରେ ଜଣେ ବିଭାଗୀୟ ଗାଇଡଙ୍କୁ ନିୟମ ଅନୁଯାୟୀ ସାଙ୍ଗରେ ନେବାକୁ ପଡ଼ିବ । ସେହିପରି ବୁଲାବୁଲି ସାରି ଅପରାହ୍ନ ୩ଟା ପୂର୍ବରୁ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ, ୪ଟା ପୂର୍ବରୁ ଚହଲା ଏବଂ ୫ଟା ବେଳକୁ ପ୍ରସ୍ଥାନ ଗେଟ୍ ବାହାରକୁ ଆସିବାକୁ ନିର୍ଦ୍ଦେଶ ରହିଛି । କୌଣସି କାରଣବଶତଃ ଅଭୟାରଣ୍ୟ ମଧ୍ୟରେ ଗାଡ଼ି ଖରାପ ହେଲେ ପର୍ଯ୍ୟଟକ ମାନଙ୍କୁ ବାରିପଦା ଓ ଯଶିପୁର ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତରିତ କରାଇବା ନିମନ୍ତେ ଅଗ୍ରୀମ ୪ ହଜାର ଟଙ୍କା ଜମା ଦେବାକୁ ନିୟମ ରହିଛି । ରାତ୍ରି ରହଣି ପାଇଁ କୋର୍ ଏରିଆର ଜାମୁଆଣି, କୁମାରୀ, ରାମତୀର୍ଥ, ଗୁଡ଼ଗୁଡ଼ିଆ, ବରେହିପାଣି ଆଦି ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ କୁଆଁରୀ ଗାଁ ନିକଟରେ ବାଉଁଶ କୁଟୀର ବ୍ୟବସ୍ଥା ମଧ୍ୟ କରାଯାଇଛି । ରାତ୍ର ରହଣି ପାଇଁ ପର୍ଯ୍ୟଟକ ମାନେ ୱେବ୍‌ସାଇଟ୍‌ରେ ଅଗ୍ରୀମ ସଂରକ୍ଷଣ କରିବାକୁ ପଡ଼ିବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି । ସୁରକ୍ଷିତ ଭାବେ ପର୍ଯ୍ୟଟକ ଜଙ୍ଗଲ ପରିବେଶରେ କିପରି ଜଙ୍ଗଲୀ ବନ୍ୟଜନ୍ତୁଙ୍କ ଚଳ ପ୍ରଚଳକୁ ପାଖରୁ ନିରେଖି ଦେପାରିବେ ସେଥିପାଇଁ ସ୍ୱତନ୍ତ୍ର ରୁଟ୍ ପ୍ରସ୍ତୁତ କରାଯାଇଛି । ବିଶେଷକରି ଯୁବପିଢ଼ି ଓ ଛୋଟ ପିଲାଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହି ଦୁଃସାହସିକ କ୍ରୀଡାକୁ ଏଥିରେ ସାମିଲ୍ କରାଯାଇଛି । ଶିମିଳିପାଳ ବୁଲିବାକୁ ପର୍ଯ୍ୟଟକଙ୍କ ପାଇଁ ମିନିବସ୍‌ର ମଧ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଏହା ସହିତ ଅଭୟାରଣ୍ୟ ମଧ୍ୟରେ ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ଥିଲା ଯାହା ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ । ଚଳିତ ବର୍ଷ ପ୍ରକୃତିପ୍ରେମୀଙ୍କୁ କେତେ ଆକୃଷ୍ଟ କରୁଛି ତାହା ଦେଖିବାକୁ ବାକି ରହିଛି ।

# ପୂର୍ବତନ ମାଓବାଦୀ ନେତା କୁନୁ ବେହରାଙ୍କ ରହସ୍ୟଜନକ ମୃତ୍ୟୁ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ ଓ (ମାଓବାଦୀ) ଏସ୍‌ଏସ୍‌ର ପୂର୍ବତନ ଡିଭିଜିନାଲ୍ କମିଟି ସମ୍ପାଦକ କୁନୁ ଦେହେରୀ (୫୦)ଙ୍କର ରହସ୍ୟଜନକ ଅବସ୍ଥାରେ ମୃତ୍ୟୁ ହୋଇଛି । ପୋଲିସ କହିବାନୁସାରେ, ଘରେ ଥିବାବେଳେ ତାଙ୍କର ଅକସ୍ମାତ ମୃତ୍ୟୁ ହୋଇଛି । ଶରୀରରେ କୌଣସି କ୍ଷତ ଚିହ୍ନ ନାହିଁ କି ମୃତ୍ୟୁର କାରଣ ମଧ୍ୟ ସ୍ପଷ୍ଟ ନୁହେଁ । ଏ ସଂକ୍ରାନ୍ତରେ ନାକଟିଦେଉଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । କୁନୁ ୨୦୧୮ ମସିହା ଏପ୍ରିଲ୍ ମାସରେ ପୋଲିସ ପାଖରେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଥିଲେ । ମାଓବାଦୀଙ୍କ ସହ ତାଙ୍କର କୌଣସି ସମ୍ପର୍କ ନଥିବା ନାକଟିଦେଉଳ ଥାନାଧିକାରୀ ଝସକେତନ୍ ୨ ଭୋଇ ସୂଚନା ଦେଇଛନ୍ତି । କୁନୁ ଶ୍ରମିକ ଥିଲେ ଏବଂ ପତ୍ନୀଙ୍କ ସହିତ ଦେବଗଡ଼ ଜିଲ୍ଲା ରିଆମାଲ ଥାନା ଅନ୍ତର୍ଗତ ଜରାଗୁଳା ଗ୍ରାମସ୍ଥିତ ନିଜ ଶ୍ୱଶୁରଙ୍କ ଘରେ ରହୁଥିଲେ । ସମ୍ବଲପୁର ଜିଲ୍ଲା ଯୁଯୁମୁରା ଥାନା ଟାମ୍ପରସିଂହା ଗ୍ରାମର ଆଦିବାସୀ ଯୁବକ କୁନୁ ଦେହେରୀ ପିଲାଦିନରୁ ଥିଲେ ବାପା, ମା' ଛେଉଣ୍ଡ । ଦୁଇ ବଡ଼ ଭଉଣୀଙ୍କ ସହଯୋଗରେ ସପ୍ତମ ଶ୍ରେଣୀ ଯାଏ ପଢ଼ିବା ପରେ ଦିନ ମଜୁରିଆ ଭାବରେ କାର୍ଯ୍ୟ କରୁଥିଲେ । ୧୯୯୮ ମସିହାରେ ପଶ୍ଚିମ ଓଡ଼ିଶାରେ ମାଓବାଦୀ ଦଳର ପ୍ରତିଷ୍ଠା ପାଇଁ ଏମ୍‌ସିସିର ରାଜ୍ୟ କମିଟି ସଦସ୍ୟ ଦାମଦେଓ ପତ୍ନୀ ଏଲିନା ସହିତ ସମ୍ବଲପୁର ଜିଲ୍ଲାର କେଶାପାଲିକୁ ଆସିଥିଲେ । ଏହି ସମୟରେ ଶ୍ରମିକ ଶୋଷଣ, କେନ୍ଦୁପତ୍ର କର୍ମଚାରୀଙ୍କୁ ପ୍ରାପ୍ୟ, ସ୍ଥାନୀୟ ଅଞ୍ଚଳର ସମସ୍ୟା ଏବଂ ନିର୍ଯ୍ୟାତନା ବିରୋଧରେ ସ୍ୱର ଉତ୍ତୋଳନ କଥା କହି ସ୍ଥାନୀୟ ଯୁବକମାନଙ୍କୁ ଦଳରେ ସାମିଲ୍ କରିଥିଲେ । ସେତେବେଳେ ୨୧ ବର୍ଷ ବୟସର କୁନୁ ନକ୍ସଲ ସଙ୍ଗଠନରେ ସାମିଲ୍ ହୋଇଥିଲେ । ଘଟଣାଚକ୍ରରେ ୨୦୦୩ ମସିହାରେ ଘଟିଥିବା ପୂର୍ବତନ ସରପଞ୍ଚ କାଦର ସିଂଙ୍କ ହତ୍ୟାକାଣ୍ଡର ଅଭିଯୁକ୍ତ ହୋଇଯାଇଥିଲେ କୁନୁ । ପୋଲିସ ସୂଚନା ଅନୁସାରେ, କୁନୁ ସମ୍ବଲପୁର-ଦେବଗଡ଼-ସୁନ୍ଦରଗଡ଼ (ଏସ୍‌ଡିଏସ୍) କମିଟିର ଶୀର୍ଷ ମାଓବାଦୀ ସଦସ୍ୟ ଥିଲେ । ତାଙ୍କ ବିରୋଧରେ ୫୧ଟି ବିଭିନ୍ନ ମାମଲା ରହିଥିଲା । ୨୦୧୮ ମସିହା ଏପ୍ରିଲ ମାସରେ ଆତ୍ମସମର୍ପଣ କରି କିଛି ଦିନ ଜେଲ୍‌ରେ ରହିବା ପରେ ମୁକୁଳିଥିଲେ । ପୋଲିସ ପକ୍ଷରୁ ତାଙ୍କୁ ଚାକିରି ପ୍ରତିଶ୍ରୁତି ଦିଆଯାଇଥିଲା । ପ୍ରଥମେ ନିଜ ଘର ଟାମ୍ପରସିଂହା, ପରେ ଶ୍ୱଶୁର ଘର ଜରାଗୁଳାକୁ ଭାବେ ପରେ ଆସି ଶ୍ରମିକ ଜୀବିକା ନିର୍ବାହ କରୁଥିଲେ । ଆତ୍ମସମର୍ପଣ କେବେ କେମିତି ବିଭିନ୍ନ ସାମାଜିକ ସଙ୍ଗଠନ ବୈଠକରେ ସାମିଲ୍ ହେଉଥିଲେ ମଧ୍ୟ ତାଙ୍କ ଜୀବନ ସମ୍ପୂର୍ଣ୍ଣ ଭାବରେ ପରିବାର କେନ୍ଦ୍ରୀଭୂତ ଥିଲା ବୋଲି ମେଘପାଲ ଗାଁର ଅଧିବାସୀ କହିଛନ୍ତି । ମାଓବାଦୀ ଦଳରେ ଥିବାବେଳେ ହିଁ ସେ ଜରାଗୁଳା ଗ୍ରାମର ଅନିତାଙ୍କୁ ବିବାହ କରିଥିଲେ । ବର୍ତ୍ତମାନ ତାଙ୍କର ୧୯ ବର୍ଷର ଗୋଟିଏ ପୁଅ ଅଛି ।



# ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବୋମା ଫୁଟି ବଳଦ ଗୁରୁତର

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବାରାହା ଶିକାର ପାଇଁ ବିଛା ଯାଇଥିବା ବୋମା ଫୁଟି ଏକ ବଳଦ ଗୁରୁତର ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ତେଲକୋଇ ରେଞ୍ଜ କୁଲାଡେରା ଗାଁ କେନ୍ଦୁଆଦରି ସାହିରେ । ଗୋରୁ ଚରୁଥିବା ବେଳେ ପାଟିରେ ବୋମା ଫୁଟି ଯାଇଥିଲା । ଗୋରୁର ମୁହଁଟି ପୁରା ନଷ୍ଟ ହୋଇଯାଇଛି । ପାଟିର ଜିଭ ଛିଡି ଯିବା ସହ ଦାନ୍ତ ମଧ୍ୟ ଛିଡି ତଳେ ପଡ଼ିଛି । ସୂଚନା ଅନୁଯାୟୀ ଗୋରୁ ଚରାଳି ରମେଶ ମହାକୁଡ଼ ରେବତୀ ମହାକୁଡ଼ଙ୍କ ବଳଦକୁ ସବୁଦିନ ଭଳି ଚରାଇବାକୁ ଆଣିଥିଲେ । କୁଲାଡ଼ୁରା ଗାଁର କେନ୍ଦୁଆଦରି ସାହି ନିକଟ ଏକ ପଡ଼ିଆରେ ବଳଦଟି ଚରୁଥିବା ବେଳେ ପାଟିରେ ବୋମାଟି ଫୁଟିଥିଲା । ଫଳରେ ବଳଦଟି ଗୁରୁତର ହୋଇପଡ଼ିଛି । ବାରାହା ଶିକାର ପାଇଁ ପଡ଼ିଆରେ ଯାଇଥିବା ରାସ୍ତା ଉପରେ ବୋମାକୁ ରଖାଯାଇଥିଲା । ବୋମା ଫୁଟି ବଳଦ ଗୁରୁତର ହୋଇଛି । ହେଲେ ରାସ୍ତା ଉପରେ ଥିବା ବୋମା ଉପରେ ଯଦି ମଣିଷ ପାଦ ପଡିଥାନ୍ତା ତାହେଲେ ବଡ଼ ଅଘଟଣ ଘଟିବା ନିଶ୍ଚିତ ଥିଲା । ଏଭଳି ଶିକାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରେବତୀ ମହାକୁଡ଼ ଦାବି କରିଛନ୍ତି ।

## ||||||||||||||||| ପ୍ରଫେସର ବାଉରୀବନ୍ଧୁ କର ସ୍ମାରକୀ ସାରସ୍ୱତ ସମାରୋହ |||||||||||||||||

# ଓଡ଼ିଆ ସଂସ୍କୃତିର ସୁରକ୍ଷା ନେଇ ଆଇନ୍‌ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

**କେନ୍ଦୁଝର, ନ୍ୟୁଜ୍**

ପ୍ରଫେସର ବାଉରୀବନ୍ଧୁ କରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର ପ୍ରାୟୋଜିତ ଓ ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର ଦ୍ୱାରା ଆୟୋଜିତ ଚତୁର୍ଥ ରାଜ୍ୟ ସ୍ତରୀୟ ପ୍ରଫେସର ବାଉରୀବନ୍ଧୁ କର ସ୍ମାରକୀ ସାରସ୍ୱତ ସମାରୋହ ଓ ଜାତୀୟ ଆଲୋଚନା ଚକ୍ର ସୋମବାର ଧରଣୀଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଆଇନ୍, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଲୋଚନା ଚକ୍ରକୁ ଉଦ୍ଘାଟନ କରିଥିଲେ । ଆରମ୍ଭରୁ ମଞ୍ଚାସିନ ଅତିଥିବୃନ୍ଦ ମାଆ ତାରିଣୀ ଓ ଦିବଂଗତ ବାଉରୀବନ୍ଧୁ କରଙ୍କ ଚିତ୍ରପଟରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସମାରୋହର ଶୁଭାରମ୍ଭ କରିଥିଲେ । ଗବେଷଣା ପ୍ରତିଷ୍ଠାନର ସମ୍ପାଦକ ଡ. ସୁରେଶ ଚନ୍ଦ୍ର ଦାସ ତଥା କୋହ୍ଲଣ ବିଶ୍ୱବିଦ୍ୟାଳୟର ପ୍ରଫେସର ଏହି ଅବସରରେ ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ସ୍ମାରକୀ ସମାରୋହ ପ୍ରାରମ୍ଭରେ ମଞ୍ଚାସୀନ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନଙ୍କୁ ଗବେଷଣା ପ୍ରତିଷ୍ଠାନ ତରଫରୁ କୁଳପତି ଓ ବାଉରୀବନ୍ଧୁ କରଙ୍କ ସୁପୁତ୍ର ଶୁଭାଶିଷଙ୍କ ଦ୍ୱାରା ସ୍ମୃତିଫଳକ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଚଳିତ ବର୍ଷର ବାଉରୀବନ୍ଧୁ କର ପ୍ରବନ୍ଧସମ୍ମାନ ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ. ଜ୍ଞାନୀଦେବାଶିଷ ମିଶ୍ରଙ୍କୁ ପ୍ରଦାନ



କରାଯାଇଥିଲା । ବିଶ୍ୱବିଦ୍ୟାଳୟର ଦୁଇଜଣ ବିଦ୍ୟାର୍ଥୀ ବର୍ଷାରାଣୀ ବାରିକ୍ ଓ ପବିତ୍ର ମହାକୁଡଙ୍କୁ ବାଉରୀବନ୍ଧୁ କର ଛାତ୍ରବୃତ୍ତି ସମ୍ମାନ ବାବଦକୁ ମାନପତ୍ର ଓ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା । ପରେ ନିଜ ଅଭିଭାଷଣରେ ମୁଖ୍ୟ ଅତିଥି, ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଭାରତର ନୂତନ ଶିକ୍ଷା ନୀତି, ମାତୃଭାଷାର ବିକାଶ ଓ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ଓଡ଼ିଆ ସଂସ୍କୃତିର ସୁରକ୍ଷାରେ ସରକାରଙ୍କ ସହିତ ଜନସାଧାରଣ ଓ ଛାତ୍ରଛାତ୍ରୀ ମାନଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ । ଏହି ଅବସରରେ କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଜ୍ଞାନ ଆହରଣ ଯେତିକି ଗୁରୁତ୍ୱପୂର୍ଣ୍ଣ ତାର ଉପଯୁକ୍ତ ବିନିଯୋଗ ଓ ଅନ୍ୟାୟର ପ୍ରତିବାଦ ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଜ୍ଞାନୀଗୁଣି ମାନଙ୍କୁ ଏହି ଦିଗରେ ଚିନ୍ତା କରିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ସମ୍ମାନିତ ଅତିଥିଭାବେ ଯୋଗଦେଇ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ପ୍ରଫେସର ବାଉରୀବନ୍ଧୁ କରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ବ୍ୟକ୍ତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ବାଉରୀବନ୍ଧୁ କରଙ୍କ ଅତୁଳନୀୟ ଅବଦାନ, ତାଙ୍କ ଜୀବନ ସଂଘର୍ଷ ଓ ସଫଳତାର କଥା ବଖାଣି ଥିଲେ । ମୁଖ୍ୟବକ୍ତା ତଥା ବିଶିଷ୍ଟ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ ଉଦ୍ଘାଟନୀ ସମାରୋହକୁ ନିଜ ଧନ୍ୟବାଦ ପ୍ରସ୍ତାବ ମାଧ୍ୟମରେ ଶେଷ ସ୍ପର୍ଶ ଦେଇଥିଲେ । ପ୍ରଫେସର ବାଉରୀବନ୍ଧୁ କରଙ୍କ ସୁପୁତ୍ରୀ ଡ. ଶୁଭଶ୍ରୀ କର ପରେ ପରେ ଆରମ୍ଭ ହୋଇଥିଲା ଜାତୀୟ ଆଲୋଚନା ଚକ୍ର 'ଓଡ଼ିଆ ସାହିତ୍ୟକୁ ପ୍ରଫେସର ବାଉରୀବନ୍ଧୁ କରଙ୍କ ଅବଦାନ' ।

# ପଣ୍ୟ ପରିଚାଳନାରେ ପାରାଦୀପ ବନ୍ଦରର ନୂତନ କୀର୍ତ୍ତିମାନ ସ୍ଥାପନ



**ପାରାଦୀପ, ନ୍ୟୁଜ୍ ବ୍ୟୁରୋ**

ପାରାଦୀପ ବନ୍ଦର ପ୍ରାଧିକରଣ ତାର ନିରନ୍ତର ଉତ୍ସର୍ଗୀକୃତ ଓ ଉତ୍କର୍ଷ କାର୍ଯ୍ୟ ଦକ୍ଷତା ପାଇଁ ପଣ୍ୟ ପରିଚାଳନାରେ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଚଳିତ ଅକ୍ଟୋବର ୬,୨୦୨୪ ସୁଦ୍ଧା, ବନ୍ଦର ଚଳିତ ଆର୍ଥିକ ବର୍ଷରେ ୭୫.୧୭ ମିଲିୟନ ମେଟ୍ରିକ୍ ଟନ୍ (ଏମ୍ଏମ୍‌ଟି) ମାଲ୍ ପରିବହନ କରିଛି । ଯାହା ପୂର୍ବ ଆର୍ଥିକ ସମୟ ସୀମା ଠାରୁ ୧୨ ଦିନ ପୂର୍ବରୁ ଏହି ମାଇଲଖୁଣ୍ଟ ସ୍ଥାପନ ହୋଇଛି । ଏହି ଉଲ୍ଲେଖନୀୟ ସଫଳତା ଉପରେ ନିଜର ମନ୍ତବ୍ୟରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ କହିଛନ୍ତି, ଏହି ସଫଳତା ଟିମ୍ ପିପିଏର କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତାର ପ୍ରମାଣ ଅଟେ । ଯେଉଁମାନେ କ୍ରମାଗତ ଭାବରେ କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି କରିବାକୁ ଚେଷ୍ଟା କରିଆସୁଛନ୍ତି ଏହି ସଫଳତା କେବଳ ପାରାଦୀପ ବନ୍ଦରର ଭାରତର ସାମୁଦ୍ରିକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ହବ୍ ଭାବରେ ବୃଦ୍ଧି ପାଉଥିବା ଭୂମିକାକୁ ଆଲୋକିତ କରେ ନାହିଁ ବରଂ ଦେଶର ଏକ ନମ୍ବର ପ୍ରମୁଖ ବନ୍ଦର ଭାବରେ ଏହାର ପ୍ରତିଷ୍ଠାକୁ ଦୃଢ଼ିମନ୍ତ କରେ । ପାରାଦୀପ ବନ୍ଦରର ଭିତ୍ତିଭୂମି ବୃଦ୍ଧି, ଶୃଙ୍ଖଳିତ କାର୍ଯ୍ୟ ଶୈଳୀ ଏବଂ ଏହାର ହିତାଧିକାରୀମାନଙ୍କୁ ଉତ୍ତମ ସେବା ପାଇଁ ବୈଷୟିକ ବ୍ୟବସ୍ଥା ଉପରେ କ୍ରମାଗତ ଭାବରେ ଗୁରୁତ୍ୱ ଦେଇଆସିଛି । ନିର୍ଦ୍ଧାରିତ ସମୟ ପୂର୍ବରୁ ପଣ୍ୟ ପରିଚାଳନା ଲକ୍ଷ୍ୟକୁ ଅତିକ୍ରମ କରି ବିଭିନ୍ନ ବାଣିଜ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି ହୋଇ ବିଭିନ୍ନ ପ୍ରକାରର ପଣ୍ୟ ପରିବହନ ପାଇଁ ପାରାଦୀପ ବନ୍ଦରର ଦକ୍ଷତା ଓ କ୍ଷମତା ବୃଦ୍ଧିକୁ ସୂଚିତ କରେ । ଏହି କାର୍ଗୋ ପରିଚାଳନା ମାଇଲଖୁଣ୍ଟ ପ୍ରାରମ୍ଭିକ ସଫଳତା ବନ୍ଦର ପାଇଁ ଏକ ନୂତନ ମାନଦଣ୍ଡ ସ୍ଥିର କରେ, ଯାହା ଏହି ଅଞ୍ଚଳରେ ଏହାର ରଣନୈତିକ ଗୁରୁତ୍ୱ ଏବଂ ଆନ୍ତର୍ଜାତୀୟ ବାଣିଜ୍ୟକୁ ସୁଗମ କରିବାରେ ଏହାର ପ୍ରମୁଖ ଭୂମିକାକୁ ପ୍ରତିଫଳିତ କରିଥାଏ । ସାମୁଦ୍ରିକ ଶିଳ୍ପରେ ପାରାଦୀପ ବନ୍ଦର ନୂତନ ମାଇଲ୍ ଖୁଣ୍ଟ ସ୍ଥାପନ କରିବାକୁ ଅଗ୍ରସର ହେଉଥିବା ନେଇ ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ବୃ ୧୦ମ | ୮ | ରା୭ ଶୁ୬ |
| ୧୧ | ୧୯ / ୯ | ୫ |
| ୧୨ ଚନ୍ଦ୍ରକେଲ | ୨ଶୁ | ୮୪ ୩ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୯।୧୦।୨୦୨୪, ଆଶ୍ୱିନ ଦି୨୪ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୯।୩୬** **ଚନ୍ଦ୍ରୋଦୟ- ଦିଘ ୧୧।୦୮।୪୮**

**ଷଷ୍ଠୀ-** ଦିଘ ୧୨।୧୫ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର-** ନିଶାନ୍ତ ଘ୫।୧୫ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୧୨।୧୫ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୩ ଗତେ ଘ ୮।୦୩ ମଧ୍ୟେ । ଦିଘ ୧।୩୦ ଗତେ ଘ ୩।୫୦ ମଧ୍ୟେ । **ପର୍ବୋତ୍ସବ-** ତପଃ ଷଷ୍ଠୀ, ମୃଣ୍ମୟୀ ଦୁର୍ଗାଙ୍କ ଷଷ୍ଠ୍ୟାଦି କଳ୍ପ, ବିଲ୍ୱ ବରଣୋତ୍ସବ, ପୀଠେ ସପ୍ତମୀ, ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ ।



**ମେଷ:** ମନରେ ଭକ୍ତିଭାବ ଆସିବ । ସାର୍ବଜନୀନ କାର୍ଯ୍ୟ ବା ସେବା ପୂଜାରେ ଯୋଗଦାନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଲାଭ ହେବାର ସୂଚନା ।



**ବୃଷ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । କର୍ମକ୍ଳାନ୍ତିରୁ କର୍ମହାନୀର ଆଶଙ୍କା । ରୋଜଗାରରେ ବାଧା ଦେଖାଦେବ । ଦୂରଯାତ୍ରା କରି ଅଶାନ୍ତି ଦେଖାଦେବ । ଗୃହେ ଜଞ୍ଜାଳ ବଢ଼ିବାର ସୂଚନା ମଧ୍ୟ ରହିଛି ।



**ମିଥୁନ:** କୌଣସି ଶୁଭ କାର୍ଯ୍ୟରେ ଯୋଗଦାନ କରି ଆନନ୍ଦ ଉତ୍ସବରେ ମାତିବେ । ବନ୍ଧୁ ମିଳନ ଯୋଗ ରହିଛି । ଦୂରଯାତ୍ରା କରିପାରନ୍ତି । ପରିବାରରେ ଆନନ୍ଦ ବିରାଜମାନ କରିବ । ଆୟ ଓ ବ୍ୟୟ ସମାନ ରହିବ ।



**କର୍କଟ:** ସହକର୍ମୀ ବା ପଦସ୍ଥ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଶଂସା ଲାଭ କରିବେ । ଦୁଃସାହସିକ କାର୍ଯ୍ୟ କରିବେ । ଆୟରେ ଉନ୍ନତି ହେବ । ପରିବାରରେ ସୁଖ ଶାନ୍ତି ମିଳିବ । ଦେହ ଭଲ ରହିବ । ମହିଳାମାନେ ସୁଖୀ ହେବେ ।



**ସିଂହ:** ସହକର୍ମୀ ମାନଙ୍କ ଅସହଯୋଗରୁ କର୍ମହାନୀର ଆଶଙ୍କା । ଅନ୍ୟମାନଙ୍କ ପାଖରେ ଅପଦସ୍ତର ଶିକାର ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ନିଷ୍ଫଳ ଦେଖାଦେବ । ମହିଳାମାନେ ଆନନ୍ଦିତ ହେବେ ।



**କନ୍ୟା:** ମନରେ ବିରକ୍ତି ତଥା ଅଶାନ୍ତି ଲାଗି ରହିବାର ଆଶା । କର୍ମକ୍ଷେତ୍ରରେ କାର୍ଯ୍ୟ ହାନୀର ସୂଚନା । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ସୁଖ ଶାନ୍ତି ଲାଭ ହେବ । ଶରୀର ସୁସ୍ଥ ରହିବ ।



**ତୁଳା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । କର୍ମହାନୀ ସହିତ ଖର୍ଚ୍ଚର ପରିମାଣ ଅଧିକ ହେବ । ଘରେ ଅସହଯୋଗ ଦେଖାଦେବ । ଠକାମିରେ ପଡ଼ିପାରନ୍ତି । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**ବିଛା:** କୌଣସି କାର୍ଯ୍ୟ ପ୍ରତି ମମତା ଆସିବ ନାହିଁ । ମନରେ ଘୃଣା ଭାବ ଜାଗ୍ରତ ହେବ । ଦୂରଯାତ୍ରାରେ କଷ୍ଟ ବୃଦ୍ଧି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆଶ୍ୱସ୍ତି ଲାଭ କରିବେ । ମହିଳାମାନେ ଗର୍ବୀ ହେବେ ।



**ଧନୁ:** ଦୂରଯାତ୍ରା କରି ବହୁ ସଫଳ ଲାଭ କରିବେ । କର୍ମକ୍ଷେତ୍ରରେ ସୌଜନ୍ୟତା ପ୍ରାପ୍ତି ହେବ । ରୋଜଗାରରେ ସାମାନ୍ୟ ଉନ୍ନତି । ପରିବାରରେ ସାହାଯ୍ୟ ଓ ସହଯୋଗ ଲାଭ କରିବେ । ଦେହ ଭଲ ରହିବ ।



**ମକର:** ଅତୀତ ଘଟଣା ପାଇଁ ଅନୁତପ୍ତ ହେବେ । ନାନା କାରଣ ପାଇଁ ଚିନ୍ତା ବଢ଼ିବ । ରୋଜଗାରରେ ସାମାନ୍ୟ ଉନ୍ନତି ହେବ । ପରିବାରରେ ପାରସ୍ପରିକ ଆଲୋଚନାରୁ ଆନନ୍ଦ ଲାଭ ହେବ । ମହିଳାମାନେ ଖୁସି ହେବେ ।



**କୁମ୍ଭ:** ହଠାତ୍ ବିଷର୍ଣ୍ଣ ବୃଦ୍ଧି ହେବ । କୌଣସି ଦୁର୍ଘଟଣା ପାଇଁ ଚିନ୍ତା ବଢ଼ିବ । ଆୟରେ ବାଧା ସୃଷ୍ଟି ହେବ । ବିରକ୍ତି ଆସିବ । ପରିବାରରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ । ଶରୀର ଅସୁସ୍ଥ ରହିବାର ସୂଚନା ।



**ମୀନ:** ଦୂରଯାତ୍ରା କରି ଫଳବତୀ ହେବେ । ବନ୍ଧୁ ସହଯୋଗ ମିଳିବ । ନିଜ କର୍ମ ପାଇଁ ପ୍ରଶଂସିତ ହେବେ । ସୁଖ ସମ୍ମାନ ପ୍ରାପ୍ତି ହେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ରହିବାର ସୂଚନା ।

# ମା' ତାରିଣୀ ମନ୍ଦିର ନିକଟରେ ନିଆଁ ଲାଗି ଜଳିଗଲା ୮ ଦୋକାନ

**ଘଟଗାଁ, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ମନ୍ଦିର ନିକଟରେ ଥିବା ଭୋଗ ଦୋକାନ ଗୁଡିକରେ ଲାଗିଲା ନିଆଁ । ନିଆଁ ଲାଗି ପ୍ରାୟ ୮ ଦୋକାନ ଜଳିପୋଡି ନଷ୍ଟ ହୋଇଯାଇଛି । ୮ଟି ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡିଯାଇଛି । ସୂଚନା ଅନୁଯାୟୀ ସୋମବାର ରାତି ପ୍ରାୟ ୯.୩୦ରେ ତାରିଣୀ ମନ୍ଦିର ୩ ନମ୍ବର ଗେଟ୍ ନିକଟରେ ଥିବା ଭୋଗ ଦୋକାନ ଗୁଡିକରେ ହଠାତ୍ କୌଣସି କାରଣ ବଶତଃ ନିଆଁ ଲାଗିଯାଇଥିଲା । ନିଆଁ ହଠାତ୍ ବ୍ୟାପିବାରେ ଲାଗିଲା । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୦।୧୦।୨୦୨୪, ଆଶ୍ୱିନ ଦି୨୫ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୩୯।୫୨** **ଚନ୍ଦ୍ରୋଦୟ- ଦିଘ ୧୨।୦୫।୨୨**

**ସପ୍ତମୀ-** ଦିଘ ୧୨।୩୨ ପର୍ଯ୍ୟନ୍ତ । **ପୂର୍ବାଷାଢ଼ା-** ନିଘ ୫।୪୧ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧୨।୩୨ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୩ ଗତେ ଘ୭।୧୬ ମଧ୍ୟେ । ସଂଘ ୬।୧୩ ଗତେ ରାଘ ୯।୩୦ ମଧ୍ୟେ । **ପର୍ବୋତ୍ସବ-** ପୀଠେ ମହାଷ୍ଟମୀ, ମୃଣ୍ମୟୀଙ୍କ ମହାସପ୍ତମୀ ପୂଜା, ଭାଇ ଜିଉନ୍ତିଆ ପର୍ବ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୬ ବର୍ଷରେ ସୁନା ୪୬ ପ୍ରତିଶତ ବୃଦ୍ଧି

ସୁନା ଗହଣାର ଲୋଭ ସମସ୍ତଙ୍କର ରହିଛି। ବିଶେଷ କରି ମହିଳାମାନେ ଅଳଙ୍କାର ଆକାରରେ ସୁନା କିଣିବାକୁ ଅଧିକ ପସନ୍ଦ କରନ୍ତି। ବିବାହ ବେଳେ ମଧ୍ୟ ସୁନା ଗହଣା ଉପହାର ଦେବାର ପରମ୍ପରା ରହିଛି। ତେବେ ସୁନାକୁ କେବଳ ସାଧାରଣ ଲୋକମାନେ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ବି ବହୁତ ପସନ୍ଦ କରୁଛି। ସେଥିପାଇଁ ଏହା ଚଳିତ ବର୍ଷର ପ୍ରଥମ ଦୁଇ ମାସରେ ୧୩.୩ ଟନ୍ ସୁନା କିଣି ଏହାର ଭଣ୍ଡାର ଭର୍ତ୍ତି କରିଛି। ସୁନା ମୂଲ୍ୟ ଏବେ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି। ସ୍ଥାନୀୟ ବଜାରରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୩ ହଜାର ଟଙ୍କା ସ୍ତର ଅତିକ୍ରମ କରିଛି। ଅନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୨୪୦୦ ଡଲାରରୁ ଅଧିକ ରହିଛି। ଏଭଳି ଏକ ସମୟରେ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଅଧିକ ସୁନା ଭର୍ତ୍ତି କରି ମୁଦ୍ରା ଭଣ୍ଡାରକୁ ଆହୁରି ସଶକ୍ତ କରିବା ଦିଗରେ କାମ କରୁଛି। ବୈଦେଶିକ ମୁଦ୍ରା ଭଣ୍ଡାରରେ ବିବିଧତା ଆଣିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନାର ଏକ ସ୍ୱତନ୍ତ୍ର ଭଣ୍ଡାର ରଖିଛି। ବିଶେଷ କରି ଆମେରିକୀୟ ଡଲାରରେ ଅସ୍ଥିରତା ଭଳି ଅଭାବନୀୟ ସମୟର ମୁକାବିଲା କରିବାରେ ସେହି ସୁନା କାମରେ ଆସିବ। ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ଚଳିତ ୫ ମାସରେ ରେକର୍ଡ ୬୪,୮୦ କୋଟି ଡଲାରକୁ ବୃଦ୍ଧି ପାଇଥିଲା। ୨୦୨୩ରେ ରିଜର୍ଭ ବ୍ୟାଙ୍କ ବର୍ଷ ସାରାରେ ଯେତିକି ସୁନା କିଣିଥିଲା, ତାହାର ୮୦ ପ୍ରତିଶତ ସୁନାକୁ ଏହା ଚଳିତ ବର୍ଷରେ କିଣିଛି। କିଛି ଦିନ ପୂର୍ବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ଆମେ ବିଭିନ୍ନ ବିଷୟ ବିଚାରକୁ ନେଇ ବୈଦେଶିକ ମୁଦ୍ରା ଭଣ୍ଡାରକୁ ବଢ଼ାଇବା ନିଷ୍ପତ୍ତି ଗ୍ରହଣ କରୁଛୁ। ଭଣ୍ଡାରରେ ବିବିଧତା ଆଣିବା ଲାଗି ୨୦୧୭ ଡିସେମ୍ବର ପରଠାରୁ ରିଜର୍ଭ ବ୍ୟାଙ୍କ ବ୍ୟାପକ ସୁନା କିଣୁଛି। ୨୦୧୭ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ପାଖରେ ୧୭.୯୪ ନିୟୁତ ଟ୍ରୟ ଆଉନ୍ସ ସୁନା ଥିଲା। ୨୦୨୪ ତାହା ୨୬.୨୬ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି। ଗତ ୬ ବର୍ଷ ଭିତରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି ଘଟିଛି। କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ନୁହେଁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ରହିଛି।

# ଶ୍ରୀକ୍ଷେତ୍ରରେ ଗୋସାଣୀ ଯାତ୍ରା



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫


ପୁରୀ ଗୋସାଣୀ ଯାତ---ନାଗାମୂର୍ତି


ଜହ୍ନିଖାଇ ଗୋସାଣୀ


ବାରବାଟି ଗୋସାଣୀ


ମଣିକର୍ଣ୍ଣିକା ସାହିର ବନଦୁର୍ଗା (ମହିଷାସୁରର ନିଧନ ନିମନ୍ତେ ଆବିର୍ଭୂତ ଦୁର୍ଗାଙ୍କୁ ପାଛୋଟି ନେଉଛନ୍ତି ଭଗବାନ ବିଷ୍ଣୁ ଓ ମହାଦେବ। ବଣରେ ବନଦୁର୍ଗାଙ୍କ ପାଦରୁ କଂଟା କାଢୁଛନ୍ତି ଭଗବାନ ବିଷ୍ଣୁ )


ଦେବ ଦେବ ମହାଦେବଙ୍କୁ ଲଙ୍କାଗଡରେ ସ୍ଥାପନ କରିବା ନିମନ୍ତେ ରାବଣ କୈଳାସ ପର୍ବତକୁ ନିଜ ମସ୍ତକରେ ଟେକି ନେଇଯାଉଛି।


ମାର୍କଣ୍ଡେଶ୍ୱର ସାହିର ସଂପାତି ଚଢେଇ ପିଠିରେ ବସି ଲଙ୍କାଗଡକୁ ନୀରିକ୍ଷଣ କରୁଛନ୍ତି ବାନର ସେନା



ସିଂହଦ୍ୱାରଠାରେ ଗୋସାଣୀ ମେଳନ

ପୁରୁଷୋତ୍ତମ କ୍ଷେତ୍ର ଶାକ୍ତ ଉପାସନାର ଏକ ପ୍ରଧାନ ପୀଠ। ଆଦି ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିରର ମା' ବିମଳାଙ୍କୁ ଶ୍ରୀକ୍ଷେତ୍ରର 'କ୍ଷେତ୍ରେଶ୍ୱରୀ' ରୂପେ ଘୋଷଣା କରିଥିଲେ। ସେହି ଶାକ୍ତ ଉପାସନାର ମୁଖ୍ୟସ୍ରୋତ ହେଉଛି ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ପାଳିତ ହେଉଥିବା 'ଷୋଳପୂଜା' ବା 'ଶାରଦୀୟ ଦୁର୍ଗୋତ୍ସବ'। ଶ୍ରୀକ୍ଷେତ୍ରରେ ଏହି ଉତ୍ସବକୁ 'ଗୋସାଣୀ ଯାତ' କୁହାଯାଏ। ବାସ୍ତବ କ୍ଷେତ୍ରରେ ଶ୍ରୀକ୍ଷେତ୍ରରେ ସମସ୍ତ ମୃଣ୍ମୟ ମୂର୍ତ୍ତି ପୀଠରୁ ମେଳନ ବା ବିସର୍ଜନ ଉଦ୍ଦେଶ୍ୟରେ ବାହାରିବା ପୂର୍ବରୁ ଦଶହରା ଦିନ 'ବିସର୍ଜନ ପୂଜା' କରାଯାଉଥିବାରୁ ସେମାନଙ୍କୁ ଗୋସାଣୀ କୁହାଯାଏ। ମନ୍ତ୍ରଦ୍ୱାରା ବିଗ୍ରହରେ ଥିବା ଦୈବୀଶକ୍ତିକୁ ଆବାହନ କରି ଶକ୍ତିକୁ ବିସର୍ଜନ କରିଦିଆଯାଉଥିବାରୁ ଏମାନଙ୍କୁ 'ଅଶରୀରୀ' ବା ଗୋସାଣୀ କୁହାଯିବା ଶ୍ରୀକ୍ଷେତ୍ରର ଏକ ଲୋକ ଭାଷା, ଯାହା ଅନ୍ୟତ୍ର ନାହିଁ।

ବର୍ତ୍ତମାନର ଭବ୍ୟ ମନ୍ଦିର ପ୍ରତିଷ୍ଠା ପରେ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରକୁ ଯବନ ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ଓଡ଼ିଶାର ଗଜପତି ମହାରାଜାମାନେ ରାଜ୍ୟରେ ୩୮ଟି ଗଡଜାତରେ ସୁରକ୍ଷା ବଳୟ ସୃଷ୍ଟି କରିବା ସାଙ୍ଗେ ସାଙ୍ଗେ ପୁରୀର ବାସିନ୍ଦାମାନଙ୍କୁ ସଂଘବଦ୍ଧ କରି ରଖିବା ନିମନ୍ତେ ସାତ ସାହିରେ ଆଖଡ଼ା (ସାହି ପଂଚାୟତ ଯେଉଁଠି ଅତି କମ୍‌ରେ ୧୦୦ ଯୁବକ ସମର-କଳା ତାଲିମପ୍ରାପ୍ତ ହୋଇ ଗୁପ୍ତରେ ରହିଥାଆନ୍ତି), କୋଟ (ଯେଉଁଠି ୫୦୦ଭେଣ୍ଡିଆ ରହନ୍ତି), ଜାଗା(ଯେଉଁଠାରେ ସାହିନାୟକଙ୍କ ନିୟନ୍ତ୍ରଣରେ ଯୁବକ ଠାରୁ ଆରମ୍ଭ କରି ବୃଦ୍ଧ ତାଲିମପ୍ରାପ୍ତ ଯୋଦ୍ଧାମାନେ ରହନ୍ତି) ଏବଂ ରାଜକର୍ମଚାରୀ ଓ ସାହିନାୟକମାନଙ୍କ କ୍ଷେତ୍ର ସୁରକ୍ଷା ପାଇଁ ଗୁପ୍ତ ମନ୍ତ୍ରଣାର ସ୍ଥାନ 'ଗୁରୁଜ' ପ୍ରତିଷ୍ଠା କରିଥିଲେ। ପୁରୀର ଗୋସାଣୀ ଯାତ ଏ ସମସ୍ତ ଜାଗା ଆଖେଡ଼ାର ସଂଘବଦ୍ଧ ନିଦର୍ଶନ।

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଏହି ସମସ୍ତ ଜାଗା ଓ ଆଖେଡ଼ା ଆଦିର ସୃଷ୍ଟି କେବେଠାରୁ ହୋଇଛି ସଠିକ୍ ନିର୍ଣ୍ଣୟ କରାଯାଇ ପାରି ନଥିଲେ ହେଁ କେତେକଙ୍କ ମତରେ ଖ୍ରୀଷ୍ଟୀୟ ୧୦୭୬-୧୧୪୭ ମଧ୍ୟରେ ଗଙ୍ଗ ବଂଶର ସମ୍ରାଟ ଅନନ୍ତ ବର୍ମା ଦେବଙ୍କ ଦ୍ୱାରା ପୁରୀରେ ଏହା ସ୍ଥାପନ କରାଯାଇଥିବା ବିଶ୍ୱାସ କରାଯାଏ। ସେ ସମୟରେ ଏହି ଜାଗା ଓ ଆଖେଡ଼ାଗୁଡ଼ିକ ସାହାଯ୍ୟରେ ପୁରୀବାସୀ ସଂଗଠିତ ଓ ସଂଘବଦ୍ଧ ହୋଇପାରିଥିଲେ ଯାହାକି ପରବର୍ତ୍ତୀ ସମୟରେ ଶ୍ରୀକ୍ଷେତ୍ରର ଏହା ସାମାଜିକ ସୁରକ୍ଷା ଓ ସୁଖ ସମୃଦ୍ଧିର ମୁଖ୍ୟ ସ୍ରୋତ ହୋଇପାରିଥିଲା। ସେହିକାଳରୁ ପୁରୀରେ ଥିବା ସମସ୍ତ ଜାଗା ଓ ଆଖେଡ଼ା ଗୁଡ଼ିକରେ 'ଶକ୍ତିର ପ୍ରତୀକ ଦୁର୍ଗାମୂର୍ତ୍ତି'ମାନଙ୍କୁ ସ୍ଥାପନ କରାଯାଇ ସପ୍ତମୀ, ଅଷ୍ଟମୀ ଓ ମହାନବମୀ - ଏହି ତିନିଦିନ 'ତିନିପୂଜା' ପରେ ଦଶହରା ଦିନ ଦେବୀ ବିଗ୍ରହଙ୍କୁ ବିସର୍ଜନ କରିଦିଆଯାଉଛି। ପରମ୍ପରା କ୍ରମେ ଦଶହରା ପରଦିନ ଏକାଦଶୀ ତିଥିରେ ସିଂହଦ୍ୱାର ସମ୍ମୁଖରେ ଯେଉଁ ମେଳନ ହୁଏ ତାହାକୁ ଦେବୀ ମିଳନ କୁହାଯାଇ 'ଗୋସାଣୀ ଯାତ' କୁହାଯାଏ।

ସେହି କାରଣରୁ ଗୋସାଣୀ ଯାତରେ କେବଳ ଦେବୀ ନ ରହି ଭିନ୍ନ ଭିନ୍ନ ବିଗ୍ରହ ଭାଗ ନେଇ ଥାଆନ୍ତି। ପୁରୀର ପ୍ରମୁଖ ଗୋସାଣୀମାନଙ୍କ ମଧ୍ୟରେ ବିଭିନ୍ନ ସାହିର ଯଥା; ବାରବାଟୀ, ଜହ୍ନିଖାଇ, ହାଡ଼ବାଇ, ପଣାପ୍ରିୟା, ଗେଲବାଇ, ବନଦୁର୍ଗା, ଶୂନ୍ୟ ଗୋସାଣୀ, ମହଦେଶ୍ୱରୀ, ଚାମୁଣ୍ଡାମୁଣ୍ଡି, ଶୀତଳପିଣ୍ଡା, ଚକ୍ରକୋଟ, ଜମକୋଟ, ହରଚଣ୍ଡୀ, ହାଡ଼ିଆ ଭୂତ, ଶିବ ପାର୍ବତୀ, ସମ୍ପାତି ଚଢ଼େଇ, ନାଗା, ରାବଣ, ମାଲ, ଗଣେଶ ଓ ବୁଢ଼ାବୁଢ଼ୀ ଅନ୍ୟତମ।ଏହା ପାରମ୍ପରିକ ଯାତ୍ରା ହୋଇଥିବାରୁ ପ୍ରତିବର୍ଷ ଏମାନଙ୍କର ଆକାର ପ୍ରକାର ସମାନ ରହିଥାଏ। ଏହି ଗୋସାଣୀ ମେଳନ ବା ଯାତ୍ରାରେ ସର୍ବ ପ୍ରଥମେ ହରଚଣ୍ଡୀ ସାହିର ବାରବାଟୀ ଗୋସାଣୀ(ବଡଭଉଣୀ) ସିଂହଦ୍ୱାର ଠାରେ ବିଜେ କରିବା ପରେ ସହରର ଅନ୍ୟ ପ୍ରତିମା ସବୁ ସେଠାରେ ନିଜ ନିଜ ଆସ୍ଥାନରେ ବିଜେ କରନ୍ତି। ବାରବାଟୀ ଗୋସାଣୀ ହେଉଛନ୍ତି ଓଡ଼ିଶାରେ ନିର୍ମିତ ହେଉଥିବା ଦେବୀ ପ୍ରତିମାମାନଙ୍କ ମଧ୍ୟରେ ସବୁଠାରୁ ବଡ଼ମୂର୍ତ୍ତି। ଏହାଙ୍କର ଉଚ୍ଚତା ପ୍ରାୟ ୧୮ ଫୁଟ। ଏହି କାରଣରୁ 'ବାରବାଟୀ ଗୋସାଣୀ'ଙ୍କୁ ବଡ଼ ଭଉଣୀ ମାନ୍ୟତା ଦିଆଯାଇଛି। ଏହି ବିଶାଳକାୟ ମୂର୍ତ୍ତି ନିର୍ମାଣରେ ସ୍ୱତନ୍ତ୍ର କାରିଗରୀ କୌଶଳ ସହିତ ପ୍ରଚଳିତ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଭାଗମାପ, ଉଚ୍ଚତା, ଏକପ୍ରକାରର ରଙ୍ଗ, ଢଙ୍ଗ, ଅଙ୍ଗ ଓ ସାଜ-ସଜା କରାଯାଇଥାଏ। ମୂର୍ତ୍ତିରେ କେବଳ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏକାଦଶୀ ତିଥିରେ ସିଂହଦ୍ୱାର ଠାରେ ଗୋସାଣୀ ମେଳନ ହେବାବେଳେ ଏହି ମୂର୍ତ୍ତିଗୁଡ଼ିକ ଉପରେ ଅତି ଉଜ୍ଜ୍ୱଳ ଆଲୋକ ପକାଯିବା ଫଳରେ ମୂର୍ତ୍ତି ସମେତ ସାଜସଜା ସବୁ ଝଲସି ଉଠେ। ପୁରୀ ଗୋସାଣୀ ମାନଙ୍କର ବିଶେଷତ୍ୱ ହେଉଛି ଏମାନଙ୍କର ମୁଖମଣ୍ଡଳ ମର୍ତ୍ତ୍ୟର ନାରୀମାନଙ୍କର ମୁଖଠାରୁ ସ୍ୱତନ୍ତ୍ର।

ଶ୍ରୀକ୍ଷେତ୍ର ଗୋସାଣୀ ଯାତ୍ରାର ଅନ୍ୟତମ ଆକର୍ଷଣ ହେଉଛି ବିରାଟକାୟ 'ନାଗାମୂର୍ତ୍ତି'। ସେଗୁଡ଼ିକ ହେଉଛି ମା' ଦୁର୍ଗାଙ୍କର ବୀରତ୍ୱର ମୂର୍ତ୍ତିମନ୍ତ ପ୍ରତୀକ। ଗୋସାଣୀ ଯାତ୍ରାରେ ବାଲିସାହି, ହରଚଣ୍ଡି ସାହି, ବାସେଳି ସମେତ ଅନ୍ୟ କେତେଗୁଡ଼ିଏ ଜାଗାଘରରେ ପୂଜିତ ନାଗା ବିଗ୍ରହ ମାନେ ଭାଗ ନେଇ ଥାଆନ୍ତି।

( ସଂଗୃହିତ ତଥ୍ୟ -ପୁରୀ ସାହିଯାତ)

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'**


ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ଦେବୀ-ଉପାସନାର ଦିବ୍ୟ ଅନୁଭବ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ମାଟିରେ ମମତ୍ୱବୋଧ, ପାଣିରେ ଭାବ-ପ୍ରାଚୁର୍ଯ୍ୟ, ପବନରେ ପ୍ରାଣବନ୍ତ ସ୍ପର୍ଶ, ଆକାଶରେ ଆବେଗର ଆସର, ଅଗ୍ନିରେ ଅପ୍ରତିମ ଅଗ୍ନିହୋତ୍ର । ପଞ୍ଚଭୂତ (ପ+ନ+ଚ+ଭ+ଉ+ତ)ରେ ପବିତ୍ରତା, ନୈତିକତା, ଚତୁରତା, ଭୂତି, ଉତ୍ତରଣ, ତ୍ୟାଗର ଜାଗତିକ ଯଜ୍ଞ । ଆବିର୍ଭାବ ହୋଇଛି ଦେବୀଙ୍କର । ତାଙ୍କ ଦାନଶୀଳତା, ଐକାନ୍ତିକତା, ବରାଭୟର ଇୟତ୍ତା ନାହିଁ । ସେ ଶକ୍ତି : ଶୁଚିଶୀଳା, କର୍ମନିପୁଣା, ତ୍ୟାଗପୂତା, ଈଶ୍ୱରୀ । ପୈଶାଚିକତା ବିରୋଧରେ ସଂଗ୍ରାମଶୀଳା, ଐଶ୍ୱରିକତାର ମନ୍ତ୍ରରେ ଅଭିମନ୍ତ୍ରିତା ବିଶ୍ୱରୂପା ଦେବୀମୂର୍ତ୍ତି ସୋ ଶକ୍ତି ସର୍ବତ୍ର ବିଦ୍ୟମାନ । ଶସ୍ୟ ଉତ୍ପାଦନକ୍ଷମ ମାଟି ଶକ୍ତିରେ ପୂର୍ଣ୍ଣ । ତୃଷା ନିବାରଣକାରୀ ପାଣି ଶକ୍ତିରେ ପୂର୍ଣ୍ଣ। ନିଃଶ୍ୱାସ ପ୍ରଶ୍ୱାସରେ ପ୍ରବହମାନ ପବନ ଶକ୍ତିରେ ପୂର୍ଣ୍ଣ । ଆଲୋକ ଉତାପର ଭଣ୍ଡାରଘର ଆକାଶ ଶକ୍ତିରେ ପୂର୍ଣ୍ଣ । ଖାଦ୍ୟ ପାକରେ ସହାୟକ ଅଗ୍ନି ଶକ୍ତିରେ ପୂର୍ଣ୍ଣ । ପଞ୍ଚଭୂତରେ ଶକ୍ତିର ପରାକାଷ୍ଠାର ବିପୁଳ ପ୍ରଦର୍ଶନୀ । ଶରତ ଋତୁରେ ଆମେ ଯେଉଁ ଶକ୍ତିମୟୀଙ୍କୁ ଆବାହନ, ଆରାଧନା କରୁ, ସେ ହେଉଛନ୍ତି ଏ ସମସ୍ତ ଶକ୍ତି ଅର୍ଥାତ୍ ମାଟି, ପାଣି, ପବନ, ଆକାଶ, ଅଗ୍ନିଙ୍କର ସମନ୍ୱିତ ଶକ୍ତିର ମହାର୍ଘ ପ୍ରକଟନ ।

ମେଘମୁକ୍ତ, ସୁନୀଳ ଆକାଶରୁ ଜାଗତିକ ଜ୍ୟୋତିର ବିଚ୍ଛୁରଣ । ଗଙ୍ଗଶିଉଳି ଗଛମାନଙ୍କରୁ ଉଲ୍ଲାସମୟ ସୁରଭିର ବିତରଣ । ଜ୍ୟୋତି ଆଉ ସୁରଭିର ସଂଯୋଗରେ ଦେବୀମୂର୍ତ୍ତି ମହିମାନ୍ୱିତା । ସତ୍ୟ, ଶିବ, ସୁନ୍ଦରର ତ୍ରିଧାରା ସଂଗମରେ ଅବଗାହିତ ଅବନୀମଣ୍ଡଳ । ରାଶିରାଶି ଭକ୍ତଙ୍କର ଆକୁଳ ପ୍ରାର୍ଥନା ପ୍ରତିଧ୍ୱନିତ ପଞ୍ଚଭୂତରେ । ଦେବୀଙ୍କ ଚୈତନ୍ୟରେ 'ସତ୍ୟ', ଚିନ୍ତନରେ 'ଶିବ', ଚରିତ୍ରରେ 'ସୁନ୍ଦର'ର ଅପ୍ରମିତ ପ୍ରତିଭାସ ।

କି ଶିକ୍ଷା ପାଉଛି ମାନବଜାତି ଦେବୀଙ୍କ ଶାରଦୀୟ ସନ୍ଦେଶରୁ ? ଜୀବନକୁ ଦିବ୍ୟତ୍ୱର ଶିଖରରେ ସମାରୂଢ଼ କରିବାର ସନ୍ଦେଶ, ନୈତିକ ଶକ୍ତିରେ ସମୃଦ୍ଧ, ବୁଦ୍ଧିମନ୍ତ ହେବାର ସତ୍ୟାପ୍ଲୁତ ଶିକ୍ଷା। ନବନବ ମନନ କରିବାର ଶକ୍ତି ଯା'ର ଅଛି ସେ ମାନବ । ମାନବ-ଶିଶୁ ଭୂମିଷ୍ଠ ହୁଏ ମା'ର ଗର୍ଭରୁ । ଶୈଶବରେ ମା'ର ମମତାରେ ପାଳିତ ହୁଏ । ଦାମ୍ପତ୍ୟ ଜୀବନରେ ପୁରୁଷ ପିତୃତ୍ୱ, ନାରୀ ମାତୃତ୍ୱ ଅର୍ଜନ କରନ୍ତି, ମୃତ୍ୟୁ ପରେ ସମସ୍ତଙ୍କ ଶରୀର ଧରିତ୍ରୀ ମା'ର ମାଟି-କୋଳରେ ମିଶିଯାଏ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମା'ର ଏ ଯେଉଁ ମହିମା, ସତରେ ତା' ଅନନ୍ୟ, ଅବର୍ଣ୍ଣନୀୟା

ରାମକୃଷ୍ଣ ପରମହଂସ ମୃଣ୍ମୟୀ କାଳୀମୂର୍ତ୍ତିଙ୍କୁ ଚିନ୍ମୟୀ ରୂପରେ ଦର୍ଶନ କରିଥିଲେ, ପତ୍ନୀ ସାରଦା ଦେବୀଙ୍କୁ ମାତୃମୂର୍ତ୍ତି ରୂପରେ ପ୍ରତ୍ୟକ୍ଷ କରିଥିଲେ, ପୂଜା କରିଥିଲେ । ତାଙ୍କର ଶିଷ୍ୟ ବିବେକାନନ୍ଦଙ୍କୁ ଜଣେ ବିଦେଶିନୀ ମହିଳା କହିଲେ, 'ମୁଁ ଆପଣଙ୍କୁ ବିବାହ କରିବାକୁ ଚାହୁଁଛି କାରଣ ମୋ ଗର୍ଭରୁ ଆପଣଙ୍କ ଭଳି ପୁଅଟିଏ ଜନ୍ମ ହେବ, ଏହାହିଁ ମୋର ଇଚ୍ଛା ।' ବିବେକାନନ୍ଦ ଉତ୍ତରଦେଲେ, 'ମୋରି ଭଳି ପୁଅଟିଏ କ'ଣ ଚାହୁଁଛନ୍ତି ? ମୋତେ ପୁଅ କରି ନିଅନ୍ତୁ । ଆପଣ ମୋର ମା' ।' ତନ୍ତ୍ରସାଧକ ବାମାକ୍ଷେପା ତାଙ୍କର ଉପାସ୍ୟ ଦେବୀଙ୍କୁ ଚିନ୍ମୟୀ ରୂପରେ ଦର୍ଶନ କରିଥିଲେ ଓ ଶିଷ୍ୟ ନଳିନୀକାନ୍ତ (ପରବର୍ତ୍ତୀ ସମୟର ସଦ୍‌ଗୁରୁ ନିଗମାନନ୍ଦ)ଙ୍କୁ ଦର୍ଶନ କରାଇଥିଲେ। ନିଗମାନନ୍ଦ ପ୍ରେମ-ସାଧନା ଶିକ୍ଷା କରିଥିଲେ ଗୌରୀ ମା'ଙ୍କଠାରୁ । ଉତ୍କଳୀୟ ତନ୍ତ୍ରସାଧକ ତ୍ରିପୁରାରୀ ଓତା ତାଙ୍କର ପରମାରାଧ୍ୟା କାଳୀମୂର୍ତ୍ତିଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିଥିଲେ ଓ ନାତି ବଳଦେବ ରଥଙ୍କୁ ଦର୍ଶନ କରାଇଥିଲେ, ଜଗଜ୍ଜନନୀ ମା'ଙ୍କର ଆଶିଷ ଲାଭ କରି ବଳଦେବ କବିତା ରଚନା କଲେ ଓ କବିସୂର୍ଯ୍ୟ ନାମରେ ପ୍ରଖ୍ୟାତ ହେଲେ । ଭଗବାନଙ୍କର ୩ଟି ଶକ୍ତି : ଅନ୍ତରଙ୍ଗା, ବହିରଙ୍ଗା ଓ ତଟସ୍ଥା । ଅନ୍ତରଙ୍ଗା ଶକ୍ତି ପୁଣି ୩ ପ୍ରକାରର : ସଂବିତ୍, ସନ୍ଧିନୀ ଓ ହ୍ଲାଦିନୀ । ହ୍ଲାଦିନୀ ଶକ୍ତିର ଅଧିକାରିଣୀ ଗୋପୀମାନେ ଭକ୍ତିମୟୀ ମାତୃମୂର୍ତ୍ତି, ଯାହାଙ୍କର ପାଦଧୂଳି ମୁଣ୍ଡରେ ବୋଳିବାକୁ ଇଚ୍ଛା କରନ୍ତି ବ୍ୟାସଦେବ, ଯାହାଙ୍କର ପାଦରେ ନିରନ୍ତର ଚିତ୍ତ ଥାଉ ବୋଲି କହନ୍ତି ଜଗନ୍ନାଥ ଦାସ। ଶ୍ରୀଜଗନ୍ନାଥ ମନ୍ଦିରରେ ଭୋଗ ରନ୍ଧାଯାଏ, ନୈବେଦ୍ୟ ଅର୍ପଣ କରାଯାଏ ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ, ତା'ପରେ ସେହି ନୈବେଦ୍ୟକୁ ପୁନର୍ବାର ଅର୍ପଣ କରାଯାଏ ମା' ବିମଳାଙ୍କୁ, ତେବେ ଯାଇ ତାହା ମା'ର ପ୍ରସାଦ ମହାପ୍ରସାଦରେ ପରିଣତ ହୁଏ । ମା' ପ୍ରସନ୍ନ ହୋଇ ଯାହା ଦାନ କରନ୍ତି ତା' ହୁଏ ମହାପ୍ରସାଦ, ଯାହାକୁ ଭକ୍ତମାନେ ଭୁଞ୍ଜନ୍ତି । ମା'ର ମହିମା ଅପାର, ଯା'ର ଆଶିଷ ଅନାଦି କାଳରୁ ଅନନ୍ତ କାଳ ପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ପରିବ୍ୟାପ୍ତ । ଆଧୁନିକ କାଳରେ ସେଣ୍ଟ ଜୋଆନ୍, ସିଷ୍ଟର୍ ନିବେଦିତା, ମଦର୍ ଟେରେସା ଓ ଆହୁରି ଅନେକ ଶକ୍ତିମୟୀ ଅତୁଳନୀୟା ମାତୃଶକ୍ତିର ଗୋଟିଏ ଗୋଟିଏ ପ୍ରାତଃସ୍ମରଣୀୟ ପ୍ରତୀକ ହୋଇ ରହିଛନ୍ତି ।

ଶରତକାଳୀନ ମହାମଣ୍ଡପରେ ଯେଉଁ ଦେବୀମୂର୍ତ୍ତିଙ୍କୁ ସଂସ୍ଥାପନ କରି ଆମେ ପୂଜା କରୁ ସେ ସତରେ କିଏ ? ଜଗଜ୍ଜନନୀଙ୍କର ସାକାର ପ୍ରତିମା ସେ । ଚିନ୍ମୟୀ ଦେବୀଙ୍କୁ ଶିଳ୍ପୀ ମୃଣ୍ମୟୀ କରି ଗଢ଼େ ସତ, କିନ୍ତୁ ମୃଣ୍ମୟୀ ଦେବୀଙ୍କ ଭିତରେ ଚିନ୍ମୟୀ ପ୍ରତିଭାସିତ ହେଉଥାଆନ୍ତି । ବିଶ୍ୱର ପ୍ରତ୍ୟେକ ପ୍ରାଣୀର ଅସ୍ତିତ୍ୱରେ, ଅନ୍ତଃକରଣରେ ସେହି ଶକ୍ତିର ଆବିର୍ଭାବ ହୋଇଥାଏ । ପୂଜାମଣ୍ଡପରେ ପୁରୋହିତ ଶ୍ଳୋକ ପାଠ କରନ୍ତି, ଯହିଁରେ ପ୍ରକୀର୍ତ୍ତିତ ହେଉଥାଏ ଦେବୀଙ୍କର ମହିମା । ଭକ୍ତର ଅନ୍ତରରେ ପ୍ରତିଧ୍ୱନିତ ହେଉଥାଏ ଦେବୀଙ୍କର ଓଜସ୍ୱିନୀ ବାଣୀ । ଦେବୀଙ୍କର ଧରାବତରଣ ସତରେ କେଉଁଥି ପାଇଁ ? ମଣିଷକୁ ଦେବତ୍ୱର ସୋପାନକୁ ଉତ୍ତୋଳନ କରିବା ପାଇଁ, ମଣିଷର ଅନ୍ତରରେ ସଇତାନ୍‌କୁ ବିତାଡ଼ିତ କରି ଭଗବାନଙ୍କୁ ସଂସ୍ଥାପନ କରିବା ପାଇଁ, ମଣିଷକୁ ମ୍ଳେଚ୍ଛତ୍ୱ (କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଭଳି ଛଅଟି କୁ-ପ୍ରବୃତ୍ତିର ମେଳ)ରୁ ମୁକ୍ତି ଦବା ପାଇଁ । ଦେବୀ ଅସୁରକୁ ବଧ କରିବା ଗୋଟେ ଉଜ୍ଜ୍ୱଳ ଉଦାହରଣ ମାନବ-ସମୁଦାୟ ପାଇଁ । ଅସୁରତ୍ୱର ବିନାଶ ହେଲେ ଯାଇ ଈଶ୍ୱରତ୍ୱର ବିକାଶ ହେବ, ତାହାହିଁ ଦେବୀ-ଉପାସନାର ଉଦ୍ଦେଶ୍ୟ ।

ମଣିଷକୁ 'କାମ' ଭାବ ଦୁଶ୍ଚରିତ୍ର କରେ, 'କ୍ରୋଧ' ଅପରିଣାମଦର୍ଶୀ କରେ, 'ଲୋଭ' ସଂକୀର୍ଣ୍ଣ କରେ, 'ମୋହ' ବିଚଳିତ କରେ, 'ମଦ' ଆତ୍ମପ୍ରଶସ୍ତିରତ କରେ, 'ମାତ୍ସର୍ଯ୍ୟ' ପରଶ୍ରୀଅସହିଷ୍ଣୁ କରେ । ଦେବୀ-ଉପାସନାରେ ଅନ୍ତରଙ୍ଗ ସାଧନା ହେଉଛି, ମଣିଷ ନିଜର ଦେହ, ମନ, ପ୍ରାଣକୁ ଶୁଦ୍ଧ, ସଂଯତ, ଶୃଙ୍ଖଳିତ କରୁ, ତେବେ ଯାଇ ଉପରୋକ୍ତ ଷଡ଼-ଦୈତ୍ୟ ଅବଦମିତ ହେବ । ଦୈବୀ ଶକ୍ତିର ବିପୁଳତା ସମକ୍ଷରେ ମଣିଷ ସ୍ୱତଃ ସମର୍ପିତ ହୋଇଯିବ ।

ସେତେବେଳେ ମଣିଷର ଚତୁଃପାର୍ଶ୍ୱସ୍ଥ ବୃକ୍ଷରୁ ବିନୟର ଅମୃତ କ୍ଷରଣ ହେବ, ଲତାଗହଳରେ ଲଳିତଭାବ ଫୁଟିଉଠିବ, ଫୁଲମାନେ ମଧୁସ୍ରୋତରେ ପ୍ଲାବିତ ହେବେ, ଫଳଗୁଡ଼ିକ ବ୍ରହ୍ମାଣ୍ଡୀୟ ପ୍ରାଚୁର୍ଯ୍ୟର ସ୍ତୁତି ଗାନ କରିବେ, ଜଳମଣ୍ଡଳରେ ଜୀବନ-ଦୀପର ପ୍ରତିଫଳନ ଦୃଶ୍ୟ ହେବ, ବାୟୁମଣ୍ଡଳରେ ଜୀବନର ବେଦପାଠ ଶୁଭୁଥିବ, ଗଗନମଣ୍ଡଳରେ ଜୀବନର ଚିତ୍ର ଆଙ୍କି ହୋଇଯାଉଥିବ ଅର୍ଥାତ୍ ନକ୍ଷତ୍ରମାଳାରୁ ଜୀବନର ଜ୍ୟୋତି ଝରିଆସୁଥିବ । ଦୈବୀଶକ୍ତି ସମକ୍ଷରେ ମଣିଷ ସମର୍ପିତ ହେବା ସମୟରେ ସମଗ୍ର ବ୍ରହ୍ମାଣ୍ଡ ହୋଇ ଉଠିବ ଜୀବନମୟ । ସେତେବେଳେ ମଣିଷ ବୁଝିପାରିବ ଶିଶୁର ଶୈଶବରେ କିମିତି ଭରିଯାଉଛି ଶୁଭ୍ର ଶୁଚିଶୀଳତା, ଯୁବକର ଯୌବନରେ ଜ୍ୟୋତିର୍ମୟ ଜ୍ୟୋସ୍ନା, ବୃଦ୍ଧର ବାର୍ଦ୍ଧକ୍ୟରେ ବିଶ୍ୱାସ ଓ ବରାଭୟର ବିଭୂତି । ଜଗତ୍-ଯଜ୍ଞରେ ସ୍ୱୟଂ ମଣିଷ ହୋଇଯାଇଛି ଆଜୀବନ ଯାଜ୍ଞିକ । ତା'ର ନିଃଶ୍ୱାସ ପ୍ରଶ୍ୱାସରେ ଦ୍ରବୀଭୂତ ହୋଇଯାଇଛି ଭଗବତ୍ ବିଶ୍ୱାସ, ଯାହା ଅନିର୍ବଚନୀୟ, କେବଳ ସ୍ୱତଃ ଅନୁଭବର ପର୍ଯ୍ୟାୟ। ଜୀବନ-ଗ୍ରନ୍ଥର ସବୁଠୁ ଉଜ୍ଜ୍ୱଳ ଅଧ୍ୟାୟ ହେଉଛି ଏହି ସମୟ ।

ଶରତ୍‌କାଳରେ ଦେବୀଙ୍କ ମୃଣ୍ମୟୀ ବିଗ୍ରହ ଅନ୍ତର୍ଗତ ଚିନ୍ମୟୀ ସ□। ସତେ ଯେପରି ମଣିଷକୁ ଆହ୍ୱାନ ଦେଉଥାଆନ୍ତି ପୂର୍ଣ୍ଣତାର ସୋପାନକୁ ନିଜକୁ ଉତ୍ତୋଳନ କରିବା ପାଇଁ । ଦେବୀ ପରିପୂର୍ଣ୍ଣ ଐଶୀ ଶକ୍ତି ଯାହାଙ୍କର ଶାରଦୀୟ ଆଗମନ ସୂଚନା ଦେଉଥାଏ ମଣିଷ ଆଧ୍ୟାତ୍ମିକ ଆସ୍ପୃହାର ଉଚ୍ଚତାକୁ ଆରୋହଣ କରୁ, ଜୀବନ-ଉତ୍ତରଣର ଉପନିଷଦ୍ ପଢୁ । ନିର୍ମଳ ଶରତ ଋତୁ ସତେ ଯେପରି କହୁଥାଏ ମଣିଷର ଅନ୍ତଃକରଣ ନିର୍ମଳ ହେଉ। ଏହି ନିର୍ମଳତା ହିଁ ଜୀବନର ପରିପୂର୍ଣ୍ଣତା। ସନାତନ ଧର୍ମ ଆମକୁ ପରିପୂର୍ଣ୍ଣତାର ସନ୍ଦେଶ ଦିଏ । ନୈରାଶ୍ୟବାଦୀ ଜୀବନକୁ 'ଶୂନ୍ୟ' କହେ ସିନା ଆଶାବାଦୀ 'ପୂର୍ଣ୍ଣ' ବୋଲି କହେ । ଦେବୀ ମଣିଷର ମନରେ ଆଶାବାଦିତା, ସକାରାତ୍ମକତା ଭରିଦେଇ ପ୍ରାଣରେ ବିମଳ ଆନନ୍ଦ ସଂଚାର କରନ୍ତି, ଜୀବନ-ପାତ୍ରକୁ ପୂର୍ଣ୍ଣ କରନ୍ତି । ଜୀବନ ପ୍ରତି ସକାରାତ୍ମକ ଦୃଷ୍ଟି ରହିଲେ ମଣିଷ ଜୀବନକୁ ଐଶୀ ସତ୍ତାର ପ୍ରକଟନ ଭାବରେ ଗ୍ରହଣ କରିବ, ଅମୃତ ପ୍ରାପ୍ତିର ଆଶାରେ ଆଜୀବନ ବିଭୋର ହେବ । ଦାନବକୁ ବଧ କରି ଦେବୀ ଦର୍ଶାଇ ଦେଇଛନ୍ତି ସଂସାରରେ ଦାନବତ୍ୱର ପରାଜୟ ହେବ, ଦେବତ୍ୱର ବିଜୟ ହେବ ଓ ତତ୍‌ସହିତ ନିରାଶାର ଅନ୍ତ ହୋଇ ଆଶାର ଉନ୍ମୋଚନ ହେବ, 'ଜୀବନ ଶୂନ୍ୟ' ଏହି ଭାବର ଅନ୍ତ ହୋଇ 'ଜୀବନ ପୂର୍ଣ୍ଣ' ଭାବର ଉନ୍ମୀଳନ ହେବ ।

ଶବ୍ଦର ଉଚ୍ଚାରଣ ବା ଶ୍ରବଣ ଶରୀର ଓ ମନରେ ପ୍ରଭାବ ବିସ୍ତାର କରେ । ମଧୁର ଫଳ 'ଆମ୍ବ', 'କମଳା', 'ସେଓ', 'ଅଙ୍ଗୁର' ଇତ୍ୟାଦି ଶବ୍ଦଗୁଡ଼ିକର ଉଚ୍ଚାରଣ ବା ଶ୍ରବଣରେ ଜିହ୍ୱା ତୃପ୍ତ ହୁଏ, 'ଧୂପ' ଶବ୍ଦରେ ନାସା ତୃପ୍ତ ହୁଏ, 'ଦୀପ' ଶବ୍ଦରେ ଚକ୍ଷୁ ତୃପ୍ତ ହୁଏ, ଠିକ୍ ସେହିଭଳି 'ଦେବୀ' ଶବ୍ଦ ଉଚ୍ଚାରଣ ବା ଶ୍ରବଣ କଲେ ଦେହ ରୂପାନ୍ତରିତ ହୁଏ ଦେବାଳୟରେ, 'ମାଆ' ଶବ୍ଦରେ ଅନ୍ତର ଅବଗାହିତ ହୁଏ ଆଶିଷ, ଆନନ୍ଦ, ଅମୃତର ପ୍ରୟାଗତୀର୍ଥରେ। ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସ 'ଶ୍ରୀରାମଚରିତ ମାନସ'ର ବାଲ୍ୟକାଣ୍ଡରେ ଲେଖନ୍ତି, ଶ୍ରୀରାମଚନ୍ଦ୍ର ପ୍ରାତଃକାଳରେ ଶଯ୍ୟା ତ୍ୟାଗ କରି ମାଆ, ବାପା, ଗୁରୁଙ୍କର ଚରଣ ସ୍ପର୍ଶ କରି ପ୍ରଣାମ କରନ୍ତି, ସର୍ବପ୍ରଥମେ ପ୍ରଣାମ କରନ୍ତି ମାଆଙ୍କୁ। ମା'ର ଚରଣ ସ୍ପର୍ଶ କରି ପୁଅର ଦେହରେ ଖେଳିଯାଏ ଦିବ୍ୟତ୍ୱର ତରଙ୍ଗ, ମନରେ ଭରିଯାଏ ମମତାର ମକରନ୍ଦ, ପ୍ରାଣରେ ଫୁଟିଉଠେ ପୁଲକର ପ୍ରସୂନ । ଶରତ ଋତୁରେ ଦେବୀଙ୍କ ପୂଜାମଣ୍ଡପରେ ଭକ୍ତମାନେ ଜଗଜ୍ଜନନୀଙ୍କୁ ଭୂମିଷ୍ଠ ପ୍ରଣାମ କରି ଦେହ, ମନ, ପ୍ରାଣରେ ସେହି ଅନୁଭବ ହିଁ ପ୍ରାପ୍ତ ହୁଅନ୍ତି ।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଅକ୍ଟୋବର ୨୦୨୪ ବୁଧବାର



## ନବରାତ୍ରିରେ ଅଖଣ୍ଡ ଜ୍ୟୋତି ଜଳାଇବାର ମହତ୍ତ୍ୱ





# ଆରମ୍ଭ ହେଲା ମହାପୂଜା : ବଢ଼ିବ ଅନ୍ନ ଓ ଧାନର ଭଣ୍ଡାର

ହିନ୍ଦୁ ଧର୍ମରେ ଶାରଦୀୟ ନବରାତ୍ରିର ବିଶେଷ ମହତ୍ତ୍ୱ ରହିଛି। ପ୍ରତ୍ୟେକ ବର୍ଷ ଆଶ୍ୱିନ ମାସ ଶୁକ୍ଲପକ୍ଷ ପ୍ରତିପଦା ତିଥିରୁ ଶାରଦୀୟ ନବରାତ୍ରିର ଆରମ୍ଭ ହୋଇଥାଏ ଓ ପୁରା ନଅ ଦିନ ପର୍ଯ୍ୟନ୍ତ ମା'ଆଦିଶକ୍ତି ଜଗଦମ୍ବାଙ୍କର ଘରେ ଘରେ ପୂଜାର୍ଚ୍ଚନା ହୋଇଥାଏ। ଦେବୀ ଦୁର୍ଗାଙ୍କୁ ସମର୍ପିତ ଏହି ପର୍ବ ହିନ୍ଦୁ ଧର୍ମରେ ବିଶେଷ ମହତ୍ତ୍ୱ ରଖେ।

ଦେବୀ ଭାଗବତ ପୂରାଣ ଅନୁସାରେ ମହାଳୟାରେ ଯେବେ ପିତୃଗଣ ପୃଥିବୀରୁ ଫେରନ୍ତି ସେତେବେଳେ ଦେବୀ ଦୁର୍ଗା ତାଙ୍କ ପରିବାର ଓ ଗଣଙ୍କ ସହିତ ଧରାବତରଣ କରିଥାନ୍ତି। ଯେଉଁ ଦିନ ନବରାତ୍ର ଆରମ୍ଭ ହୋଇଥାଏ ସେହି ଦିନ ହିସାବରେ ମା ସବୁଥର ଅଲଗା ଅଲଗା ବାହନରେ ଆସିଥାନ୍ତି। ଅଲଗା ଅଲଗା ବାହନରେ ମା ଆସିବା ଭବିଷ୍ୟତ ସମ୍ପର୍କରେ ସଂକେତ ମଧ୍ୟ ହୋଇଥାଏ। ଯେଉଁଥିରୁ ଜଣାପଡିଥାଏ ଆଗାମୀ ବର୍ଷ କିପରି ରହିବ ଏହି ବିଷୟରେ ଦେବୀ ଭାଗବତ ପୁରାଣରେ ଏହି ପ୍ରକାର ଲେଖାଯାଇଛି ଯେ ଯେବେ ମାଙ୍କର ଧରାବତରଣ ହୁଏ ମା'ଗଜ ବାହନରେ ଆସନ୍ତି। ହାତୀରେ ମା'ଙ୍କ ଆଗମନ ଭଲ ବର୍ଷାର ସୂଚନା ଦିଏ। ଯାହା ଭାରତ ଭଳି କୃଷି ଆଧାରିତ ଅର୍ଥନୀତିକୁ ବେଶ ସୁହାଇବ।

ଜ୍ୟୋତିଷାର୍ଚ୍ଚର୍ଯ୍ୟ କହନ୍ତି ଏମିତିରେ ସିଂହ ମା'ଙ୍କ ବାହନ। ତେବେ ପ୍ରତିବର୍ଷ ନବରାତ୍ର ତିଥି ଅନୁସାରେ ମା' ଅଲଗା ଅଲଗା ବାହନରେ ପୃଥିବୀକୁ ଆଗମନ କରିଥାନ୍ତି। ଅର୍ଥାତ ମା'ସିଂହ ବଦଳେ ଅନ୍ୟ ବାହନରେ ପୃଥିବୀକୁ ଆଗମନ କରନ୍ତି। ମା'ଦୁର୍ଗା ଯେପରି ବାହନରେ ଆସନ୍ତି ସେହିପରି ବିଦାୟ ସମୟରେ ଅନ୍ୟ ବାହନରେ ପ୍ରତ୍ୟାବର୍ତ୍ତନ ମଧ୍ୟ କରିଥାନ୍ତି। ଦେବୀ ଭାଗବତ ପରାଣରେ ସପ୍ତାହର ୭ ଦିନ ଅନୁସାରେ ଦେବୀ ଅଲଗା ଅଲଗା ବାହନରେ ଆସିଥାନ୍ତି ଓ ଧରାରୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି।

ଯଦି ନବରାତ୍ରିର ମା'ହାତୀ ବାହନରେ ଧରାପୃଷ୍ଠକୁ ଆସିଥାନ୍ତି। ସେହିପରି ଶନିବାର ଅଥବା ମଙ୍ଗଳବାର ନବରାତ୍ର ଆରମ୍ଭ ହେଲେ ମାଙ୍କର ଅଶ୍ୱପୃଷ୍ଠରେ ଧରାବତରଣ ହୋଇଥାଏ। ଯଦି ଗୁରୁବାର କି ଶୁକ୍ରବାର ନବରାତ୍ରି ଆରମ୍ଭ ହେବ ମା'ସବାରିରେ ବସି ପୃଥିବୀକୁ ଆଗମନ କରନ୍ତି ଓ ବୁଧବାର ନବରାତ୍ରି ଆରମ୍ଭ ହେଲେ ମା'ନୌକାରେ ଧରାପୃଷ୍ଠକୁ ଆସନ୍ତି। ନବରାତ୍ରିରେ ବିଶେଷ ନକ୍ଷତ୍ର ଓ ଯୋଗରେ ପୃଥିବୀକୁ ଆସିବା ମାନବ ଜୀବନ ଉପରେ ଖାସ ପ୍ରଭାବ ପକାଇଥାଏ।

ଜ୍ୟୋତିଷାର୍ଚ୍ଚର୍ଯ୍ୟଙ୍କ ଅନୁସାରେ ନବରାତ୍ରିର ପ୍ରଥମ ଦିନ ଆଧାରରେ ମା'ଦୁର୍ଗାଙ୍କ ବାହନ ସମ୍ପର୍କରେ ଜଣାପଡିଥାଏ। ନବାରାତ୍ରିରେ ମା'ଙ୍କ ବାହନର ବିଶେଷ ମହତ୍ତ୍ୱ ଥାଏ। ଏଥର ମା'ହାତୀରେ ବସି ପୃଥିବୀକୁ ଆଗମନ କରିବେ, ଏହା ଏହି କଥାର ସଂକେତ କରୁଛି ଆଗାମୀ ଦିନରେ ଭଲ ବର୍ଷା ହେବ ଓ ପୃଥିବୀ ଶସ୍ୟ ଶ୍ୟାମଳ ହେବ। ଦେଶରେ ଅନ୍ନ ଓ ଧାନର ଭଣ୍ଡାର ବଢ଼ିବ, ଜ୍ୟୋତିଷାର୍ଚ୍ଚର୍ଯ୍ୟ କହନ୍ତି ନବରାତ୍ରିରେ ଯେବେ ମା'ହାତୀରେ ଆସନ୍ତି ଏହାକୁ ଅତ୍ୟନ୍ତ ଶୁଭ ମନେ କରାଯାଏ।

ହାତୀରେ ବସି ମା'ଦୁର୍ଗା ତାଙ୍କ ସହିତ ଅନେକ ଖୁସି ଓ ସୁଖ ସମୃଦ୍ଧି ନେଇ ଆସିଥାନ୍ତି। ମା'ଙ୍କ ବାହନ ହାତୀକୁ ଜ୍ଞାନ ଓ ସମୃଦ୍ଧିର ପ୍ରତୀକ ମନେ କରାଯାଏ। ଏହା ଦ୍ୱାରା ଦେଶରେ ଆର୍ଥିକ ସମୃଦ୍ଧି ଆସିବା ସାଙ୍ଗକୁ ଜ୍ଞାନ ବିଜ୍ଞାନରେ ମଧ୍ୟ ଦେଶ ଅଗ୍ରଗତି କରିବ। ହାତୀକୁ ଶୁଭ ପ୍ରତୀକ ମନେ କରାଯାଏ, ଏଣୁ ଆସିବାକୁ ଥିବା ବର୍ଷରେ ଅନେକ ଶୁଭ କାମ ହେବ। ନବରାତ୍ରିରେ ମା'ଙ୍କ ଆରାଧନା କରୁଥିବା ଭକ୍ତଙ୍କ ଉପରେ ମା'ଙ୍କ କପା ବର୍ଷି ହେବ।

# ନବରାତ୍ରିରେ ଅଖଣ୍ଡ ଜ୍ୟୋତି ଜଳାଇବାର ମହତ୍ତ୍ୱ

ନବରାତ୍ରିରେ ଅଖଣ୍ଡ ଜ୍ୟୋତି ଜଳାଇବାର ବିଶେଷ ମହତ୍ତ୍ୱ ରହିଛି। ଅଖଣ୍ଡ ଦୀପର ଅର୍ଥ ହେଉଛି ଲଗାତାର ଦୀପକୁ ଜଳାଇ ରଖିବା ଏବଂ ଏହାକୁ ଲିଭିବାକୁ ନଦେବା। ନବରାତ୍ରୀର ୯ ଦିନ ପର୍ଯ୍ୟନ୍ତ ଲଗାତାର ୨୪ ଘଣ୍ଟା ମା'ଙ୍କ ସାମ୍ନାରେ ଦୀପ ଜଳାଇ ରଖାଯାଇଥାଏ। ମାନ୍ୟତା ଅନୁସାରେ ଅଖଣ୍ଡ ଦୀପ ଜଳାଇ ରଖିବା ଦ୍ୱାରା ଘରେ ସୁଖ ସମୃଦ୍ଧି ଆସିଥାଏ ଏବଂ ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ମା'ପ୍ରସନ୍ନ ହୋଇ ସମସ୍ତ ମନୋକାମନା ପୂର୍ଣ୍ଣ କରିଥାନ୍ତି। ଦୀପ ଲିଭିବାରୁ ବଞ୍ଚାଇବା ପାଇଁ ସେଥିରେ ଘିଅ କିମ୍ବା ତେଲ ନସରିବାକୁ ଧ୍ୟାନ ଦେବାକୁ ପଡ଼ିଥାଏ। ଏହା ବ୍ୟତୀତ ଦୀପ ପବନରେ ନଲିଭିବା ପାଇଁ ଦୀପ ଚାରି ପାଖରେ କାଚର ବନ୍ଧକ ଲଗାଯାଇଥାଏ ।

ଅଖଣ୍ଡ ଜ୍ୟୋତିର ନିୟମ : ଯଦି ନବରାତ୍ରିରେ ଅଖଣ୍ଡ ଜ୍ୟୋତି ଜଳାଉଛନ୍ତି ତେବେ କିଛି ନିୟମକୁ ଧ୍ୟାନ ଦେବା ବହୁତ ଜରୁରି ହୋଇଥାଏ। ନଚେତ ମା' ଦୁର୍ଗା କ୍ରୋଧିତ ହେବାର ସମ୍ଭାବନା ମଧ୍ୟ ଥାଏ ।

ନବରାତ୍ରୀରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବାର ପ୍ରଥମ ନିୟମ ହେଉଛି ଘରେ କୌଣସି ବ୍ୟକ୍ତି ରହିବା ନିହାତି ଜରୁରି। କାରଣ ଅଖଣ୍ଡ ଜ୍ୟୋତିର ଧ୍ୟାନ ରଖିବାକୁ ହୋଇଥାଏ ଅଖଣ୍ଡ ଜ୍ୟୋତି ଜଳାଉଛନ୍ତି ତ ଘର ଖାଲି ରଖିବା ଅନୁଚିତ ।

ଅଖଣ୍ଡ ଜ୍ୟୋତିକୁ ଖାଲି ଭୂମିରେ ରଖିବା ଅନୁଚିତ। ଏହାକୁ ରଖିବା ପାଇଁ କଳସ କିମ୍ବା କୌଣସି ଏକ ଜିନିଷ ଉପରେ ରଖନ୍ତୁ ।

ଯଦି ଏହାକୁ କୌଣସି ଜିନିଷ ଉପରେ ରଖୁଛନ୍ତି ତେବେ ଏହାକୁ ଏକ ଲାଲ ବସ୍ତ୍ର ଉପରେ ରଖନ୍ତୁ ଯଦି କଳସ ଉପରେ ଜୌତି ପ୍ରଜ୍ୱଳନ କରୁଛନ୍ତି ତେବେ ଏହା ତଳେ ଧାନ କିମ୍ବା ଗହମ ଭଳି ଶସ୍ୟ ରଖନ୍ତୁ ।

ଯଦି ଅଖଣ୍ଡ ଜ୍ୟୋତିରେ ଘିଅ ବ୍ୟବହାର କରୁଛନ୍ତି ତେବେ ଏହାକୁ ଦୁର୍ଗା ମା'ଙ୍କ ଡାହାଣ ପାର୍ଶ୍ୱରେ ରଖନ୍ତୁ। ଯଦି ଦୀପରେ ସୋରିଷ ତେଲ ବ୍ୟବହାର କରୁଛନ୍ତି ତେବେ ଏହାକୁ ବାମ ପାର୍ଶ୍ୱରେ ରଖିବା ଉଚିତ ।

ଅଖଣ୍ଡ ଦୀପ ପବନରେ ନଲିଭିବା ପାଇଁ ଏହାର ଚାରିପଟେ କାଚ ବନ୍ଧକ ରଖନ୍ତୁ। ଏହା ସହିତ ଦୀପରେ ଘିଅ ଏବଂ ତେଲ ଶେଷ ହେବାକୁ ଦିଅନ୍ତୁ ନାହିଁ ।



## ଅଷ୍ଟମୀ ନବମୀରେ ଝିଅଙ୍କୁ ପୂଜା କରାଯାଏ

ନବରାତ୍ରି ସମୟରେ କନିଆ ପୂଜାର ବିଶେଷ ମହତ୍ତ୍ୱ ରହିଛି। କୁହାଯାଏ ନବରାତ୍ରିର ପ୍ରତ୍ୟେକ ଦିନ ଅତି କମରେ ଗୋଟିଏ ଝିଅକୁ ପୂଜା କରିବା ଉଚିତ। ଏହି ନଅ ଦିନ ମଧ୍ୟରେ ଅଷ୍ଟମୀ ଏବଂ ନବମୀରେ ଝିଅମାନଙ୍କୁ ପୂଜା କରିବା ସର୍ବୋତ୍ତମ ବୋଲି ବିବେଚନା କରାଯାଏ। ଏହା ସହିତ ଭକ୍ତମାନେ ଏହି ଦୁଇ ଦିନରେ ଝିଅମାନଙ୍କୁ ନୈବେଦ୍ୟ ଅର୍ପଣ କରି ଉପବାସ ଭାଙ୍ଗନ୍ତି । ଦେବୀ ପୁରାଣ ଅନୁଯାୟୀ ଯେତେବେଳେ ଦେବରାଜ ଇନ୍ଦ୍ର ଭଗବାନ ଦେବୀ ଭଗବତୀଙ୍କୁ ଖୁସି କରିବା ପାଇଁ ବ୍ରହ୍ମାଙ୍କୁ ପଦ୍ଧତି ମାଗିଥିଲେ, ସେତେବେଳେ ସେ କୁମାରୀ ପୂଜାପାଠକୁ ସର୍ବୋତ୍ତମ ପଦ୍ଧତି ବୋଲି କହିଥିଲେ । ଏହି ପୂଜାରେ ନଅ ଅବିବାହିତା ବାଳିକା ଏବଂ ଜଣେ କୁମାରଙ୍କୁ ଉପଯୁକ୍ତ ଭାବରେ ଘରକୁ ଡକାଯାଏ, ସେମାନଙ୍କର ପାଦ ଧୋଇ ରୋଲି-କୁମକୁମ ଲଗାଇ ପୂଜା କରାଯାଏ । ସେହି ଦିନଠାରୁ ଏହି କାରଣରୁ ନବରାତ୍ରୀ ସମୟରେ କାନିଆ ପୂଜା ପରିବେଷଣ କରାଯାଏ ।

# ଡାଇବେଟିସଙ୍କ ପାଇଁ ଏହି ଡାଲି ଖାଇବା ଅନୁଚିତ

ଖରାପ ଜୀବନଶୈଳୀ ଏବଂ ଖାଦ୍ୟାଭ୍ୟାସ କାରଣରୁ ଅଧିକାଂଶ ଲୋକ ଏବେ ମଧୁମେହ ବା ଡାଇବେଟିସରେ ପୀଡ଼ିତ। କହିବାକୁ ଗଲେ ବର୍ତ୍ତମାନ ସମୟରେ ଘରେ ଘରେ ଡାଇବେଟିସ ରୋଗୀ। ଏହି ରୋଗ ଏକ ଗମ୍ଭୀର ସମସ୍ୟାନ ହେଲେ ବି ଅନ୍ୟାନ୍ୟ ରୋଗର କାରଣ ପାଲଟିଥାଏ। ମଧୁମେହ ପ୍ରଭାବରୁ ମୁକ୍ତି ପାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ନୁହେଁ, ବରଂ ଖାଦ୍ୟରେ କଟକଣା ଜରୁରୀ। ଖାଦ୍ୟରେ କଟକଣା ଆଣିପାରିଲେ ରକ୍ତରେ ଶର୍କାର ସ୍ତର ହ୍ରାସପାଏ। ଏଥିପାଇଁ ଏହି ରୋଗୀମାନଙ୍କୁ ଡାକ୍ତରମାନେ ଖାଦ୍ୟରେ ଅନେକ କଟକଣା ରଖିବାକୁ ପରାମର୍ଶ ଦିଅନ୍ତି। ପନିପରିବାଠୁ ନେଇ ଫଳମୂଳ ପର୍ଯ୍ୟନ୍ତ ବହୁତ କିଛି ଖାଇବାକୁ ବାରଣ ହୋଇଥାଏ। ତେବେ ଏସବୁ ମଧ୍ୟରେ ମଧୁମେହ ରୋଗୀମାନେ କେଉଁ ଡାଲି ଖାଇବେ ଏବଂ ନ ଖାଇବେ, ଜାଣନ୍ତୁ।

**ମଧୁମେହରେ କେଉଁ ଡାଲିରୁ ଦୂରେଇ ରହିବା ଉଚିତ୍ ?**



ମଧୁମେହ ରୋଗୀମାନେ ବିରି ଡାଲି ବଦଳରେ ମଶୁର, ମୁଗ ଏବଂ ଚଣା ଡାଲି ଖାଇପାରିବେ। ଏହା ସେମାନଙ୍କ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ମଶୁର ଡାଲିରେ ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ ଥାଏ। ଏହା ବ୍ୟତୀତ ଏଥିରେ ଲୌହ, ଫୋଲେଟ୍, ଜିଙ୍କ ଏବଂ ଅନେକ ଭିଟାମିନ ମିଳିଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ।

## ମଧୁମେହକୁ ନିୟନ୍ତ୍ରଣ କରିବା ପାଇଁ ଟିପ୍ସ

ମଧୁମେହକୁ ନିୟନ୍ତ୍ରଣରେ ରଖିବାର ସର୍ବୋତ୍ତମ ଉପାୟ ହେଉଛି ଖାଦ୍ୟରେ କଟକଣା। ଖାଇବା ଅଭ୍ୟାସରେ ଉନ୍ନତି ପାଇଁ ଧ୍ୟାନ ଦେବା ଉଚିତ। ଡାକ୍ତରଙ୍କ ପରାମର୍ଶଦିତ ଖାଦ୍ୟ ବ୍ୟତୀତ ବ୍ୟାୟାମ ଏବଂ ଶାରୀରିକ କାର୍ଯ୍ୟକଳାପ ନିୟମିତ କରିବା ଦ୍ୱାରା ମଧୁମେହ ନିୟନ୍ତ୍ରଣରେ ରହିଥାଏ। ଫଳରେ ଜଣେ ବ୍ୟକ୍ତି ସାଧାରଣ ଜୀବନଯାପନ କରିବାକୁ ସମର୍ଥ ହୋଇପାରିବ ।

## ଓଜନ ବୃଦ୍ଧି କରେ

# କ୍ୟାପ୍‌ସିକମ୍ ବା ସିମ୍‌ଲା ଲଙ୍କା ସ୍ୱାସ୍ଥ୍ୟ ପାଇଁ ଭଲ

ଓଜନ ବୃଦ୍ଧି ଆଜିକାଲି ଏକ ସାଧାରଣ ସମସ୍ୟା । ଅଧିକାଂଶ ଲୋକ ଖାଦ୍ୟକୁ ନିୟନ୍ତ୍ରଣ କରି ନିଜ ଓଜନକୁ ଆୟତ୍ତରେ ରଖିଥାନ୍ତି । କିନ୍ତୁ କିଛି ଲୋକ ଖାଦ୍ୟ ନିୟନ୍ତ୍ରଣ ନକରି କେବଳ ବିକଳ୍ପ ଖାଦ୍ୟ ଖୋଜିଥାନ୍ତି ତାହା ବି କିଛି ମାତ୍ରାରେ ଫଳପ୍ରଦ ହୋଇଥାଏ।

ଆପଣ ତ ଜାଣନ୍ତି ଯେ କ୍ୟାପସିକମ୍ ଓ ସିମ୍‌ଲା ଲଙ୍କା ଗୋଟାଏ ଗୋଟାଏ ଲୋକପ୍ରିୟ ପରିବା, ଯାହା ଓଜନ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସବୁଜ, ନାଲି ଏବଂ ହଳଦିଆ ଆଦି ଅନେକ ରଙ୍ଗରେ କ୍ୟାପସିକମ ଉପଲବ୍ଧ। ଏଥିରେ ସମସ୍ତ ପ୍ରକାରର ଭିଟାମିନ ଏବଂ ମିନେରାଲ୍ସ ଭରପୂର ପରିମାଣର ଅଛି। ଯେଉଁମାନଙ୍କର ପେଟ ବଢୁଛି, ସେମାନେ ଏହାକୁ ଖାଇ ଓଜନ ହ୍ରାସ କରିପାରିବେ।

ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ମେଟାବୋଲିକ ସ୍ୱାସ୍ଥ୍ୟ ପାଇଁ କ୍ୟାପସିକମ ଓ ସିମ୍‌ଲା ଲଙ୍କା ଖାଇବା ଭଲ। ବିଶେଷକରି ଯେଉଁମାନଙ୍କ ଓଜନ ବୃଦ୍ଧି ପାଉଛି ସେମାନଙ୍କ ପାଇଁ ଏହି ଦୁଇ ପରିବା ଖୁବ ଉପକାରୀ।



ଓଜନ ହ୍ରାସ କରିବାକୁ ଦିନସାରା କ୍ୟାଲୋରି ହ୍ରାସ କରିବାକୁ ପଡ଼େ। ଯେଉଁଥିପାଇଁ ଏପରି ଖାଦ୍ୟ ଖାଇବା ଉଚିତ। ଯେଉଁଥିରେ ଅଧିକ କ୍ୟାଲୋରି ନାହିଁ । କ୍ୟାପ୍ସିକମ ଓ ସିମ୍‌ଲା ଲଙ୍କାରେ ଖୁବ କମ୍ କ୍ୟାଲୋରି ଥାଏ, ଏହା ଓଜନ ହ୍ରାସ ପାଇଁ ଉତ୍କୃଷ୍ଟ ବିକଳ୍ପ। ଏହାକୁ ଖାଇବା ଦ୍ୱାରା କ୍ୟାଲୋରି ବୃଦ୍ଧିରୁ ମୁକ୍ତିମିଳିଥାଏ। କ୍ୟାପ୍‌ସିକମ୍ ଓ ସିମ୍‌ଲା ଲଙ୍କା ପୁଷ୍ଟିକର ଫାଇବରରେ ଭରପୂର। ଏହା ଉତ୍ତମ ହଜମ କରିଥାଏ ଏବଂ ପେଟକୁ ଭଲ ରଖେ। ଏହି ଦୁଇ ଖାଦ୍ୟକୁ ଖାଇଲେ ଅତିରିକ୍ତ ଚର୍ବି ଶୀଘ୍ର କ୍ଷୟ ହୋଇଥାଏ। ସେଥିପାଇଁ ଏହି ପନିପରିବା ଓଜନ ହ୍ରାସ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହୋଇପାର।



# ଦୀର୍ଘାୟୁ ହେବାର ମନ୍ତ୍ର ...

କୃଷି ସଂପ୍ରସାରଣ କ୍ଷେତ୍ରରେ ନିଜର ଅସାମାନ୍ୟ ଜ୍ଞାନ ଓ ସଫଳ ପ୍ରୟୋଗ ପାଇଁ ଶ୍ରୀ ଲକ୍ଷ୍ମୀ ନାରାୟଣ କର ଓଡ଼ିଶାରେ ବେଶ୍ ପରିଚିତ। ତାଙ୍କର ପ୍ରକାଶିତ ପୁସ୍ତକ 'ସ୍ମୃତିରୁ ଖିଏ' ରେ ରହିଛି ଚାଷୀଭାଇମାନଙ୍କର ସାମାଜିକ ଅର୍ଥନୈତିକ ମାନବୃଦ୍ଧିର ଚିନ୍ତା ପ୍ରୟାସ, ତଥା ସାମାଜିକ-ସାଂସ୍କୃତିକ ବିଷୟକ ଘଟଣା ବହୁଳ ଜୀବନର କାହାଣୀ।

ଶ୍ରୀ ଲକ୍ଷ୍ମୀ ନାରାୟଣ କର ଯିଏକି ବର୍ତ୍ତମାନ ୯୨ ବର୍ଷ ବୟସରେ ପଦାର୍ପଣ କରିଛନ୍ତି । ସେ ୧୯୩୩ ମସିହା ଜାନୁୟାରୀ ୨ ତାରିଖ ରାତ୍ରି ୧୦ ଘଣ୍ଟାରେ ତତ୍କାଳୀନ ପୁରୀ ଜିଲ୍ଲାର କାକଟପୁର ଥାନା ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକ୍‌ର ଆଦିକନ୍ଦପୁରସ୍ଥ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱର୍ଗତ ମହେଶ୍ୱର କର ଥିଲେ ଭର୍ଣାକୁଲର ଟ୍ରେନିଂ ପ୍ରାପ୍ତ ସ୍କୁଲ ଶିକ୍ଷକ ଓ ମାତା ଧୋବୀ ଦେବୀ ଜଣେ ଅତି ଉଚ୍ଚମାନର ସୁଗୃହିଣୀ । ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ସମାପ୍ତି ପରେ କାକଟପୁର ଠାରେ ନିଜର ବାଲ୍ୟ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ କଟକ ଯାଇ ରେଭେନ୍ସା କଲେଜିଏଟ୍ ସ୍କୁଲ୍‌ରେ ନାମ ଲେଖାଇ ସେଠାରୁ ମ୍ୟାଟ୍ରିକ ପାସ କରିଥିଲେ। ତାପରେ ସରକାରଙ୍କ ଦ୍ୱାରା ନିର୍ବାଚିତ ହୋଇ ଆଲାହାବାଦ କୃଷି ଇନଷ୍ଟିଚ୍ୟୁଟରେ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇ ସେଠାରେ ପଢ଼ିବା ପାଇଁ ଚାଲିଗଲେ । ସେ ଅନେକ ଉତ୍ଥାନପତନ ଦେଇ ଗତି କରି ବିଭିନ୍ନ ପଦ ପଦବୀରେ ରହି ୧୯୯୩ ଜାନୁୟାରୀ ୩୧ ରେ ଅବସର ଗ୍ରହଣ କରି ବର୍ତ୍ତମାନ ତାଙ୍କ ନିର୍ମିତ ଭୁବନେଶ୍ୱରର ପ୍ଲଟ ନଂ ୨୫ ସୂର୍ଯ୍ୟ ନଗରରେ ଅବସ୍ଥାନ କରୁଛନ୍ତି ।

ଏତେ ଦୀର୍ଘ ଦିନ ଧରି ସୁସ୍ଥତାର ସହ ଜିଇଁବାର ରହସ୍ୟ ଆସନ୍ତୁ ତାଙ୍କ ଦିନଚର୍ଯ୍ୟାରୁ ଜାଣିବା। ହୁଏତ ତାଙ୍କ ଦିନଚର୍ଯ୍ୟା ଯୁବପିଢି ପାଇଁ କର୍ମମୁଖର ଏକ ବାର୍ତ୍ତା ନେଇ ଆସିବ...

ଶ୍ରୀ ଲକ୍ଷ୍ମୀ ନାରାୟଣ କର ପ୍ରତିଦିନ ଭୋର ୫.୩୦ ରେ ଉଠନ୍ତି। ପୂର୍ବଦିନ ରାତିରୁ ତାଙ୍କ ଶୋଇବା ଘର ଟେବୁଲ୍‌ରେ ରଖାଯାଇଥିବା ଗୋଟିଏ ଗ୍ଲାସ୍ ପାଣିରେ ଫାଳେ ଲେମ୍ବୁ ଓ ଏକ ଚାମୁଚ ମହୁ ମିଶାଇ ପିଅନ୍ତି । କିଛି ସମୟ ଅପେକ୍ଷା କରି ବ୍ରଶ କରି ଅନ୍ୟାନ୍ୟ ନିତ୍ୟ କର୍ମ ସାରି ସମ୍ବାଦ ପତ୍ର ପଢନ୍ତି । ସମ୍ବାଦପତ୍ର ପଢିବା ସହ ଚା ଓ ବିସ୍କୁଟ ଖାଇ ଠିକ୍ ୮.୪୫ରେ ଗାଧୋଇବା ପାଇଁ ଯାଆନ୍ତି। ଗାଧେଇ ସାରି ନିଜର ପୂଜା ପାଠ କରନ୍ତି । ପ୍ରାୟ ୪୫ ମିନିଟ ପର୍ଯ୍ୟନ୍ତ ବିଭିନ୍ନ ସ୍ତୋତ୍ର ପାଠ ଓ ଜପ କରିବା ପରେ ୯.୨୦ ରେ ତାଙ୍କର ସକାଳ ଜଳଖିଆ କେଉଁ ଦିନ ରୁଟି କ୍ଷୀର କଦଳୀ, କେଉଁଦିନ ଚୁଡା କଦଳୀ, ନଡ଼ିଆ , ଛେନା, କ୍ଷୀର ଅବା କେଉଁଦିନ ଉପମା ଚଟଣୀ, ସମ୍ବର ବା ଇଡିଲି ତ କେଉଁଦିନ, ଅଣ୍ଡା ଆମ୍ଲେଟ ସହିତ ରୁଟି ସନ୍ତୁଳା ଇତ୍ୟାଦି ଖାଇ କିଛି ସମୟ ପାଇଁ ସେହି ଖାଇବା ଟେବୁଲ ପାଖରେ ବସି ପ୍ରାର୍ଥନା ଚାନେଲ ଓ ନ୍ୟୁଜ ଚ୍ୟାନେଲ ଦେଖନ୍ତି। ପ୍ରାୟ ଏକ ଘଣ୍ଟା ଟିଭି ଦେଖିବା ପରେ ପୁଣି ନିଜ ଶୋଇବା ଘରକୁ ଯାଇ କିଛି ଲେଖାଲେଖି କରନ୍ତି ଓ ସମ୍ବାଦ ପତ୍ର ପଢନ୍ତି। ଠିକ୍ ଦିନ ଦୁଇଟା ସମୟରେ ନିଜର ମଧ୍ୟାହ୍ନ ଭୋଜନ କରିବା ସହ ଟିଭି ସମ୍ବାଦ ଦେଖନ୍ତି ଓ ୨.୩୦ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ବିଶ୍ରାମ ନିଅନ୍ତି। ସନ୍ଧ୍ୟାରେ ଚା' ପିଇ ସନ୍ଧ୍ୟା ଜପ ଓ ସ୍ତୋତ୍ର ପଢ଼ି ଟିଭି ଦେଖି ଠିକ୍ ୧୦ .୧୦ରେ ନିଜର ରାତ୍ର ଭୋଜନ କରିନିଅନ୍ତି। ରାତ୍ର ଭୋଜନ ପରେ ଟିଭିର ଶେଷ ନ୍ୟୁଜ ଦେଖି ଶୋଇବାକୁ ଯାଆନ୍ତି । ଅନେକ ସମୟରେ ସକାଳେ ବା ସନ୍ଧ୍ୟାରେ କୌଣସି ବନ୍ଧୁ ବାନ୍ଧବ ବା ତାଙ୍କ ଛାତ୍ର ଛାତ୍ରୀ ମାନେ (କାରଣ ସେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଓ ପରେ ନିର୍ଦ୍ଦେଶକ ଥିଲେ) ଆସିଲେ ତାଙ୍କ ସହିତ କଥାବାର୍ତ୍ତା କରନ୍ତି ଓ ମାର୍ଗଦର୍ଶନ କରାନ୍ତି ।

ଏପରି ଜଣେ ସମୟାନୁବର୍ତ୍ତୀ, କ୍ରିୟାଶୀଳ, ଚଳଚଞ୍ଚଳ ପୁରୁଷ ତାଙ୍କର ବାକି ଜୀବନ ସୁସ୍ଥ ନିରାମୟ ଭାବେ ବିତାଇ ଶତକ ପାର ହୁଅନ୍ତୁ ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।



## ଜୁଲାନା ଆସନରୁ ଜିତିଲେ ଭିନେଶ ଫୋଗାଟ୍



**ଚଣ୍ଡିଗଡ଼**

କଂଗ୍ରେସ ପ୍ରାର୍ଥୀ ତଥା ରେସଲେର୍ ଭିନେଶ ଫୋଗାଟ୍ ଜିତିଛନ୍ତି ବିଧାନ ସଭା ନିର୍ବାଚନ। କୁସ୍ତି ମୈଦାନ ପରେ ରାଜନୀତି ମୈଦାନରେ ବି ଭିନେଶଙ୍କୁ ମିଳିଛି ବଡ଼ ସଫଳତା। ହରିୟାଣାର ଜୁଲାନା ଆସନରୁ ବିଜୟୀ ହୋଇଛନ୍ତି ଭିନେଶ ଫୋଗାଟ। ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁସାରେ, ୬,୦୦୦ ଭୋଟ୍ ବ୍ୟବଧାନରେ ଜିତିଛନ୍ତି ଭିନେଶ। ତୃତୀୟ ଥର ପାଇଁ ରାଜ୍ୟରେ ଶାସନ କରିବାକୁ ଯାଉଥିବା ବିଜେପି ପକ୍ଷରୁ ଭିନେଶଙ୍କ ପ୍ରତିପକ୍ଷ ଥିଲେ ଯୋଗେଶ କୁମାର। ପ୍ରଥମ ରାଉଣ୍ଡରୁ ଭିନେଶ ତାଙ୍କୁ ପଛରେ ପକାଇ ଆଗେଇ ଚାଲିଥିଲେ। ଶେଷରେ ୬ ହଜାର ମାର୍ଜିନ ସହ ଜୁଲାନର ବିଧାୟିକା ହୋଇଛନ୍ତି ଭିନେଶ।

୨୦୨୪ ଅଲିମ୍ପିକ୍ସ ପରେ ରେସଲିଂରୁ ଅବସର ଘୋଷଣା କରିଥିଲେ ଭିନେଶ ଫୋଗାଟ୍। ଏହାପରେ ସେ ସେପ୍ଟେମ୍ବର ୬ରେ କଂଗ୍ରେସରେ ଯୋଗ ଦେଇଥିଲା। ଏହା ତାଙ୍କର ପ୍ରଥମ ନିର୍ବାଚନ ହୋଇ ଥିବାବେଳେ ସେ ବିଜୟ ହାସଲ କରିଛନ୍ତି।

## ଆଜି ଏକା ସମୟରେ ବାଂଲାଦେଶ ଓ ଶ୍ରୀଲଙ୍କାକୁ ଟକ୍କର ଦେବ ଟିମ୍ ଇଣ୍ଡିଆ





**ହାଇଦ୍ରାବାଦ**

ବୁଧବାର ଅର୍ଥାତ୍ ୯ ଅକ୍ଟୋବର ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଏକ ବ୍ଲକ-ବଷ୍ଟର ଦିନ ହେବାକୁ ଯାଉଛି। କାରଣ ଏହି ଦିନ ପ୍ରଶଂସକମାନେ କ୍ରିକେଟ୍ ମ୍ୟାଚ୍‌ର ଡବଲ୍‌ଡୋଜ୍ ପାଇବେ, ଯେତେବେଳେ ଟିମ୍ ଇଣ୍ଡିଆ ଏକାସାଙ୍ଗରେ ଦୁଇଟି ମ୍ୟାଚ୍ ଖେଳିବ। ଗୋଟିଏ ପଟେ ଭାରତୀୟ ମହିଳା କ୍ରିକେଟ୍ ଦଳ ଆଇସିସି ମହିଳା ଟି୨୦ ବିଶ୍ୱକପ ୨୦୨୪ରେ ଏହାର ତୃତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କା ବିପକ୍ଷରେ ଖେଳୁଥିବାବେଳେ ଅନ୍ୟପଟେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ପୁରୁଷ କ୍ରିକେଟ୍ ଦଳ ବାଂଲାଦେଶ ବିପକ୍ଷରେ ମୈଦାନକୁ ଓହ୍ଲାଇବ।

ଆଇସିସି ମହିଳା ଟି୨୦ ବିଶ୍ୱକପ୍ ୨୦୨୪ର ଦ୍ୱାଦଶ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ବୁଧବାର ଶ୍ରୀଲଙ୍କା ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଏହାର ତୃତୀୟ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ ଏବଂ ଏହି ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୭:୩୦ରୁ ଖେଳାଯିବ।

ୟୁଏଇରେ ଚାଲିଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ କ୍ରିକେଟ୍ ଦଳର ଏହା ହେଉଛି ତୃତୀୟ ମ୍ୟାଚ୍। ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ୫୮ ରନ୍‌ରେ ଭାରତକୁ ପରାସ୍ତ କରିଥିବାବେଳେ ରବିବାର ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରି ଏହାର ବିଶ୍ୱକପ୍ ଯାତ୍ରା ଜାରି ରଖିଛି। ବର୍ତ୍ତମାନ ଏହି ତୃତୀୟ ମ୍ୟାଚ୍ ଭାରତୀୟ ମହିଳା ଦଳ ଯେକୌସି ମୂଲ୍ୟରେ ଜିତିବା ଆବଶ୍ୟକ। ନହେଲେ ଏହିଠାରେ ହିଁ ଭାରତୀୟ ଦଳର ବିଶ୍ୱକପ୍ ସ୍ୱପ୍ନ ଧୂଳିସାତ ହୋଇଯିବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ, ଭାରତ ଏବଂ ବାଂଲାଦେଶ ପୁରୁଷ ଦଳ ମଧ୍ୟରେ ଅକ୍ଟୋବର ୬ ରବିବାରଠାରୁ ତିନି ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଆରମ୍ଭ ହୋଇଛି। ଏହି ସିରିଜର ପ୍ରଥମ ମ୍ୟାଚରେ ଭାରତୀୟ ଦଳ ଚମତ୍କାର ବିଜୟ ହାସଲ କରିଛି । ଏବେ ଭାରତୀୟ ଦଳ ବୁଧବାର ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍ ଜିତି ସିରିଜ୍‌କୁ ଆଗୁଆ ଅକ୍ତିଆର କରିବାକୁ ଚେଷ୍ଟା କରିବ। ଅନ୍ୟପଟେ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରି ବାଂଲାଦେଶ ସିରିଜକୁ ବରାବର କରିବାକୁ ଚେଷ୍ଟା କରିବ। ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଭାରତୀୟ ସମୟ ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ ଏହି ମ୍ୟାଚ୍।

## ଗ୍ୱାଲିୟର ପଦାର୍ପଣ ପରେ ମୟଙ୍କ କୋଟିପତି !



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍‌ର ନୂଆ ଦ୍ରୁତ ବୋଲର ମୟଙ୍କ ଯାଦବ ଆଗାମୀ ଆଇପିଏଲ୍‌ର କୋଟିପତି ଖେଳାଳି ତାଲିକାରେ ସାମିଲ ହୋଇଯିବେ। ବାଂଲାଦେଶ ବିପକ୍ଷରେ ରବିବାର ପଦାର୍ପଣ କରିବା ପରେ ସେ ନିଲାମରେ ୧୧ କୋଟି ଟଙ୍କା ପାଇବା ସମ୍ଭାବନା ଦେଖାଦେଇଛି। ଆଇପିଏଲ୍‌ର ଖେଳାଳି ସଂରକ୍ଷିତ ରଖିବା ନିୟମକୁ ସମୀକ୍ଷା କରାଯିବା ପରେ ଏହି ଅନୁମାନ କରାଯାଉଛି। ନୂଆ ନିୟମ ଅନୁସାରେ, ନିଲାମ ପୂର୍ବରୁ ଯଦି ଜଣେ ଖେଳାଳି ଆନ୍ତର୍ଜାତିକ ପଦାର୍ପଣ କରନ୍ତି, ତାହେଲେ ତାଙ୍କୁ 'କ୍ୟାପ୍‌ଡ ପ୍ଲେୟର' ବର୍ଗରେ ନିଆଯିବ। ତେଣୁ 'କ୍ୟାପ୍‌ଡ ପ୍ଲେୟର' ସଂରକ୍ଷିତ ରଖାଯିବା ନିୟମରେ ପ୍ରଥମ ପ୍ରସନ୍ଦର ଖେଳାଳିଙ୍କୁ ସର୍ବନିମ୍ନ ୧୮ କୋଟି, ଦ୍ୱିତୀୟ ପସନ୍ଦଙ୍କୁ ୧୪ କୋଟି ଓ ତୃତୀୟ ପସନ୍ଦଙ୍କୁ ଅନ୍ୟୂନ ୧୧ କୋଟି ଟଙ୍କା ଫ୍ରାଞ୍ଚାଇଜ୍ ପ୍ରଦାନ କରିବେ। ଅକ୍ଟୋବର ୩୧ ତାରିଖ ସୁଦ୍ଧା ଫ୍ରାଞ୍ଚାଇଜ୍ ଖେଳାଳି ସଂରକ୍ଷିତ ତାଲିକା ପ୍ରଦାନ କରିବେ। ସେତେବେଳକୁ ମୟଙ୍କ ବାଂଲାଦେଶ ଶୃଙ୍ଖଳା ଶେଷ କରିସାରିଥିବେ।

ମୟଙ୍କଙ୍କ ଆଇପିଏଲ୍ ଦଳ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ତାଙ୍କୁ ୨୦୨୩ରେ 'ଅନ୍‌କ୍ୟାପ୍‌ଡ' ଖେଳାଳି ଭାବେ ୨୦ ଲକ୍ଷ ଟଙ୍କାରେ କିଣିଥିଲା। ଏବେ ଦଳ ପାଖରେ କେଏଲ୍ ରାହୁଲ, କ୍ୱିଣ୍ଟନ ଡି'କକ୍, ନିକୋଲାସ ପୂରନ, ମାର୍କସ ଷ୍ଟୋଇନିସ୍‌ଙ୍କ ଭଳି ହେଭିୱେଟ୍ ଖେଳାଳି ଅଛନ୍ତି। କିନ୍ତୁ ପ୍ରଶିକ୍ଷକ ଜଷ୍ଟିନ୍ ଲାଙ୍ଗର ଓ ନୂଆ ମେଣ୍ଟର ଜାହିର ଖାନ୍ କୌଣସି ମତେ ମୟଙ୍କଙ୍କ ଭଳି ଏକ ହୀରାକୁ ନିଲାମ ଭିତରକୁ ଠେଲି ରିସ୍କ ନେବାକୁ ଚାହିଁବେନି। ଦୁଇ ବର୍ଷ ଧରି ମୟଙ୍କଙ୍କ ଉପରେ ଦଳ ଅନେକ କିଛି ବିନିଯୋଗ କରିଛି। ଭବିଷ୍ୟତରେ ସେ ଦଳର ପ୍ରମୁଖ ଖେଳାଳି ହୋଇପାରନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଯଦିବି ତାଙ୍କୁ ତୃତୀୟ ସଂରକ୍ଷିତ ଖେଳାଳି ଭାବେ ରଖାଯାଏ, ତାହେଲେ ମଧ ଅନ୍ୟୂନ ୧୧ କୋଟି ଟଙ୍କା ମୟଙ୍କ ପାଇବେ। ଅନ୍ୟପକ୍ଷରେ ସମାନ ଘଟଣା ନୀତୀଶ ରେଡ୍ଡୀଙ୍କ ସହିତ ଘଟିବନି। କାରଣ ସନରାଇଜର୍ସ ହାଇଦ୍ରାବାଦ ଦଳରେ ପାଟ୍ କମିନ୍ସ, ଟ୍ରାଭିସ୍ ହେଡ୍, ଅଭିଷେକ ଶର୍ମାଙ୍କ ଭଳି ମ୍ୟାଚ୍ ବିଜେତା ଥିବାରୁ ଦଳ ନୀତୀଶଙ୍କ କ୍ଷେତ୍ରରେ ସାଲିସ୍ କରିପାରେ। କିନ୍ତୁ ତାଙ୍କୁ 'ରାଇଟ୍ ଟୁ ମ୍ୟାଚ୍ (ଆରଟିଏମ୍)'ର ଫାଇଦା ମିଳିପାରେ।

## ଯୁବ କ୍ରୀଡ଼ାବିତ୍‌ମାନଙ୍କର ପ୍ରତିଭା ପ୍ରଦର୍ଶନ ପାଇଁ ଇଷ୍ଟଜୋନ୍ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନସିପ୍ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ : କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ଆରମ୍ଭ ହୋଇଯାଇଛି। ଓଡ଼ିଶାକୁ ପ୍ରଥମ ଦିନରେ ୨୭ଟି ପଦକ ମିଳିଛି। ଉଦ୍‌ଘାଟନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିଜର ଅଭିଭାଷଣରେ ଶ୍ରୀ ସୂରଜ ସମସ୍ତ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍‌ର ଆୟୋଜନ ମାଧ୍ୟମରେ ସମସ୍ତ ଯୁବ କ୍ରୀଡ଼ାବିତ୍ ମାନେ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ପାଇ ପାରୁଛନ୍ତି ବୋଲି ମତପ୍ରକାଶ କରିଥିଲେ।

ସେ କହିଥିଲେ ଯେ, ଓଡ଼ିଶାରେ ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ଆୟୋଜନ ହେବା ଏବଂ ପ୍ରଥମ ଦିନରେ ଓଡ଼ିଶାକୁ ୨୭ଟି ପଦକ ମିଳିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏଥିପାଇଁ ମୁଁ ସମସ୍ତ କ୍ରୀଡ଼ାବିତ୍ ଏବଂ ସେମାନଙ୍କର ପ୍ରଶିକ୍ଷକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆଗାମୀ ୨ ଦିନରେ ସମସ୍ତ କ୍ରୀଡ଼ାବିତ୍‌ମାନେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ପଦକ ଜିତି ନିଜ ନିଜ ରାଜ୍ୟ ତଥା ଦେଶ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ବୋଲି ମୁଁ ଆଶା କରୁଛି।

ପ୍ରଥମ ଦିନର ପ୍ରତିଯୋଗିତାରେ ୧୮ ବର୍ଷରୁ କମ୍ ୧୦୦ ମିଟର ଦୌଡ଼ ପ୍ରତିଯୋଗିତା (ବାଳକ ବର୍ଗ) ରେ କ୍ରୀଡ଼ାବିତ୍ ପ୍ରତୀକ ମହାରଣାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ଚିନ୍ମୟ ନାଗଙ୍କୁ କାଂସ୍ୟ ପଦକ ମିଳିଛି। ସେହିପରି ୨୦ ବର୍ଷରୁ କମ୍ ୧୦୦ ମିଟର ଦୌଡ଼ ପ୍ରତିଯୋଗିତା (ବାଳକ ବର୍ଗ)ରେ କ୍ରୀଡ଼ାବିତ୍ ଦୋଣ୍ଡପତି ଜୟରାମଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ମହେନ୍ଦ୍ର ସନ୍ତାଙ୍କୁ ରୌପ୍ୟ ପଦକ ମିଳିଛି। ୨୦ ବର୍ଷରୁ କମ୍ ୫୦୦୦ ମିଟର ଦୌଡ଼ ପ୍ରତିଯୋଗିତା (ବାଳକ ବର୍ଗ)ରେ ପ୍ରଦୀପ ମହତାଙ୍କୁ ରୌପ୍ୟ ପଦକ ମିଳିଛି। ୧୮ ବର୍ଷରୁ କମ୍ ଲଙ୍ଗଜମ୍ପ (ବାଳିକା ବର୍ଗ)ରେ ସଂଜୁ ହନ୍ତାଳଙ୍କୁ କାଂସ୍ୟ ପଦକ ପ୍ରାପ୍ତ ହୋଇଛି। ୧୮ବର୍ଷରୁ କମ୍ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ମଧ ସଂଜୁ ହନ୍ତାଳଙ୍କୁ କାଂସ୍ୟ ପଦକ ପ୍ରାପ୍ତ ହୋଇଛି।

ସେହିପରି ଭାବେ ୧୬ ବର୍ଷରୁ କମ୍ ସଟ୍‌ପୁଟ୍ ଥ୍ରୋ (ବାଳକ ବର୍ଗ )ରେ ସୌମ୍ୟ ରଞ୍ଜନ ପ୍ରିୟଦର୍ଶୀଙ୍କୁ ରୌପ୍ୟ ପଦକ ମିଳିଛି। ସାଗର ଏକ୍କାଙ୍କୁ ୧୮ ବର୍ଷରୁ କମ୍ ହାଇଜମ୍ପ (ବାଳକ ବର୍ଗ) ପ୍ରତିଯୋଗିତାରେ କାଂସ୍ୟ ପଦକ ମିଳିଛି। ଓମ୍‌କାର ନନ୍ଦଙ୍କୁ ୧୮ ବର୍ଷରୁ କମ୍ ସଟପୁଟ ଥ୍ରୋ (ବାଳକ ବର୍ଗ)ରେ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ଅଂଶିକା ରାଉତରାୟଙ୍କୁ ୨୦ ବର୍ଷରୁ କମ୍ ସଟ୍‌ପୁଟ୍ ଥ୍ରୋ (ବାଳିକା ବର୍ଗ)ରେ ସ୍ୱର୍ଣ୍ଣ ପଦକ ମିଳିଛି ।



୧୬ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ (ବାଳକ ବର୍ଗ)ରେ ସତ୍ୟରଞ୍ଜନ ରାୟଙ୍କୁ ରୌପ୍ୟ ପଦକ ଏବଂ ଦେବସ୍ତୁତି ମୋହନଙ୍କୁ କାଂସ୍ୟ ପଦକ ମିଳିଛି। ୧୮ ବର୍ଷରୁ କମ୍ ଡିସ୍‌କସ୍ ଥ୍ରୋ (ବାଳିକା ବର୍ଗ )ରେ ପୁରବୀ ପାଢ଼ୀଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି।

୨୦ ବର୍ଷରୁ କମ୍ ଲଙ୍ଗଜମ୍ପ (ବାଳକ ବର୍ଗ) ପ୍ରତିଯୋଗିତାରେ ନରେଶ ରୋହିଦାସଙ୍କୁ କାଂସ୍ୟ ପଦକ ମିଳିଛି। ହର୍ଡଲ୍ସ ଇଭେଣ୍ଟରେ ୧୬ ବର୍ଷରୁ କମ୍ ୮୦ ମିଟର ହର୍ଡଲ୍ସ(ବାଳିକା ବର୍ଗ)ରେ ଦୀପ୍ତିମୟୀ ଦାସଙ୍କୁ ରୌପ୍ୟ ପଦକ ମିଳିଛି। ୧୮ ବର୍ଷରୁ କମ୍ ୧୦୦ ମିଟର ହର୍ଡଲ୍ସ (ବାଳିକା ବର୍ଗ)ରେ ବାସନ୍ତୀ ମାଝୀଙ୍କୁ ରୌପ୍ୟ ପଦକ ଏବଂ ଗୁରୁପୂଜା ପରିଡାଙ୍କୁ କାଂସ୍ୟ ପଦକ ମିଳିଛି। ୨୦ ବର୍ଷରୁ କମ୍ ୧୦୦ ମିଟର ହର୍ଡଲ୍ସ (ବାଳିକା ବର୍ଗ)ରେ ଅମ୍ରିତା ଡୁଙ୍ଗଡୁଙ୍ଗଙ୍କୁ କାଂସ୍ୟ ପଦକ ମିଳିଛି।

୧୪ବର୍ଷରୁ କମ୍ (ବାଳିକା ବର୍ଗ) ଟ୍ରାଇଥଲାନ୍ ବି ପ୍ରତିଯୋଗିତାରେ ଏଲ. ସ୍ନିଗ୍ଧାଙ୍କୁ ରୌପ୍ୟ ପଦକ ମିଳିଥିବା ବେଳେ ସମୀକ୍ଷା ସ୍ମରଣିକାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି।

୧୬ ବର୍ଷରୁ କମ୍ ଜାଭେଲିନ ଥ୍ରୋ (ବାଳିକା ବର୍ଗ)ରେ ଅଲୋକିକା ସ୍ୱାଇଁ ଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ୨୦ ବର୍ଷରୁ କମ୍ ୪୦୦ ମିଟର ଦୌଡ଼ ପ୍ରତିଯୋଗିତା (ବାଳକ ବର୍ଗ)ରେ ଆସ୍ତିକ ପ୍ରଧାନଙ୍କୁ ରୌପ୍ୟ ପଦକ ଏବଂ ବାପି ହାଁସଦାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ୧୮ ବର୍ଷରୁ କମ୍ ୪୦୦ ମିଟର ଦୌଡ଼ ପ୍ରତିଯୋଗିତା (ବାଳିକା ବର୍ଗ)ରେ ଅକ୍କୀରେଡ୍ଡୀଙ୍କୁ କାଂସ୍ୟ ପଦକ ମିଳିଛି। ୨୦ ବର୍ଷରୁ କମ୍ ୧୦୦୦ ମିଟର ରେସ୍ ୱାକ୍ (ବାଳକ ବର୍ଗ)ରେ ସନ୍ତୋଷ ବେହେରାଙ୍କୁ କାଂସ୍ୟ ପଦକ ମିଳିଛି। ସେହିପରି ଭାବେ ୨୦ ବର୍ଷରୁ କମ୍ ଲଙ୍ଗ ଜମ୍ପ (ବାଳକ ବର୍ଗ)ରେ ନରେଶ ରୋହିଦାସଙ୍କୁ କାଂସ୍ୟ ପଦକ ମିଳିଛି।

ପ୍ରକାଶଯୋଗ୍ୟ ଯେ, ଆସନ୍ତା ଅକ୍ଟୋବର ମାସ ୦୯ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍ ଠାରେ ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥ୍‌ଲେଟିକ୍ସ ଚମ୍ପିୟାନସିପ୍ ଅନୁଷ୍ଠିତ ହେବ । ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ସମୁଦାୟ ୧୦ଟି ରାଜ୍ୟ ଯଥା ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ମେଘାଳୟ, ନାଗାଲାଣ୍ଡ, ସିକିମ, ଅରୁଣାଚଳ ପ୍ରଦେଶ, ଆସାମ ଓ ମଣିପୁରରୁ ୬୦୦ରୁ ଊର୍ଦ୍ଧ୍ୱ ଯୁବ କ୍ରୀଡ଼ାବିତ୍‌ମାନେ ବିଭିନ୍ନ ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି ।

ବିହାରରୁ ସର୍ବାଧିକ ୧୩୪ ଜଣ କ୍ରୀଡାବିତ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ବେଳେ ନାଗାଲାଣ୍ଡରୁ ସର୍ବନିମ୍ନ ୫ ଜଣ କ୍ରୀଡାବିତ୍ ଭାଗନେଇଛନ୍ତି। ଓଡ଼ିଶାରୁ ଚଳିତବର୍ଷ ୧୧୫ଜଣ କ୍ରୀଡ଼ାବିତ୍ ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚମ୍ପିୟାନସିପ୍‌ରେ ଅଂଶଗ୍ରହଣ କରିଛନ୍ତି।

## ଭାରତ-ବାଂଲାଦେଶ ଦ୍ୱିତୀୟ ଟି୨୦ ପୂର୍ବରୁ ସନ୍ନ୍ୟାସ ଘୋଷଣା କଲେ ମହମୁଦୁଲ୍ଲା



**ହାଇଦ୍ରାବାଦ**

ବାଂଲାଦେଶ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତଥା ଅନ୍ୟତମ ଅଭିଜ୍ଞ ଖେଳାଳି ମହମୁଦୁଲ୍ଲା ମଙ୍ଗଳବାର ଦିନ ଟି୨୦ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ୩ ବର୍ଷ ପୂର୍ବରୁ କ୍ରିକେଟର ସବୁଠାରୁ ଲମ୍ବା ଫର୍ମାଟ୍ ଟେଷ୍ଟ କ୍ରିକେଟରୁ ମହମୁଦୁଲ୍ଲା ଅବସର ନେଇ ସାରିଛନ୍ତି, ବର୍ତ୍ତମାନ ସେ ଟି୨୦ରୁ ମଧ ଅବସର ଘୋଷଣା କରିଛନ୍ତି। ବର୍ତ୍ତମାନର ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଉଥିବା ସିରିଜ୍ ଟି୨୦ କ୍ରିକେଟ୍‌ରେ ମହମ୍ମଦୁଲ୍ଲାଙ୍କର ଶେଷ ଅନ୍ତର୍ଜାତୀୟ ଟି୨୦ ସିରିଜ୍ ହେବ । ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ ସିରିଜର ଦ୍ୱିତୀୟ ଟି୨୦ ମ୍ୟାଚ୍ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଏହି ପୂର୍ବତନ ବାଂଲା ଅଧିନାୟକ ଏହି ସୂଚନା ଦେଇଛନ୍ତି । ମହମ୍ମଦୁଲ୍ଲା ବାଂଲାଦେଶ ପାଇଁ ସର୍ବାଧିକ ଟି୨୦ ମ୍ୟାଚ୍ ଖେଳିଥିବା କ୍ରିକେଟର । ତେବେ ସେ ତାଙ୍କ ପରିବାର ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ମହମ୍ମଦୁଲ୍ଲା କହିଛନ୍ତି, 'ଭାରତ ଆସିବା ପୂର୍ବରୁ ମୁଁ ମୋର ନିଷ୍ପତ୍ତି ବିଷୟରେ ବୋର୍ଡକୁ ଜଣାଇଥିଲି । ହାଇଦ୍ରାବାଦରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ତୃତୀୟ ଟି୨୦ ମ୍ୟାଚ୍ ଏହି ଫର୍ମାଟରେ ମୋର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ହେବ ।' ଏହି ବାଂଲାଦେଶୀ ଅଲରାଉଣ୍ଡର ୧୩୯ ଟି୨୦ ମ୍ୟାଚ୍‌ରେ ୨,୩୯୪ ରନ୍ ଏବଂ ୪୦ ୱିକେଟ୍ ହାସଲ କରିଛନ୍ତି। ସେ ବାଂଲାଦେଶର ସର୍ବାଧିକ ସଂଖ୍ୟକ ମ୍ୟାଚ୍ ଖେଳିଥିବା ଅଧିନାୟକ, ସେ ମଧ କ୍ରିକେଟର ଏହି ଛୋଟ ଫର୍ମାଟରେ ସର୍ବାଧିକ ସଂଖ୍ୟକ ମ୍ୟାଚରେ ଦେଶକୁ ପ୍ରତିନିଧିତ୍ୱ କରିଥିବା ଖେଳାଳି। ୨୦୦୭ରେ କେନିଆ ବିପକ୍ଷରେ ଅନ୍ତର୍ଜାତୀୟ ଟି୨୦ରେ ଡେବ୍ୟୁ କରିଥିବା ମହମୁଦୁଲ୍ଲା ୪୩ଟି ମ୍ୟାଚରେ ଦଳର ନେତୃତ୍ୱ ନେଇଛନ୍ତି। ବାଂଲାଦେଶ ଏହି ୪୩ ମ୍ୟାଚ୍ ମଧ୍ୟରୁ ୧୬ଟିରେ ଜିତିଛି। ସେ ୨୦୨୧ ଟି୨୦ ବିଶ୍ୱକପରେ ଦଳର ଅଧିନାୟକ ଥିଲେ। ମହମୁଦୁଲ୍ଲା ଅକ୍ଟୋବର ୧୨ରେ ତାଙ୍କର ୧୭ ବର୍ଷର ଟି୨୦ କ୍ୟାରିୟର ଶେଷ କରିବାକୁ ଯାଉଛନ୍ତି।

## ସମାଲୋଚକଙ୍କ ମୁହଁ ବନ୍ଦ କଲେ ପାକ୍ ଅଧିନାୟକ



**ନୂଆଦିଲ୍ଲୀ**

ପାକିସ୍ତାନ ଟେଷ୍ଟ ଟିମ୍‌ର ଅଧିନାୟକ ଶାନ ମସୁଦ ତାଙ୍କ ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ସେ ଦମ୍‌ଦାର ଶତକ ହାସଲ କରିଛନ୍ତି। ବାଂଲାଦେଶ ଠାରୁ ୦-୨ ହାରି ଚାପରେ ରହିଥିବା ଶାନ ମୁଲତାନ ମାଟିରେ ନିଜର ଦମ୍ ଦେଖାଇଛନ୍ତି।

ସେ ମାତ୍ର ୧୦୨ ବଲରେ ଶତକ ହାସଲ କରି ଇଂଲଣ୍ଡ ବୋଲରଙ୍କୁ ଘାଇଲା କରିଛନ୍ତି। ମୁଲତାନ କ୍ରିକେଟ ଷ୍ଟାଡ଼ିୟମର ପିଚ୍ ସାଧାରଣତଃ ବ୍ୟାଟରଙ୍କୁ ସୁହାଉଥିବା ବେଳେ ଶାନ ଏହାର ଜବରଦସ୍ତ ଫାଇଦା ଉଠାଇ ପାକିସ୍ତାନକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଛନ୍ତି।

ସେ ୧୫୧ ରନ ଇନିଂସ ଖେଳି ଆଉଟ୍ ହୋଇଥିବା ବେଳେ ପାକିସ୍ତାନ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୪ ୱିକେଟ ହରାଇ ୩୨୮ ରନ କରି ନେଇଛି। ତାଙ୍କ ବ୍ୟତୀତ ଅବଦୁଲ୍ଲା ସଫିକ୍ୟୁ ମଧ୍ୟ ୧୦୨ ରନର ଇନିଂସ ଖେଳିଛନ୍ତି। ତେବେ ପୂର୍ବତନ ଅଧିନାୟକ ବାବର ଆଜମ କେବଳ ୩୦ ରନ କରିବାକୁ ସକ୍ଷମ ହୋଇଛନ୍ତି।

ଶାନ ଶତକ ହାସଲ କରିବା ପରେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହା ଅଧିନାୟକ ଭାବେ ଶାନଙ୍କ ପ୍ରଥମ ଟେଷ୍ଟ ଶତକ। ମୁଲତାନରେ ସେ ୧୫୧ ରନର ଇନିଂସ ଖେଳି ୧୫୨୪ ଦିନ ଧରି ଧଳା ଜର୍ସିରେ ଜାରି ରହିଥିବା ଶତକ ମରୁଡ଼ିକୁ ଶେଷ କରିଛନ୍ତି। ସେହିପରି ବାବର ଆଜମ ଓ ଇଞ୍ଜିମାମ ଉଲ ହକ୍‌ଙ୍କ ପରେ ଶାନ ତୃତୀୟ ପାକ ଅଧିନାୟକ ଭାବେ ଇଂଲଣ୍ଡ ବିପକ୍ଷରେ ଘରୋଇ ମାଟିରେ ଶତକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି।

ପାକ୍ ଅଧିନାୟକ ଭାବେ ଇଂଲଣ୍ଡ ବିପକ୍ଷରେ ଶତକ ହାସଲକାରୀ : ଜାଭେଦ ବୁରକୀ-୧୯୬୨(ଗୋଟିଏ ଶତକ), ହନିଫ ମହମ୍ମଦ-୧୯୬୭ (ଗୋଟିଏ ଶତକ), ଇମ୍ରାନ ଖାନ-୧୯୮୭ (ଗୋଟିଏ ଶତକ), ଜାଭେଦ ମିଆଁଦାଦ-୧୯୯୨ (ଗୋଟିଏ ଶତକ), ଇଞ୍ଜିମାମ ଉଲ ହକ-୨୦୦୫ (୨ଟି ଶତକ)। ମିସ୍‌ବା ଉଲ୍ ହକ୍-୨୦୧୫-୨୦୧୬ (୨ଟି ଶତକ), ଆଜହାର ଅଲୀ-୨୦୨୦ (ଗୋଟିଏ ଶତକ), ବାବର ଆଜମ-୨୦୨୨( ଗୋଟିଏ ଶତକ), ଶାନ ମସୁଦ-୨୦୨୪ (ଗୋଟିଏ ଶତକ)।

ଗତ ମାସରେ ପାକିସ୍ତାନ ୦-୨ରେ ବାଂଲାଦେଶଠାରୁ ହାରିବା ପରେ ତୀବ୍ର ସମାଲୋଚନାର ଶିକାର ହୋଇଥିଲା। ପ୍ରେସ୍ କନଫରେନ୍ସରେ ଶାନ ମସୁଦଙ୍କ ଜଣେ ସାମ୍ବାଦିକଙ୍କ ଯୁକ୍ତିତର୍କ ବି ହୋଇଥିଲା। ତେବେ ସେ ସବୁ ଭୁଲି ପାକିସ୍ତାନ ଘରୋଇ ମାଟିରେ ଇଂଲଣ୍ଡ ସହ ଲଢ଼େଇ ଆରମ୍ଭ କରିଛି।

ମ୍ୟାଚ୍‌ର ୪ର୍ଥ ଓଭରରେ ପାକିସ୍ତାନ ଓପନର ସାମି ଆୟୁବ(୪)ଙ୍କୁ ହରାଇଥିଲା। କିନ୍ତୁ ଏହାପରେ ଶାନ ଓ ଅବଦୁଲ୍ଲା ୨୦୦ରୁ ଅଧିକ ରନର ଭାଗିଦାରୀ କରି ପାକିସ୍ତାନକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଉଭୟ ଇଂଲଣ୍ଡ ବିପକ୍ଷରେ ଶତକ ମଧ ହାସଲ କରିଥିଲେ।

## ରାଜ୍ୟ ସ୍ତରୀୟ ଜୁଡୋ ଚାମ୍ପିଅନସିପରେ ଭାଗନେଲେ ମାଲକାନଗିରିର ୧୫ ଜଣିଆ ଟିମ୍

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

୧୨ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର କେଟି ଗ୍ଲୋବାଲ୍ ସ୍କୁଲ ପରିସର ମଧ୍ୟରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଜୁଡ଼ୋ ଚାମ୍ପିଅନସିପ୍‌ରେ ବିଭିନ୍ନ ବର୍ଗରେ ଭାଗନେବା ପାଇଁ ମାଲକାନଗିରି ଜିଲ୍ଲାର ଖେଳାଳିଙ୍କ ସମେତ ସମୁଦାୟ ୧୫ ଜଣ ଭାଗ ନେଇଛନ୍ତି। ଖେଳାଳିଙ୍କ ମଧ୍ୟରେ ପ୍ରାୟତଃ ସମସ୍ତେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ କିଛି ବାପା ମାଆ ଛେଉଣ୍ଡ (ଅନାଥ) ଖେଳାଳି ବି ଅଛନ୍ତି। ଜିଲ୍ଲା ଜୁଡ଼ୋ ଆସୋସିଏସନ୍ ଏବଂ ଆଓମା ଗୁରୁକୂଳର ମିଳିତ ସହଯୋଗରେ ଉକ୍ତ ସମସ୍ତ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବା ସହିତ ରାଜ୍ୟ ସ୍ତରୀୟ ଚାମ୍ପିଅନସିପ୍‌ରେ ଭାଗ ନେବାପାଇଁ ସୁଯୋଗ ପ୍ରଦାନ କରିଛନ୍ତି। ସୋମବାର ଏକ ବିଶେଷ କାର୍ଯ୍ୟକ୍ରମରେ ପ୍ରଶାସନ ତରଫରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ତରଫରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ମାନସ ମିଶ୍ର (ଅର୍ଥ), ହିମାଂଶୁ ମହାରଣା (କୌଶଳ ବିକାଶ), ରଶ୍ମି ରଞ୍ଜନ ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗି, ଆଦର୍ଶ ଥାନା ଅଧିକାରୀ ରିଗନ୍ କିଣ୍ଡୋଙ୍କ ସମେତ ଜିଲ୍ଲା ଯୁଡୋ ଆସୋସିଏସନ୍ ଏବଂ ଆଓମା ଗୁରୁକୂଳର ସମସ୍ତ ସଦସ୍ୟ ଏବଂ ପ୍ରେସିଡେଣ୍ଟ ରତ୍ନାକର ଦାଶଙ୍କ ସହିତ ଅନେକ ସମାଜସେବୀ ଉପସ୍ଥିତ ରହି ଖେଳାଳିଙ୍କୁ ପ୍ରେରଣା ଦେବାସହିତ ଫୁଲତୋଡ଼ା, ଟୋପି, ଆଦି ଉପହାର ପ୍ରଦାନ ପୂର୍ବକ ଶୁଭକାମନା ଜଣାଇଥିଲେ।

## ପୁରୀ ଜିଲ୍ଲା କବାଡ଼ିରେ ଚାମ୍ପିଅନ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ସୁନ୍ଦରଗଡ ଠାରେ ୧୭ ବର୍ଷ ରୁ କମ୍ ବାଳକ ବର୍ଗର କବାଡି ପ୍ରତିଯୋଗିତାରେ ପୁରୀ ଜିଲ୍ଲା ଚାମ୍ପିଅନ ହୋଇଛି। ବଲାଙ୍ଗୀର ଜିଲ୍ଲା ସହ ଖେଳ ଆରମ୍ଭ କରିଥିବା ପୁରୀ ବାଳକ କବାଡି ଦଳ ସେମି-ଫାଇନାଲରେ ଢେଙ୍କାନାଳ ଜିଲ୍ଲା କୁ ପରାସ୍ତ କରିଥିବା ବେଳେ ଗଞ୍ଜାମ ଜିଲ୍ଲା ଜଗତସିଂହପୁର ଜିଲ୍ଲାକୁ ପରାସ୍ତ କରିଥିଲା। ଫାଇନାଲରେ ପୁରୀ ଜିଲ୍ଲା ଗଞ୍ଜାମ ଜିଲ୍ଲାକୁ ୫୮ -୪୩ ପଏଣ୍ଟରେ ପରାସ୍ତ କରିଥିଲା।ଦଳର କୋଚ ଉମେଶ ଚନ୍ଦ୍ର ଶତପଥୀ ଓ ମ୍ୟାନେଜର ରୋଜାଲିନ ପଣ୍ଡା ଦଳଗତ ପ୍ରଦର୍ଶନ ପାଇଁ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। କ୍ରୀଡ଼ାବିତ୍ ମୁକେଶ କାଟୁମ, ସୌମ୍ୟ ରଞ୍ଜନ ମଲ୍ଲ, ଜଗନ୍ନାଥ ଗଡ଼ନାୟକ, ଶକ୍ତି ପ୍ରସାଦ ସେଠୀ, ହିମାଂଶୁ ରାଉତ, ବାଦଲ ମଲ୍ଲିକ, ମନୋଜ କାଣ୍ଡି ,ରଞ୍ଜନ ବେହେରା, ଶୁଭମ ଜେନା, ଓମ୍ ପ୍ରକାଶ ମଲ୍ଲିକ, ଶିବରାମ ଜ୍ୟୋତି ସାହୁ ଓ ସୌମ୍ୟ ରଞ୍ଜନ ପାଢ଼ୀ ଅଂଶ ଗ୍ରହଣ କରି ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି।

Tel No - 06769-270446
e-mail: ori-kamakhyanagar@nic.in

**PANCHAYAT SAMITI OFFICE, KAMAKHYANAGAR, DHENKANAL** i-229

BID IDENTIFICATION NO - 01/2024-25 Dt.07.10.2024

**TENDER EXTENSION NOTICE**

It is hereby notified that, the Tender Notification No. **Panchayat Samiti, Kamakhyanagar - 01/ 2024-25** for the works as detailed below has been extended for another 07 (seven) days & last date for tender submission and opening of tender are as follows:

a) Last Date of tender submission - 15.10.2024 up to 5.30 PM
b) Date of opening - 17.10.2024 at 10.00 AM

**NAME OF WORK**

| | | |
|---|---|---|
| 01 | Construction of Additional Classroom at Baunsapal Govt. UPS | Rs. 12,48,116.00 |
| 02 | Construction of Additional Classroom at K.Mahuldagar PS | Rs. 12,48,116.00 |
| 03 | Construction of Additional Classroom at Nigamananda Govt. High School, Mahulpal | Rs. 13,68,371.00 |
| 04 | Construction of Additional Classroom at Sidheswari Govt. High School, R.N.Pur | Rs. 13,68,371.00 |

The firms, those who have already submitted their tender need not submit fresh tender.
Other terms and conditions remains the same.

Sd/- Block Development Officer
Kamakhyanagar

OIPR-19309/11/0001/2425

## ସୁଭଦ୍ରା ଯୋଜନାରେ ପଞ୍ଜୀକରଣ ଛୁଇଁଲା ୧ କୋଟି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସୋମବାର ସୁଦ୍ଧା ଓଡ଼ିଶାର ୧ କୋଟି ୨୦ ହଜାର ମହିଳା ହିତାଧିକାରୀ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଶୁଭାରମ୍ଭ କରାଯାଇଥିବା ଯୁଗାନ୍ତକାରୀ 'ସୁଭଦ୍ରା' ଯୋଜନାରେ ଏକ କୋଟିରୁ ଅଧିକ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବା ଏକ ବଡ଼ ଉପଲବ୍ଧି ହେବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ । ଆଜି ଏହା ପ୍ରମାଣିତ ହୋଇଛି । ଆସନ୍ତା ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବାରିପଦା ଠାରେ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିବେ। ଏହା ସହ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତା ସଚଳ ଅଛି କି ନାହିଁ ତାହା ପରୀକ୍ଷା କରିବା ସହ ସ୍ୱଚ୍ଛତା ଅନୁଧ୍ୟାନ କରିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଥିବା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପରୀକ୍ଷାମୂଳକ ଭାବେ ଏକ ଟଙ୍କା ପଠାଇଯିବାର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଏପରି କିଛି ବ୍ୟବସ୍ଥା ଏଯାବତ୍ ଆରମ୍ଭ କରାଯାଇନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୋସିଆଲ ମିଡିଆରେ ଚାଲୁଥିବା ଏହି ମିଥ୍ୟା ଖବର ଦ୍ୱାରା ଭ୍ରମିତ ନ ହେବା ପାଇଁ ବିଭାଗ ତରଫରୁ ଅନୁରୋଧ କରାଯାଉଛି। 'ସୁଭଦ୍ରା' ଯୋଜନା ସମ୍ବନ୍ଧୀୟ ସମସ୍ତ ଅପଡେଟ୍ ଖବର ପାଇଁ 'ସୁଭଦ୍ରା'ର ଅଫିସିଆଲ ୱେବ୍‌ସାଇଟ କିମ୍ବା ଅଫିସିଆଲ ସୋସିଆଲ ମିଡିଆକୁ ଅନୁସରଣ କରନ୍ତୁ ଅବା ଟୋଲ ଫ୍ରୀ ନମ୍ବର(୧୪୬୭୮)କୁ କଲ୍ କରନ୍ତୁ ବୋଲି ବିଭାଗ ପକ୍ଷରୁ ସୂଚିତ କରାଯାଉଛି ।

## ସନଥ୍ ଜୟସୂରିୟା ହେଲେ ଶ୍ରୀଲଙ୍କାର ଫୁଲ୍‌ଟାଇମ କୋଚ୍

**କଲମ୍ବୋ**

ପୂର୍ବତନ ଅଧିନାୟକ ସନଥ ଜୟସୁରିୟା ସୋମବାର ଶ୍ରୀଲଙ୍କା କ୍ରିକେଟ ଦଳର ଫୁଲ୍‌ଟାଇମ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ କାର୍ଯ୍ୟକାଳ ୨୦୨୬ ଟି-୨୦ ବିଶ୍ୱକପ୍ ଶେଷ ପର୍ଯ୍ୟନ୍ତ ରହିବ। ପୂର୍ବତନ ବାମହାତୀ ଓପନର ଜୁଲାଇ ଆରମ୍ଭରୁ ଶ୍ରୀଲଙ୍କାର କାମଚଳା କୋଚ୍ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଭାରତ ଓ ଇଂଲଣ୍ଡ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ପରେ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ତାଙ୍କୁ ଫୁଲ୍‌ଟାଇମ୍ କୋଚ୍ ଭାବେ ନିଯୁକ୍ତି ଦେବାଲାଗି ନିଷ୍ପତ୍ତି ନେଇଥିଲା। ଜୟସୁରିୟାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ୨୭ ବର୍ଷ ପରେ ଭାରତ ବିପକ୍ଷରେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ଦ୍ୱିପାକ୍ଷିକ ସିରିଜ୍ ଜିତିଛି। ଦଳ ୧୦ବର୍ଷରେ ଇଂଲଣ୍ଡ ବିପକ୍ଷରେ ଏକ ଆୱେ ଟେଷ୍ଟ ମ୍ୟାଚ୍ ଜିତିପାରିଛି। ନିକଟରେ ଶ୍ରୀଲଙ୍କା ନିଜ ଦେଶରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ୨-୦ରେ ବିଜୟ ଲାଭ କରିଛି।

ଜୟସୁରିୟା କାମଚଳା କୋଚ୍ ଥିବାବେଳେ ନିକଟରେ ଅନୁଷ୍ଠିତ ଭାରତ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଟୁର୍‌ରେ ଦଳ ଭଲ ପ୍ରଦର୍ଶନ କରିଛି। ଏହାକୁ ବିଚାର କରି ଶ୍ରୀଲଙ୍କା କ୍ରିକେଟର କାର୍ଯ୍ୟନିର୍ବାହୀ କମିଟି ଜୟସୁରିୟାଙ୍କୁ ଦଳର କୋଚ୍ ଭାବେ ନିଯୁକ୍ତି ଦେଇଥିବା ଏସ୍‌ଏଲ୍‌ସି ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଜୟସୁରିୟାଙ୍କ ନିଯୁକ୍ତି ଅକ୍ଟୋବର ୧ରୁ କାର୍ଯ୍ୟକାରୀ ହେବ ଏବଂ ୨୦୨୬ ମାର୍ଚ୍ଚ ୩୧ରେ ଶେଷ ହେବ। ଜୟସୁରିୟା ପୂର୍ବରୁ ମୁଖ୍ୟ ଚୟନକର୍ତ୍ତା ଭାବେ କାର୍ଯ୍ୟ କରିଛନ୍ତି। ଅକ୍ଟୋବର ୧୩ରୁ ଦାମ୍ବୁଲାଠାରେ ଆରମ୍ଭ ହେବାକୁ ଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ସୀମିତ ଓଭର ସିରିଜ୍‌ରେ ସେ ଫୁଲ୍‌ଟାଇମ କୋଚ୍ ଭାବେ ତାଙ୍କ କାର୍ଯ୍ୟ ଆରମ୍ଭ କରିବେ।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଚ୍ଚୋଟତା, ସ୍ୱଚ୍ଛତା...

ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ପାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗରେ ଭେଷଜ ନିୟନ୍ତ୍ରଣ ନିର୍ଦ୍ଦେଶକଙ୍କ ଅଧିନରେ ୩୧ ଜଣ ଜୁନିୟର କ୍ଲର୍କ କମ ଟାଇପିଷ୍ଟ, ଆୟୁଷ ନିର୍ଦ୍ଦେଶକଙ୍କ ଅଧିନରେ ୧୯ ଜଣ ଆୟୁର୍ବେଦ ଅଧ୍ୟାପକ ଓ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱ ବିଦ୍ୟାଳୟରେ ୫୪ ଜଣ କନିଷ୍ଠ ସହାୟକ ନିଯୁକ୍ତି ପାଇଛନ୍ତି ଏବଂ ସେହିପରି ଓଡିଶା ଖଣି ନିଗମରେ କନିଷ୍ଠ ଯନ୍ତ୍ରୀ ମେକାନିକାଲ ୧୯, କନିଷ୍ଠ ଯନ୍ତ୍ରୀ ଇଲେକ୍ଟ୍ରିକାଲ ୧୪, କନିଷ୍ଠ ଯନ୍ତ୍ରୀ ସିଭିଲ ୧୬, କନିଷ୍ଠ ଫାର୍ମାସିଷ୍ଟ ୯ ଏବଂ ଇଲେକ୍ଟ୍ରିସିଆନ ୩୦ ଜଣଙ୍କୁ ନିଯୁକ୍ତି ମିଳିଛି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନବ ନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଥିଲେ ଯେ ନିଜର ପ୍ରତିଭା, ଦକ୍ଷତା, ଅଧ୍ୟବସାୟ ଓ କଠିନ ପରିଶ୍ରମ ବଳରେ ଏବଂ ନିଜର ଯୋଗ୍ୟତା ଆଧାରରେ ଏହି ସୋପାନକୁ ଆପଣମାନେ ଅତି ସଫଳତାର ସହିତ ଅତିକ୍ରମ କରିପାରିଛନ୍ତି। ଆପଣ ମାନଙ୍କ ଜୀବନରେ ଆଜିର ଦିନଟି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇ ସ୍ମୃତି ପଟ୍ଟରେ ଆଙ୍କି ହୋଇ ରହିବ। ଆଜି ଆପଣ ମାନେ ଯେଉଁ ନିଯୁକ୍ତି ପତ୍ର ଗ୍ରହଣ କରିଛନ୍ତି ତାହା କେବଳ ଏକ ସରକାରୀ ଚାକିରୀ ନୁହେଁ ବରଂ ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ଭାବେ କାମ କରିବାର ଏକ ସୁବର୍ଣ୍ଣ ସୁଯୋଗ। ମାନବିକତା ଧର୍ମରେ ବ୍ରତୀ ହୁଅନ୍ତୁ। ନିଜକୁ ଜଣେ ଭଲ ମଣିଷ ଭାବରେ ଗଢ଼ିବା ଦିଗରେ ପ୍ରଯତ୍ନ ହୁଅନ୍ତୁ। ରାଷ୍ଟ୍ର ନିର୍ମାଣ ଓ ଜନସେବାରେ ଆପଣମାନେ ଜଡ଼ିତ ରହି ଦେଶ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଦିଗରେ ସର୍ବଦା ତତ୍ପର ରୁହନ୍ତୁ। ନିଜକୁ ଜନସେବା ଓ ରାଷ୍ଟ୍ର ଗଠନରେ ସମର୍ପି ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ, ଆମ ନୂଆ ସରକାର, ଓଡ଼ିଶାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଆମ ସରକାର, ସମସ୍ତ ସରକାରୀ ବିଭାଗରେ ସ୍ୱଚ୍ଛତା ଆଣିବାକୁ ପ୍ରତିବଦ୍ଧ ହୋଇ କାମ କରୁଛନ୍ତି। ସରକାରୀ କର୍ମଚାରୀ ଭାବରେ, ଆପଣମାନଙ୍କ କାର୍ଯ୍ୟକଳାପ ଦ୍ୱାରା ସରକାରୀ ବ୍ୟବସ୍ଥା ଓ ଅନୁଷ୍ଠାନ ଉପରେ ରହିଥିବା ଲୋକଙ୍କ ବିଶ୍ୱାସ ଯେପରି ବଜାୟ ରହିବ ସେଥିପ୍ରତି ଦୃଷ୍ଟି ଦେବେ। ପଛୁଆ, ଅବହେଳିତ, ଆଦିବାସୀ, ଦଳିତ ସଂପ୍ରଦାୟକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କର ଉତ୍‌ଥାନ ଦିଗରେ ନିଜର ପ୍ରୟାସ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଶକ୍ତି ବିଭାଗକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଆମ ନୂଆ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ବିଦ୍ୟୁତ ବିଭାଗରେ ସଂସ୍କାର ଓ ବିଭାଗକୁ କ୍ରିୟାଶୀଳ କରିବା ପାଇଁ ଦୀର୍ଘମିଆଦୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଓଡିଶାରେ ଶକ୍ତି କ୍ଷେତ୍ରର ବିକାଶ ସହିତ ବିତରଣ ଓ ସଂଚାରଣ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଯୋଜନା ଗୁଡିକ ହେଲା- 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ' ଯୋଜନା, 'ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢ଼ୀକରଣ' ଯୋଜନା ଏବଂ 'ଓଡିଶା ବିଦ୍ୟୁତ ସଂଚାରଣ ବ୍ୟବସ୍ଥା ସୁଦୃଢ଼ୀକରଣ' ଯୋଜନା । ଏହି ତିନୋଟି ଯୋଜନା ପାଇଁ ଚଳିତ ବର୍ଷ ସମୁଦାୟ ୨୩୬୬ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହି ନୂତନ ନିଯୁକ୍ତି ଦ୍ୱାରା ବିଭାଗ ଅଧିକ ସଶକ୍ତ ହେବ ବୋଲି ସେ କହିଥିଲେ।

ସେହିଭଳି ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ଜନସାଧାରଣଙ୍କ ହିତରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିଜ୍ଞାବଦ୍ଧ ଅଛନ୍ତି। ଚଳିତ ବର୍ଷ ବଜେଟ୍ ରେ ସ୍ୱାସ୍ଥ୍ୟସେବା ପାଇଁ ୨୧ହଜାର ୨୦୦ କୋଟି ଟଙ୍କାର ବ୍ୟୟବରାଦ ରହିଛି, ଯାହା ସମୁଦାୟ ବଜେଟ୍‌ର ୮ ପ୍ରତିଶତ ଏବଂ ବିଗତ ବର୍ଷ ତୁଳନାରେ ୩୨ ପ୍ରତିଶତ ଅଧିକ। ଆଗାମୀ ଦିନରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରାଯିବ। ଏଥି ସହିତ ଓଡିଶା ଖଣି ନିଗମ ରାଜ୍ୟର ଅର୍ଥନୈତିକ ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଏବଂ ଆଗାମୀ ଦିନରେ ଶିଳ୍ପ କ୍ଷେତ୍ରରେ ଓଡିଶା ନିବେଶକଙ୍କ ପ୍ରଥମ ପସନ୍ଦ ହେବା ପାଇଁ ଯାଉଛି ବୋଲି ସେ କହିଥିଲେ।ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଆମ ନୂଆ ସରକାର ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଦେଢ ଲକ୍ଷ ସରକାରୀ ପଦବୀ ପୂରଣ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥି ସହିତ ଶିଳ୍ପ କ୍ଷେତ୍ରରେ ୩.୫୦ ଲକ୍ଷ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉଛି।ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇ କହିଥିଲେ ଯେ ଆଜି ଆପଣ ମାନେ ସରକାରୀ ପଦବୀରେ ବସି ସାଧାରଣ ଲୋକଙ୍କ ପାଇଁ କାମ କରିବାକୁ ଯାଉଛନ୍ତି। କାମକଲାବେଳେ ନିଜ ଜୀବନରେ ସମ୍ମୁଖୀନ ହୋଇଥିବା ଅସୁବିଧା ଓ ସମସ୍ୟା ବିଷୟରେ ଚିନ୍ତା କରିବେ, ଯାହାଦ୍ୱାରା ସାଧାରଣ ଲୋକଟିର କାମ କରିବା ପାଇଁ ଆପଣ ମାନେ ପ୍ରେରଣା ପାଇବେ। କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା, ସ୍ୱଚ୍ଛତା ଓ ସାଧୁତାକୁ ଅବଲମ୍ବନ କରିବେ ଏବଂ ଦୁର୍ନୀତିକୁ ପ୍ରଶ୍ରୟ ନଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଉଦବୋଧନ ଦେଇ କହିଥିଲେ ଯେ ଲୋକଙ୍କ ପାଇଁ ଆପଣ ମାନେ ପ୍ରତିବଦ୍ଧ ହୋଇ କାମ କରନ୍ତୁ। ଆପଣ ମାନଙ୍କୁ ଯେତେ କଠିନ ପରିସ୍ଥିତିରେ କାମ କରିବାକୁ ପଡିଲେ ମଧ୍ୟ କେବେ ନିରାଶ ହେବେ ନାହିଁ ନିଶ୍ଚୟ ସଫଳତା ପାଇବେ।

ଉପମୁଖ୍ୟମନ୍ତ୍ରୀ ତଥା ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଶୁଭେଚ୍ଛା ଜଣାଇ କହିଥିଲେ ଯେ ଜୀବନରେ ବାଟ ଅଙ୍କାବଙ୍କା ଥିଲେ ମଧ୍ୟ ସବୁବେଳେ ସିଧା ଚାଲିବାକୁ ଚେଷ୍ଟା କରିବେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ ମୋହନ ସରକାରଙ୍କ ନେତୃତ୍ୱରେ ଓଡିଶାରେ ଏକ ସ୍ୱର୍ଣ୍ଣିମ ଯୁଗ ଆରମ୍ଭ ହେବାକୁ ଯାଉଛି। ଓଡିଶାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ରାଜ୍ୟରେ ୩୦୦୦ ଡାକ୍ତର ଓ ପାରାମେଡିକାଲ ପଦବୀରେ ନିଯୁକ୍ତି ଦିଆଯିବ।

ଇସ୍ପାତ ଓ ଖଣି ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଶୁଭେଚ୍ଛା ଜଣାଇ କହିଥିଲେ ଯେ ଆଜି ହେଉଛି ଆପଣମାନଙ୍କ କର୍ମମୟ ଜୀବନର ପ୍ରଥମ ଦିବସ। ଆପଣ ମାନେ ଓଡିଶା ବିକାଶ ରଥର ଲମ୍ବା ରେସ୍‌ର ଘୋଡା ହେବେ।

କାର୍ଯ୍ୟକ୍ରମରେ ତିନୋଟି ବିଭାଗର ୧୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଶକ୍ତି ବିଭାଗ ପକ୍ଷରୁ ମୟୂରଭଞ୍ଜର ଆଶାସ୍ମିତା ନାୟକ ଓ ଗଞ୍ଜାମର ଅମୃତମୟୀ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବରଗଡର ସ୍ୱପ୍ନାରାଣୀ ଦୋରା, ଖୋର୍ଦ୍ଧାର ମୌସୁମୀ ନାୟକ, ଓଡିଶା ଖଣି ନିଗମ ପକ୍ଷରୁ କଟକର ରୋଜାଲିନ ଭୋଇ ଓ କେନ୍ଦୁଝରର ବିଜୟ କୁମାର ସୋରେନ ନିଜ ଅଭିଜ୍ଞତାରେ ସଂପୂର୍ଣ୍ଣ ସ୍ୱଚ୍ଛତାର ସହ ଚୟନ ପଦ୍ଧତି ହୋଇ ଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ଓ ସେମାନେ ନିଷ୍ଠାପର ଭାବେ ଦାୟିତ୍ୱ ତୁଲାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍. ଉପସ୍ଥିତ ଥିଲେ। ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ହରିୟାଣାରେ...

ରହିଛି। କଂଗ୍ରେସ ହରିୟାଣାରେ କ୍ଷମତାକୁ ଫେରିବାକୁ ଆଶା ରଖିଥିଲା। ଏକଜିଟ ପୋଲ ମଧ୍ୟ କଂଗ୍ରେସ ସପକ୍ଷରେ ରାୟ ଦେଇଥିଲେ। ହେଲେ ଦେଶର ସର୍ବପୁରାତନ ଦଳ କେବଳ ୩୭ଟି ଆସନ ଜିତିବାକୁ ସକ୍ଷମ ହୋଇଛି।

୨୦୧୪ ଓ ୨୦୧୯ ଭଳି ବିଜେପି ଏଥର ହରିୟାଣାରେ ସଫଳତା ପାଇବ ନାହିଁ ବୋଲି ସମସ୍ତେ କହୁଥିଲେ। ଲୋକସଭା ନିର୍ବାଚନରେ ବିଜେପି ବିଜୟୀ ହୋଇଥିଲେ ହେଁ ଆଶା ଅନୁସାରେ ପ୍ରଦର୍ଶନ କରିପାରି ନଥିଲା। ଏହାପରେ ଅନୁଷ୍ଠିତ ପ୍ରଥମ ବିଧାନସଭା ନିର୍ବାଚନରେ ବିଜେପି କେମିତି ପ୍ରଦର୍ଶନ କରୁଛି, ତା ଉପରେ ସମସ୍ତଙ୍କ ନଜର ରହିଥିଲା।

ଏସବୁ ଭିତରେ ରାଜନୈତିକ ପଣ୍ଡିତମାନେ କହିଥିଲେ ଯେ ହରିୟାଣା ସରକାର ବିରୋଧରେ ପ୍ରବଳ ହାୱା ବହୁଛି । କଂଗ୍ରେସ ମଧ୍ୟ ଏହାର ଫାଇଦା ଉଠାଇବାକୁ ଜୋରଦାର ଉଦ୍ୟମ କରିଥିଲା। ବେକାରୀ ଓ ଋଷୀ ସମସ୍ୟାକୁ ମୁଖ୍ୟ ମୁଦା କରିଥିଲା।

ଲାଗୁଥିଲା କଂଗ୍ରେସ ୧୦ ବର୍ଷର ବନବାସ ପରେ ହରିୟାଣାରେ କ୍ଷମତାକୁ ଫେରିବ। ହେଲେ ଦଳର ଗୋଷ୍ଠୀ କନ୍ଦଳ କଂଗ୍ରେସକୁ ମହଙ୍ଗା ସାବ୍ୟସ୍ତ ହୋଇଛି । କୁମାର ସୈଲଜା ଓ ଭୂପେନ୍ଦର ସିଂହ ହୁଡ୍ଡାଙ୍କ ମଧ୍ୟରେ ଥିବା ବିବାଦ ଶେଷରେ ଦଳ ପାଇଁ ଘାତକ ପରିଣାମ ଆଣିଛି। ହରିୟାଣାରେ ବିଜେପି ହାସଲ କରିଛି ହ୍ୟାଟ୍ରିକ ବିଜୟ।

ପୂର୍ବରୁ ରାଜ୍ୟରେ ଯାହା କେବେ ହୋଇ ନଥିଲା ତାକୁ ପୁଣି ଦଳ କରି ଦେଖାଇଛି । ପୂର୍ବଠୁ ଆହୁରି ବଡ଼, ଦୃଢ଼, ବିଶାଳ ବିଜୟ ହାସଲ କରିଛି ଦଳ। ଦଳ ୪୮ଟି ଆସନ ଜିତି ସରକାର ଗଠନ କରିବାକୁ ଯାଉଥିବାରୁ ପଦ୍ମ ଶିବିରରେ ଜବରଦସ୍ତ ବିଜୟ ଉତ୍ସବ ଦିଲ୍ଲୀକୁ ଲାଗିଥିବା ୯୦ ଆସନ ବିଶିଷ୍ଟ ହରିୟାଣାରେ ବିଜେପି ଏକାକୀ କ୍ଷମତାର କୁହୁକ ସଂଖ୍ୟା ପାର କରିବା ମାତ୍ରେ ଆରମ୍ଭ ହୋଇଯାଇଥିଲା ସେଲିବ୍ରେସନ। ବିଜେପି ବିଜୟର ନାୟକ ସାଜିଥିବା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କ ବାସଭବନରେ ଭିଡ଼ ଜମିବାରେ ଲାଗିଥିଲା । ସେ ମଧ୍ୟ ଲଡା ବିଧାନସଭା ଆସନରୁ ଜିତିଛନ୍ତି।

ତେବେ ବିଜେପି ପାଇଁ ଏ ବିଜୟ ଆଦୌ ସହଜ ନଥିଲା। ୧୦ ବର୍ଷର ବିଜେପି ସରକାର ପ୍ରତି ହାୱା ବିପରୀତ ଦିଗରେ ବହୁଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ପ୍ରତି ଲୋକପ୍ରିୟତା ସର୍ବନିମ୍ନ ସ୍ତରରେ ଥିଲା। ଆଣ୍ଟି ଇନକମ୍ବାନସି ସହିତ ଲମ୍ବା ସମୟ ଧରି ଋଷୀଙ୍କ ଆକ୍ରୋଶ, ପହିଲମାନ ମାନଙ୍କ ରୋଷ, ଅଗ୍ନିବୀର ଯୋଜନାକୁ ନେଇ ଅସନ୍ତୋଷ ଆଦି ନିର୍ବାଚନୀ ପ୍ରସଙ୍ଗ ଥିଲା।

ନିର୍ବାଚନର ଠିକ ୨୦୦ ଦିନ ପୂର୍ବରୁ ବିଜେପି ମାଷ୍ଟରଷ୍ଟ୍ରୋକ ଖେଳି ଖଟ୍ଟରଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ଦେଇଥିଲା। ସୈନିଙ୍କୁ ଦାୟିତ୍ୱ ଦେଇ ଜାଟ ସଂପ୍ରଦାୟର ଭୋଟକୁ ନିଜ ଆଡକୁ ଆଣିବାକୁ ଚେଷ୍ଟା କରିଥିଲା । ଏଥିରେ ଦଳ ମଧ୍ୟ ଶେଷରେ ସଫଳ ହୋଇଛି।

ଆଇଟି ହବ ଭାବେ ପରିଚିତ ଗୁରୁଗ୍ରାମ, ଫରିଦାବାଦ ଓ ସହାରାଞ୍ଚଳରେ ବିଜେପି କ୍ଲିନ ସୁଇପ କରିଛି । ଲୋକସଭା ନିର୍ବାଚନରେ କଂଗ୍ରେସ ସପକ୍ଷରେ ଥିବା ଜାଟ ଭୋଟ ବିଜେପି ନିଜ ସପକ୍ଷକୁ ଆଣିବାରେ ସଫଳ ହୋଇଛି । ସହରାଞ୍ଚଳ ଭୋଟରଙ୍କ ଉପରେ ପ୍ରଭାବକୁ ଅକ୍ଷୁଣ୍ଣ ରଖିଛି। ଅହିରାଲ ଅଞ୍ଚଳରେ ଥିବା ନିଜ ଦବଦବାରେ ଆଞ୍ଚ ଆଣିବାକୁ ବିଜେପି ଦେଇ ନାହିଁ।

ଭୋଟରଙ୍କ ନାଡ଼ି ଚିପି ନିର୍ବାଚନର ବର୍ଷକ ପୂର୍ବରୁ ମୁଖ୍ୟମନ୍ତ୍ରୀ ଚେହେରା ବଦଳାଇ ମନୋହର ଲାଲ ଖଟ୍ଟରଙ୍କ ସ୍ଥାନରେ ନାୟବ ସିଂହ ସୈନିଙ୍କୁ ଏହି ପଦକୁ ଦଳ ଆଣିଥିଲା। ନିଜ ଦଳରେ ଥିବା ଗୋଷ୍ଠୀ ବିବାଦକୁ ଦୂରେଇ କଂଗ୍ରେସରେ ଥିବା ଗୋଷ୍ଠୀ ବିବାଦରୁ ଭରପୁର ଫାଇଦା ନେଇ ଦଳ ଐତିହାସିକ ବିଜୟ ହାସଲ କରିଛି।

ହରିୟାଣା ରାଜନୈତିକ ଇତିହାସରେ କେବେ ବି କୌଣସି ଦଳ ଲଗାତର ତୃତୀୟ ଥର ପାଇଁ କ୍ଷମତାକୁ ଆସିନଥିଲା। ହେଲେ ୨୦୧୪ ଓ ୨୦୧୯ ତୁଳନାରେ ବିଜେପିର ଏଥିର ବଡ଼ ବିଜୟ ହାସଲ କରିଛି।

## ପଦାର୍ଥ ବିଜ୍ଞାନରେ...

କରି ଆଜିର ଶକ୍ତିଶାଳୀ ମେସିନ ଲର୍ଣ୍ଣିଂର ମୂଳଦୁଆ ଥିବା ପଦ୍ଧତି ବିକଶିତ କରିଛନ୍ତି। ଜନ ଜେ ହପଫିଲଡ ଏକ ଆସୋସିଏଟିଭ ମେମୋରୀ ସୃଷ୍ଟି କରିଛନ୍ତି, ଯାହା ଡାଟାରେ ଫଟୋ ଏବଂ ଅନ୍ୟ ପ୍ରକାରର ଢାଞ୍ଚାଗୁଡିକ ଷ୍ଟୋର ଏବଂ ପୁନଃନିର୍ମାଣ କରିପାରିବ। ଜେଫ୍ରି ହିଣ୍ଟନ ଏକ ପଦ୍ଧତି ଆବିଷ୍କାର କରିଥିଲେ ଯାହା ସ୍ୱୟଂଚାଳିତ ଭାବରେ ଡାଟାରେ ଗୁଣ ଖୋଜିପାରିବ। ତେଣୁ ଫଟୋରେ ନିର୍ଦ୍ଦିଷ୍ଟ ଉପାଦାନଗୁଡିକ ଚିହ୍ନଟ କରିବା ଭଳି କାର୍ଯ୍ୟ ସମ୍ପାଦନ କରିପାରିବ।

ଯେତେବେଳେ ଆମେ କୃତ୍ରିମ ବୁଦ୍ଧିମତା ବିଷୟରେ କଥା ବାର୍ତ୍ତା କରୁ, ଆମେ ପ୍ରାୟତଃ ଆର୍ଟିଫିସିଆଲ ନ୍ୟୁରାଲ ନେଟୱାର୍କ ବ୍ୟବହାର କରି ମେସିନ ଲର୍ଣ୍ଣିଂକୁ ବୁଝାଇଥାଉ। ଏହି ଜ୍ଞାନକୌଶଳ ମୂଳତଃ ମସ୍ତିଷ୍କର ଗଠନରୁ ପ୍ରେରିତ ଥିଲା। ଏକ କୃତ୍ରିମ ନ୍ୟୁରାଲ ନେଟୱାର୍କରେ, ମସ୍ତିଷ୍କର ନ୍ୟୁରୋନଗୁଡିକ ବିଭିନ୍ନ ମୂଲ୍ୟ ଥିବା ନୋଡ ଦ୍ୱାରା ପ୍ରତିନିଧିତ୍ୱ କରାଯାଏ। ଏହି ନୋଡ ଗୁଡିକ ପରସ୍ପରକୁ ସଂଯୋଗ ମାଧ୍ୟମରେ ପ୍ରଭାବିତ କରିଥାଏ, ଯାହାକୁ ସିନାପସ ସହିତ ତୁଳନା କରାଯାଇପାରେ ଏବଂ ଯାହାକୁ ଶକ୍ତିଶାଳୀ କିମ୍ବା ଦୁର୍ବଳ କରାଯାଇପାରେ। ଚଳିତ ବର୍ଷର ବିଜେତାମାନେ ୧୯୮୦ ଦଶକରୁ କୃତ୍ରିମ ନ୍ୟୁରାଲ ନେଟୱାର୍କ ସହିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି।

ଜନ ଜେ ହପଫିଲଡଏକ ନେଟୱାର୍କ ଆବିଷ୍କାର କରିଥିଲେ, ଯାହା ଢାଞ୍ଚା ସଞ୍ଚୟ ଏବଂ ପୁନଃନିର୍ମାଣ ପାଇଁ ଏକ ପଦ୍ଧତି ବ୍ୟବହାର କରେ। ଆମେ ନୋଡ ଗୁଡ଼ିକୁ ପିକ୍ସେଲ ଭାବରେ କଳ୍ପନା କରିପାରିବା ଜନ ଜେ ହପଫିଲଡ ନେଟୱାର୍କ ପଦାର୍ଥ ବିଜ୍ଞାନ ବ୍ୟବହାର କରେ ଯାହା ଏହାର ପରମାଣୁ ସ୍ପିନ କାରଣରୁ ପଦାର୍ଥର ବୈଶିଷ୍ଟ୍ୟ ବର୍ଣ୍ଣନା କରେ। ଏକ ଗୁଣ ଯାହା ପ୍ରତ୍ୟେକ ପରମାଣୁକୁ ଏକ କ୍ଷୁଦ୍ର ଚୁମ୍ବକରେ ପରିଣତ କରିଥାଏ। ସମଗ୍ର ନେଟୱାର୍କକୁ ପଦାର୍ଥ ବିଜ୍ଞାନରେ ମିଳୁଥିବା ସ୍ପିନ ସିଷ୍ଟମରେ ଥିବା ଶକ୍ତି ସହିତ ସମାନ ଢଙ୍ଗରେ ବର୍ଣ୍ଣନା କରାଯାଏ ଏବଂ ନୋଡ ମଧ୍ୟରେ ସଂଯୋଗ ପାଇଁ ମୂଲ୍ୟ ସନ୍ଧାନ କରି ତାଲିମ ଦିଆଯାଏ, ଯାହା ଦ୍ୱାରା ସଞ୍ଚୟ ହୋଇଥିବା ଫଟୋଗୁଡିକର ଶକ୍ତି ହ୍ରାସ ପାଇଥାଏ।

ଜେଫ୍ରି ଇ. ହିଣ୍ଟନ ନେଟୱାର୍କକୁ ଏକ ନୂତନ ନେଟୱାର୍କର ମୂଳଦୁଆ ଭାବରେ ବ୍ୟବହାର କରିଥିଲେ। ଯାହା ଏକ ଭିନ୍ନ ପଦ୍ଧତି ବ୍ୟବହାର କରେ। ହିଣ୍ଟନ ପରିସଂଖ୍ୟାନ ପଦାର୍ଥ ବିଜ୍ଞାନର ଉପକରଣ ବ୍ୟବହାର କରିଥିଲେ, ଯାହା ଅନେକ ସମାନ ଉପାଦାନରୁ ନିର୍ମିତ ପ୍ରଣାଳୀର ବିଜ୍ଞାନ ମେସିନ ଚଳାଇବା ସମୟରେ ଯେଉଁ ଉଦାହରଣ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ଥାଏ ତାହାକୁ ଫିଡ କରି ମେସିନକୁ ପ୍ରଶିକ୍ଷଣ ଦିଆଯାଏ।

## ମିଥୁନ ଚକ୍ରବର୍ତ୍ତୀଙ୍କୁ ...

ଭିନ୍ନ ଭାଷାରେ ମୋଟ ୩୦୯ଟି ଏବଂ ଅଣ ଫିଚର ବର୍ଗରେ ୧୭ଟି ଭାଷାରେ ୧୨୮ଟି ଚଳଚ୍ଚିତ୍ରରେ ଏଣ୍ଟ୍ରି ପାଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ମନ୍ତ୍ରଣାଳୟ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଭାରତୀୟ ସିନେମାକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏକ ପ୍ରମୁଖ ପଦକ୍ଷେପ ହେଉଛି। ସିନେମାଟୋଗ୍ରାଫି ଆଇନରେ ସଂଶୋଧନ ଯାହା ସାର୍ଟିଫିକେସନ ପ୍ରକ୍ରିୟାକୁ ଆଧୁନିକୀକରଣ କରିବ ଏବଂ ପାଇରେସିକୁ ମୁକାବିଲା କରିବାରେ ମଧ୍ୟ ସାହାଯ୍ୟ କରିବ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କିମ୍ବଦନ୍ତୀ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ସିନେମା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ଦାଦା ସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରିଛନ୍ତି। କନ୍ନଡ ଚଳଚ୍ଚିତ୍ର 'କାନ୍ତାରା'ରେ ଚମତ୍କାର ଅଭିନୟ ପାଇଁ ଋଷଭ ସେଟ୍ଟୀଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ତାମିଲ ଚଳଚ୍ଚିତ୍ର 'ଥିରୁଚିତ୍ରାମ୍ବଲମ' ପାଇଁ ନିତ୍ୟା ମେନେନ ଏବଂ ଗୁଜରାଟୀ ଚଳଚ୍ଚିତ୍ର କଚ୍ଛ ଏକ୍ସପ୍ରେସ ପାଇଁ ମାନସୀ ପାରେଖଙ୍କୁ ମିଳିଲା ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର।

ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ମାଲାୟାଲମ ଫିଲ୍ମ ଆଟମକୁ ଦିଆଯାଇଥିବା ବେଳେ ଆୟେନା ଶ୍ରେଷ୍ଠ ନନ ଫିଚର ଫିଲ୍ମ ଭାବେ ମାନ୍ୟତା ପାଇଛି । ସୁରଜ ବଡ଼ଜାତ୍ୟାଙ୍କୁ ତାଙ୍କ ଫିଲ୍ମ 'ଉଞ୍ଚାଇ' ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସମ୍ମାନିତ କରାଯାଇଛି ଫିଚର ଫିଲ୍ମ ବର୍ଗରେ 'ଗୁଲମୋହର'ଙ୍କୁ ଶ୍ରେଷ୍ଠ ହିନ୍ଦୀ ଫିଲ୍ମ ପୁରସ୍କାର ଏବଂ ହରିୟାଣବୀ ଫିଲ୍ମ 'ଫୌଜାକୁ' ନନ ଫିଚର ଫିଲ୍ମ ବର୍ଗରେ ଶ୍ରେଷ୍ଠ ସଂଗୀତ ପୁରସ୍କାର ପ୍ରଦାନ କରାଯାଇଛି।

ସଙ୍ଗୀତ ବିଭାଗରେ ଅରିଜିତ ସିଂହଙ୍କୁ ଶ୍ରେଷ୍ଠ ପୁରୁଷ ପ୍ରଚ୍ଛଦପଟ ଗାୟକ ଏବଂ ବମ୍ବେ ଜୟଶ୍ରୀଙ୍କୁ ଶ୍ରେଷ୍ଠ ମହିଳା ପ୍ରଚ୍ଛଦପଟ ଗାୟିକା ପୁରସ୍କାର ପ୍ରଦାନ କରାଯାଇଛି । ପୋନିୟିନ ସେଲଭାନ ପାର୍ଟ-୧, କେଜିଏଫ୍-୨, ବ୍ରହ୍ମାସ୍ତ୍ର, ଅପରାଜିତା, ଏମୁଥି ପୁଥି, କାବେରୀ ଅନ୍ତର୍ଦ୍ଧାନ, ଦମନ ଓ ବାଘୀ ଦି ଧୀ ଆଦି ଉଲ୍ଲେଖନୀୟ ଚଳଚ୍ଚିତ୍ରକୁ ମଧ୍ୟ ସେମାନଙ୍କ ଅବଦାନ ପାଇଁ ସମ୍ମାନିତ କରାଯାଇଛି।

ଚଳଚ୍ଚିତ୍ର ସମାଲୋଚକ ଦୀପକ ଦୁଆଙ୍କୁ ଶ୍ରେଷ୍ଠ ସମାଲୋଚକ ପୁରସ୍କାର ବର୍ଗରେ ସ୍ୱର୍ଣ୍ଣ କମଳରେ ସମ୍ମାନିତ କରାଯାଇଛି। ଅନିରୁଦ୍ଧ ଭଟ୍ଟାଚାର୍ଯ୍ୟ ଏବଂ ପାର୍ଥିବ ଧର କିଶୋର କୁମାର 'ଦ ଅଲଟିମେଟ ବାୟୋଗ୍ରାଫି' ପୁସ୍ତକ ପାଇଁ ସିନେମା ଉପରେ ଶ୍ରେଷ୍ଠ ପୁସ୍ତକ ବିଭାଗରେ ଗୋଲଡେନ ଲୋଟସ ପୁରସ୍କାର ପାଇଛନ୍ତି।

# ଶ୍ରୀମନ୍ଦିରର କାର୍ତ୍ତିକ ନୀତି ଚୂଡ଼ାନ୍ତ

## ୧୪ରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ମାସ ବାଳଧୂପ ନୀତ

**ପୁରୀ, ୮/୧୦ ନ୍ୟୁଜ ବ୍ୟୁରୋ**



ଆଶ୍ୱିନ ଶୁକ୍ଳ ଏକାଦଶୀ ଅର୍ଥାତ୍ ଅକ୍ଟୋବର ୧୪ ତାରିଖଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ମାସ ବାଳଧୂପ ନୀତି। ମହାପ୍ରଭୁଙ୍କ ରାଧା ଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାପରେ ପଞ୍ଚୁକ ଚାଲିବ। ଚଳିତବର୍ଷ ପଞ୍ଚୁକ ୪ ଦିନ ପଡିଛି। ଫଳରେ ଏଥର ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବ ନାହିଁ। ତେବେ ଏହି ସ୍ୱତନ୍ତ୍ର ନୀତିକାନ୍ତି କିପରି ସୁରୁଖୁରରେ ସମ୍ପନ୍ନ ହେବ ସେ ନେଇ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା ଛତିଶା ନିଯୋଗ ବୈଠକ। ଏଥିରେ ନୀତି ସବ୍ କମିଟି ଦ୍ୱାରା ପ୍ରସ୍ତୁତ ନୀତିକାନ୍ତି ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇ କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ ହୋଇଛି। ଏତଦ୍‌ବ୍ୟତୀତ ଭକ୍ତ ଏବଂ ହବିଷ୍ୟାଳୀଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ବାଳଭୋଗ, ଠିକ୍ ସମୟରେ ମହାପ୍ରସାଦ ବାହାରିବା ଏବଂ ପଞ୍ଚୁକରେ ଭିଡ଼ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, କାର୍ତ୍ତିକ ମାସରେ ରାତ୍ର ୧୨ଟାରେ ପହୁଡ଼ ସମ୍ପନ୍ନ ହୋଇ ରାତି ୪ଟାରେ ଦ୍ୱାର ଫିଟାଯିବ। ସାଢେ ୪ଟାରେ ଭିତର ଶୋଧ କରାଯାଇ ଭୋର ୫ଟାରେ ମଙ୍ଗଳ ଆଳତି କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି। ଧର୍ମମାସ କାର୍ତ୍ତିକର ମୁଖ୍ୟ ଆକର୍ଷଣ ରାଧାଦାମୋଦର ବେଶ ସକାଳ ସାଢେ ୬ଟାରୁ ସାଢେ ୭ଟାରେ ସମ୍ପନ୍ନ ହେବ। ସାଢେ ୮ଟାରୁ ସାଢେ ୯ଟା ସକାଳ ଧୂପ (କେବଳ କୋଠଭୋଗ) ପରେ ପୂର୍ବାହ୍ନ ୧୦ଟାରୁ ସାଢେ ୧୦ଟା ମଧ୍ୟରେ ବାଳଧୂପ ବଢିବ। ସେହିପରି ପଞ୍ଚକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୧୫ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟାଠାରୁ ପଞ୍ଚୁକ ମଧ୍ୟରେ ସୋମବାର ପଡିଲେ ବଡ଼ ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ତେଣୁ ନଭେମ୍ବର ୪ ଓ ୧୧ତାରିଖ ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହେବ। ମୁଖ୍ୟ ପ୍ରଶାସକ ଡ. ପାଢୀ କହିଛନ୍ତି, କାର୍ତ୍ତିକ ମାସ ବାଳଧୂପ ନୀତି ଏବଂ ହବିଷ୍ୟାଳୀ ମା'ମାନଙ୍କ ସମେତ ଭକ୍ତଙ୍କ ଦର୍ଶନ କିପରି ଶୃଙ୍ଖଳିତ ଏବଂ ନିର୍ଘଣ୍ଟ ସମୟରେ ହେବ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ସମସ୍ତ ସେବକ ନିଯୋଗ ସହଯୋଗ କରିବା ପାଇଁ ସହମତି ଦେଇଛନ୍ତି ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଛତିଶା ନିଯୋଗ ନାୟକ, ମନ୍ଦିର କମାଣ୍ଡର, ପରିଚାଳନା କମିଟି ସେବାୟତ ପ୍ରତିନିଧି ଏବଂ ସମସ୍ତ ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୂର୍ବତଟ ରେଳପଥ ଦ୍ୱାରା ଭୁବନେଶ୍ୱରରେ ରାଜ୍ୟ ସ୍ତରୀୟ ରୋଭର୍ସ ଏବଂ ରେଞ୍ଜର୍ସ ମିଟ୍ ଆୟୋଜନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୂର୍ବତଟ ରେଳପଥ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଭୁବନେଶ୍ୱରର ରାଜ୍ୟ ମୁଖ୍ୟାଳୟରେ ଏହାର ଷ୍ଟେଟ୍ ଲେଭଲ୍ ରୋଭର୍ସ ଆଣ୍ଡ ରେଞ୍ଜର୍ସ ମିଟ୍ ଆୟୋଜନ କରିଅଛି କରୁଛି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ୱାଲଟିୟର ରେଳମଣ୍ଡଳର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିବାବେଳେ ଏହାର ମୁଖ୍ୟାଳୟ ଓ ମଞ୍ଚେଶ୍ୱର ରେଳ ଡ଼ବା ମରାମତି କାରଖାନା ଏବଂ ପୁରୀ ୟୁନିଟ ସହିତ ରେଳପଥର ସମସ୍ତ କୋଣ ଅନୁକୋଣରୁ ସ୍ୱେଚ୍ଛାସେବୀମାନେ ଏକତ୍ରିତ ହୋଇଛନ୍ତି । ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ମଙ୍ଗଳବାର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ (ନୁକ୍କଡ ନାଟକ) ପ୍ରଦର୍ଶନ କରାଯାଇ ସ୍ୱଚ୍ଛତା ଏବଂ ଦୁର୍ନୀତି ବିରୋଧରେ ଲଢେଇ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି ଯାହାକି ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ।

ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ରୋଭର୍ସ ଏବଂ ରେଞ୍ଜର୍ସ ମାନଙ୍କ ଦ୍ୱାରା ଆକର୍ଷଣୀୟ ପଥପ୍ରାନ୍ତ ନାଟକ ମାଧ୍ୟମରେ ସେମାନେ ସଫଳତାର ସହ ଜନସାଧାରଣଙ୍କ ନିକଟରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଥିଲେ । ଦୈନନ୍ଦିନ ଜୀବନରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ସବୁ ପ୍ରକାରରେ ଦୁର୍ନୀତି ବିରୋଧରେ ସକ୍ରିୟ ଭାବରେ ଠିଆ ହେବା ଉପରେ ଗୁରୁତ୍ୱାରୋପ କରି ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଯୋଗଦାନ କରି ସ୍ୱେଚ୍ଛାସେବୀମାନଙ୍କ ଉଦ୍ୟମ ତଥା ସାମାଜିକ କାରଣ ପ୍ରତି ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିଥିଲେ ହୋଇଥିଲେ । ଶ୍ରୀ ଫୁଙ୍କୱାଲ ରୋଭର୍ସ ଏବଂ ରେଞ୍ଜର୍ସ ମାନଙ୍କୁ ଉତ୍ସାହିତ କରି ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ଜାରି ରଖିବାକୁ ପ୍ରେରଣା ଦେବା ସହିତ ଭବିଷ୍ୟତର ପଦକ୍ଷେପ ପାଇଁ ସେମାନଙ୍କୁ ପୂର୍ବତଟ ରେଳପଥର ନିରନ୍ତର ସମର୍ଥନ ବିଷୟରେ ସୁନିଶ୍ଚିତ କରିଥିଲେ । ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ଯୋଗଦାନର ମହତ୍ତ୍ୱ ଉପରେ ସେ ଆଲୋକପାତ କରି ସେମାନଙ୍କୁ ଏକ ସ୍ୱଚ୍ଛ ଏବଂ ଅଧିକ ନିର୍ମଳ ସମାଜ ଗଠନ ଦିଗରେ ସେମାନଙ୍କ ଯୋଗଦାନକୁ ଅଧିକ ସକ୍ରିୟ କରି ପଦକ୍ଷେପ ନେବାକୁ ମଧ୍ୟ ପରାମର୍ଶ ଦେଇଥିଲେ । ରୋଭର୍ସ ଏବଂ ରେଞ୍ଜର୍ସ, ସେମାନଙ୍କର ଉତ୍ସର୍ଗୀକୃତ ସେବା ଏବଂ ସମୁଦାୟ-ଆଧାରିତ ପଦକ୍ଷେପ ମାଧ୍ୟମରେ, ପୂର୍ବତଟ ରେଳପଥରେ ଭରତ ସ୍କାଉଟ୍ସ ଏବଂ ଗାଇଡ୍ସର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଚାଲିଛନ୍ତି । ରାଜ୍ୟ ସ୍ତରର ଯୋଗଦାନ କେବଳ ଦକ୍ଷତା ବିକାଶ ପାଇଁ ଏକ ପ୍ଲାଟଫର୍ମ ନୁହେଁ ବରଂ ସ୍ୱେଚ୍ଛାସେବୀମାନଙ୍କ ପାଇଁ ସମାଜ ସେବା ତଥା ରାଷ୍ଟ୍ର ନିର୍ମାଣ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିବା ପାଇଁ ଏକ ସୁଯୋଗ ଅଟେ । ଏହି ପଦକ୍ଷେପ ପୂର୍ବତଟ ରେଳପଥର ବ୍ୟାପକ ମିଶନ ସହିତ ସାମାଜିକ କାରଣଗୁଡିକୁ ପ୍ରୋତ୍ସାହିତ କରିବା ଏବଂ ସମୁଦାୟ ସହିତ ବଳିଷ୍ଠ ସକାରାତ୍ମକ ଉପାୟରେ ଜଡିତ ହେବା, ଏକ ଦାୟିତ୍ୱବାନ ତଥା ସାମାଜିକ ସଚେତନ ସଂଗଠନ ଭାବରେ ଏହାର ସୁନାମକୁ ଆହୁରି ସୁଦୃଢ଼ କରିବା ।

### ଜୟପ୍ରକାଶଙ୍କ ପୁଣ୍ୟ ତିଥି ବିଜେଡି ଦ୍ୱାରା ପାଳିତ

## କ୍ଷୁଧା ଓ ଦ୍ୱିଧାମୁକ୍ତ ସମାଜର ସ୍ୱପ୍ନ ଦେଖିଥିଲେ ଜୟପ୍ରକାଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ସମ୍ପୂର୍ଣ୍ଣ କ୍ରାନ୍ତିର ମହାନ୍ ପ୍ରବକ୍ତା ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ର ଜୀବନବ୍ୟାପୀ ସାଧନା ଥିଲା ଜନତା ଜନାର୍ଦ୍ଦନ ଙ୍କ ପାଇଁ ନିବେଦିତ। ସମ ବଣ୍ଟନ ଓ ସହାବସ୍ଥାନ ରେ ଯେ ଏକ ସୁସ୍ଥ ସମାଜ ଗଢି ଉଠିବ ଏ ବିଶ୍ୱାସ ତାଙ୍କର ଥିଲା ବୋଲି ତାଙ୍କର ପୁଣ୍ୟ ତିଥି ରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଆଜି ରାଜଧାନୀ ର ମାଷ୍ଟର କ୍ୟାଣ୍ଟିନ୍ ଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳ ରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଏହି ମହାପୁରୁଷ ଙ୍କ ୪୫ ତମ ତିରୋଧାନ ଦିବସ ପାଳନ କରାଯାଇଅଛି। ଏହି କାର୍ଯ୍ୟକ୍ରମ ରେ ପ୍ରଥମେ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ,ଚନ୍ଦନ ଆଜାଦ,ଅମିତ୍ ପାତାଳ ସିଂ,ମୋହିତ ପ୍ରଜାପତି,ସମାଜସେବୀ ଅଶ୍ୱିନି ପଟ୍ଟନାୟକ, ହକମ୍ ମେହେର, ସତ୍ୟବ୍ରତ ଜେନା, ମୋତି ଲାଲ ରଣା,ବିଶ୍ୱରଂଜନ ଧଙ୍ଗଡା ମାଝୀ, ରମେଶ ଚନ୍ଦ୍ର ପାତାଳ ସିଂ,ମଙ୍ଗଳ ଚରଣ ମୁର୍ମୁ, ସଞ୍ଜୟ ପରିଡା, ସାହୁନା ମାର୍ଣ୍ଡି, ସ୍ୱପ୍ନାରାଣୀ ପ୍ରଧାନ, ସଚିନ କାଣ୍ଡ, ଅକ୍ଷୟ ଜେଠି,ଦିନେଶ ସାହୁକାର, ପ୍ରମୁଖ ଯୋଗଦାନ କରି ବରପୁତ୍ର ଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଚୌଦ୍ୱାରରେ ଲଜ୍ଜା, ନାବାଳିକାକୁ ଗଣଦୁଷ୍କର୍ମ ଅଭିଯୋଗ

**କଟକ, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ଥାନା କଜଳକଣାରେ ଥିବା ଶିଳ୍ପାଞ୍ଚଳରେ ଏକ ଘସି କାରଖାନାରେ ଲଜ୍ଜାଜନକ ଘଟଣା ଘଟିଛି । ଏଠାରେ କାମ କରୁଥିବା ଜଣେ ଆଦିବାସୀ ନାବାଳିକାଙ୍କୁ ତିନିଜଣ କର୍ମଚାରୀ ସେହି କମ୍ପାନି ଭିତରେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଚୌଦ୍ୱାର ଥାନାରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୁଲିସ ଏହି ଘଟଣାରେ ଅଭିଯୁକ୍ତ ତିନି କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ଓ ବୟାନ ରେକର୍ଡ କରିବା ସହିତ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁଯାୟୀ କାରଖାନାରେ ଯାଜପୁର ଜିଲ୍ଲାର ଜଣେ ୧୩ ବର୍ଷୀୟା ଆଦିବାସୀ ନାବାଳିକା ଶ୍ରମିକ ଭାବେ ଗଲା କିଛି ମାସ ହେବ କାମ କରୁଥିଲେ ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-219

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସିଗ୍ନାଲ୍ ଗୁମ୍ଟି ଗୁଡିକକୁ ବିଦ୍ୟୁତ୍ ଯୋଗାଣ ବୃଦ୍ଧି ପାଇଁ ପାୱାର କେବୁଲ ଗୁଡ଼ିକର ବୃଦ୍ଧିକରଣ, ପ୍ରତିସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,43,13,335.55, EMD : ₹ 2,21,600/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.11.2024ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-605/P/24-25

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**MINOR IRRIGATION DIVISION, KANDHAMAL.**
Telephone/Fax No-06842-253634
E-Mail: www.kmidplb@gmail.com

A-391

**BID IDENTIFICATION No-05/2024-25/ 2378 Dt:- 04/ 10 / 2024**

The Superintending Engineer, Minor Irrigation Division, Kandhamal on behalf of Governor of Odisha invites Percentage rate bids in double cover system only in "ON LINE" mode for the Construction of works detailed in the table from"B" Class Contractors only registered with the State Government and contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all the following works.

| | | | |
|---|---|---|---|
| 1. | Name of the works | :- | Improvement of various Dam Road in Kandhamal district under Special Central Assistant to State (CAPEX Road) for the year 2024-25. |
| 2. | Total No. of works. | :- | 04 (four) Nos. |
| 3. | Estimated Cost. | :- | Rs. 70.82 to 80.33 lakh Approximately |
| 4. | Class of Contractor. | :- | "B" Class only |
| 5. | Period of completion. | :- | 120 (One Hundred twenty days only). |
| 6. | Date & time of Availability of Bid Document in the Portal for online bidding. | :- | 9/10/2024 at 10 A.M. to 18/10/2024 up to 5 P.M. |
| 7. | Last date/Time for receipt of Bid only in ONLINE. | :- | 18/10/2024 up to 5 PM. |
| 8. | Date/Time of Opening of Technical Bid. | :- | 19/10/2024 at 11.00 AM. at Office of the Superintending Engineer, M.I. Division, Kandhamal. |
| 9. | Date/ Time of Opening of Financial Bid | :- | To be intimated through web site after evaluation of Technical Bid. |
| 10. | Name & Address of the Officer Inviting the Bid. | :- | Office of the Superintending Engineer, M.I. Division, Kandhamal. |

11. Further details can be seen from the "e" Procurement Portal https://tendersodisha.gov.in

(Er.Manaranjan Hansdah)
Superintending Engineer,
M.I.Division, Kandhamal

OIPR-32487/11/0001/2425

# ଭୁବନେଶ୍ୱରର ଦୁର୍ଗାପୂଜା ତୋରଣରେ ବିଶ୍ୱ ଐତିହ୍ୟର ଝଲକ

ଭୁବନେଶ୍ୱର
୦୯ ଅକ୍ଟୋବର
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24






















## ଜମିଜମା ମାମଲାର ହେବ ତ୍ୱରିତ ଫଇସଲା

# ଏଣିକି ରାଜସ୍ୱ ପରିଷଦର ଶୁଣାଣି ସପ୍ତାହରେ ୩ଦିନ

### ଜବାବ ଦାଖଲ କରିପାରିଲେନି ବିଧାୟକ ଲକ୍ଷ୍ମଣ ବାଗ

**କଟକ ୮।୧୦ ନ୍ୟୁଜ ବ୍ୟୁରୋ**

କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନୀ ମାମଲାରେ ଜବାବ ଦାଖଲ କରିପାରିଲେନି ବିଜେପି ବିଧାୟକ ଲକ୍ଷ୍ମଣ ବାଗ । ୩ ଥର ନୋଟିସ୍ ପରେ ବି ନୋଟିସ୍ ଗ୍ରହଣ କଲେ ନାହିଁ କିମ୍ବା କୋର୍ଟରେ ହାଜର ହୋଇ ଉତ୍ତର ରଖିଲେ ନାହିଁ ବିଧାୟକ ଲକ୍ଷ୍ମଣ ବାଗ । କୋର୍ଟ କହିଲେ ଆଗକୁ କେବଳ ଆବେଦନକାରୀଙ୍କ ତଥ୍ୟ ଉପରେ ମାମଲାର ଶୁଣାଣି ଜାରି ରହିବ । ସ୍ଥାନୀୟ ଭୋଟର ଲକ୍ଷ୍ମଣ ବାଗଙ୍କ ନାଁ ମିଥ୍ୟା ଦାଖଲ ନେଇ ହାଇକୋର୍ଟରେ ମାମଲା କରିଥିଲେ । ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ନଭେମ୍ବରକୁ ଧାର୍ଯ୍ୟ କରାଯାଇଛି ।



**କଟକ ୮।୧୦ ନ୍ୟୁଜ ବ୍ୟୁରୋ**

ଜମିଜମା ସଂକ୍ରାନ୍ତୀୟ ମାମଲାର ତ୍ୱରିତ ଫଇସଲା ପାଇଁ ଏଣିକି ରାଜସ୍ୱ ପରିଷଦ ପକ୍ଷରୁ ନିୟମିତ ଭାବେ ଶୁଣାଣି କରାଯିବ । ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଏହି ତଥ୍ୟ ଦେଇଛି ରାଜ୍ୟ ରାଜସ୍ୱ ବିଭାଗ । କେବଳ ରାଜସ୍ୱ ପରିଷଦଙ୍କ ନିକଟରେ ୧ ଲକ୍ଷ ୩୧ ହଜାର ମାମଲା ପଡି ରହିବାର କାରଣ କ'ଣ ? ଏସବୁର ସମାଧାନ ଦିଗରେ କ'ଣ ପଦକ୍ଷେପ ନେଉଛ ବୋଲି ଗତ ମାସ ୨୫ ତାରିଖରେ ହାଇକୋର୍ଟ ପ୍ରଶ୍ନ କରିଥିଲେ । ଏନେଇ ସତ୍ୟପାଠ ଦାଖଲ କରିବାକୁ ଉଭୟ ରାଜସ୍ୱ ସଚିବ ଏବଂ ମେମ୍ବର ରାଜସ୍ୱ ପରିଷଦଙ୍କୁ ନିର୍ଦ୍ଦେଶ ହୋଇଥିଲା । ତେବେ ଦାଖଲ ହୋଇଥିବା ସତ୍ୟପାଠରେ ରାଜସ୍ୱ ବିଭାଗ ଦର୍ଶାଇଛି କି, ଏଣିକି ପ୍ରତି ସପ୍ତାହରେ ରିଭିଜିନାଲ କୋର୍ଟ ବସିବେ । ଅଦାଲତ ବାବଦରେ ସମସ୍ତ ତଥ୍ୟ ପୋର୍ଟାଲରେ ନିୟମିତ ଭାବେ ଅପଲୋଡ୍ ହେବ । ପ୍ରତ୍ୟେକ ଶୁଣାଣି ଦିନରେ ସର୍ବନିମ୍ନ ୫୦ଟି ମାମଲା ପଞ୍ଜିକୃତ ହେବ । ରିଭିଜିନାଲ କୋର୍ଟ ମାନଙ୍କରେ ଆବଶ୍ୟକୀୟ ଲ' ଅଫିସର ନିଯୁକ୍ତ ହେବେ । ରାଜସ୍ୱ ପରିଷଦଙ୍କ ତରଫରୁ ରାଜ୍ୟର ବିଭିନ୍ନ ସ୍ଥାନରେ ୪୦ଟି ରିଭିଜିନାଲ କୋର୍ଟ ଥାଇ ସୁଦ୍ଧା ୧ ଲକ୍ଷ ୩୧ ହଜାର କେସ୍ ସମାଧାନ ନହୋଇ ପଡି ରହିଛି । ଉକ୍ତ ଅବ୍ୟବସ୍ଥାର ଶିକାର ହୋଇ ଗୁରୁ ଚରଣ ମହାନ୍ତି ନାମକ ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

# ଆଜି ୩୫ ଲକ୍ଷ ମହିଳାଙ୍କ ଖାତାକୁ ଯିବ 'ସୁଭଦ୍ରା' ଟଙ୍କା

**ଭୁବନେଶ୍ୱର, ୮/୧୦ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବାରିପଦାର ଐତିହାସିକ ଛଉ ପଡିଆ ସଭାରୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ପଠାଇବେ। ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଆଉ କେତେକ ମନ୍ତ୍ରୀ ମଧ ଉପସ୍ଥିତ ରହିବେ। ବୁଧବାର ଖାତାକୁ ଆସିବ ସୁଭଦ୍ରା ଟଙ୍କା। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୩୫ ଲକ୍ଷ ହିତାଧିକାରୀ ପାଇବେ ପ୍ରଥମ କିସ୍ତି। ବାରିପଦାରେ ମୁଖ୍ୟମନ୍ତ୍ରୀ ବଡ଼ ସଭା କରି ମହିଳାଙ୍କ ଖାତାକୁ ଟଙ୍କା ପଠାଇବେ। ଯେଉଁଥିପାଇଁ ମହିଳାମାନେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି।

ଏହି ଅବସରରେ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଥିବା ପ୍ରଥମ ଓ ଏକ କୋଟିତମ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ୩୫




ଲକ୍ଷରୁ ଅଧିକ ହିତାଧିକାରୀ ପାଇବେ ଟଙ୍କା। ଦିନ ୧୨ଟା ସୁଦ୍ଧା ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ ଟଙ୍କା। ମାସକ ଭିତରେ କୌଣସି ସରକାରୀ ଯୋଜନାରେ ଏକ କୋଟି ମହିଳା ପଞ୍ଜୀକରଣ କରିବା ରେକର୍ଡ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପାର୍ବଣରେ ମହିଳାଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଯିବାକୁ ଥିବାରୁ ହିତାଧିକାରୀଙ୍କ ଘରେ ଏବେ ବେଶ୍ ଉତ୍ସାହ। ଆଉ କିଛି ମହିଳା ସୁଭଦ୍ରା ଟଙ୍କା ଆସିଲେ ବ୍ୟବସାୟରେ ବିନିଯୋଗ କରିବେ ବୋଲି କହିଛନ୍ତି। ସେପ୍ଟେମ୍ବର ୧୭ରେ ପ୍ରଥମ ପର୍ଯ୍ୟାୟରେ ସୁଭଦ୍ରା ହିତାଧିକାରୀଙ୍କୁ ମିଳିଥିଲା ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟ ଟଙ୍କା। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୫ ଲକ୍ଷ ମହିଳାଙ୍କ ଖାତାକୁ ଟଙ୍କା ଯାଇଥିଲା। ବୁଧବାର ଅକ୍ଟୋବର ୯ ତାରିଖରେ ଆଉ ୩୫ ଲକ୍ଷ ହିତାଧିକାରୀଙ୍କ ଖାତାକୁ ଯିବ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା। ଅନ୍ୟପକ୍ଷରେ ତୃତୀୟ ପର୍ଯ୍ୟାୟରେ ଆସନ୍ତା ଡିସେମ୍ବର ସୁଦ୍ଧା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ। ଏହାପରେ ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ମିଳିବ ଦ୍ୱିତୀୟ କିସ୍ତି ଟଙ୍କା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ରାଜ୍ୟରେ ସରକାର ଗଢିବା ପୂର୍ବରୁ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଟଙ୍କା ଯୋଗାଇଦେବା ନିମନ୍ତେ ନିର୍ବାଚନ ଇସ୍ତାହାରରେ ବିଜେପି ଘୋଷଣା କରିଥିଲା।

# ଆଜି ଶଙ୍ଖ ଭବନରେ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ



**ଭୁବନେଶ୍ୱର, ୮/୧୦ ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ବୁଧବାର ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମତିଥିରେ ଶୁଭାରମ୍ଭ ହେବ। ଏହାକୁ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶଙ୍ଖ ଭବନ ଠାରେ ଶୁଭାରମ୍ଭ କରିବେ। ଏହା ସହିତ ଜିଲ୍ଲା ସଦର ମହକୁମାରେ ଜିଲ୍ଲାର ସମସ୍ତ ନେତୃବୃନ୍ଦ ଭର୍ଚୁଆଲ ମାଧ୍ୟମରେ ଶଙ୍ଖ ଭବନ କାର୍ଯ୍ୟକ୍ରମ ସହିତ ଯୋଡି ହେବେ। ମଙ୍ଗଳବାର ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ ଓ କାର୍ଯ୍ୟକ୍ରମ ରୂପାନ୍ତରଣ କମିଟିର ଆବାହକ ସଞ୍ଜୟ ଦାସବର୍ମା ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଥିଲେ, ବିଜେଡି ଏକ ଆଞ୍ଚଳିକ ଦଳ ହୋଇଥିବା ବେଳେ ଜନ ସମ୍ପର୍କକୁ ସବୁବେଳେ ଗୁରୁତ୍ୱ ଦେଇଆସିଛି। ସଭ୍ୟ ସଂଗ୍ରହ ଅଭିଯାନ ଦଳର ଏକ ନିୟମିତ କାର୍ଯ୍ୟକ୍ରମ। ବିଜେଡିର ସମୁଦାୟ ସଭ୍ୟ ସଂଖ୍ୟା ଏକ କୋଟିରୁ ଉର୍ଦ୍ଧ୍ୱ ରହିଛି ଓ ସକ୍ରିୟ ସଭ୍ୟ ସଂଖ୍ୟା ପ୍ରାୟ ଚାରି ଲକ୍ଷ ରହିଛି। ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ଏହି ସଭ୍ୟ ସଂଗ୍ରହ ଅଭିଯାନରେ ସମସ୍ତ ବର୍ଗର ଲୋକ ମାନଙ୍କୁ ଯୋଡା ଯିବା ସହ ବିଶେଷ କରି ଛାତ୍ର ଓ ଯୁବ ବର୍ଗ ଉପରେ ଫୋକସ ରହିବ। ବୁଧବାର ଶଙ୍ଖ ଭବନ କାର୍ଯ୍ୟକ୍ରମ ସହିତ ସମସ୍ତ ଜିଲ୍ଲା ସଦର ମହକୁମା ଯୋଡି ହେବାର କାର୍ଯ୍ୟକ୍ରମ ରହିଛି। ପରବର୍ତ୍ତୀ ଦିନ ମାନଙ୍କରେ ଅନ୍ୟ ବିଧାନସଭା କ୍ଷେତ୍ର ଗୁଡିକରେ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ କରାଯିବ। ସେହିପରି କାର୍ଯ୍ୟକ୍ରମ ରୂପାନ୍ତରଣ କମିଟିର ଆବାହକ ସଞ୍ଜୟ ଦାସବର୍ମା କହିଥିଲେ, ନିକଟରେ ଆରମ୍ଭ ହୋଇଥିବା ଜନ ସମ୍ପର୍କ ପଦଯାତ୍ରାରେ ଜନ ସାଧାରଣଙ୍କ ବିପୁଳ ସମର୍ଥନ ମିଳିଛି। ସେଥିପାଇଁ ଓଡ଼ିଶାବାସୀଙ୍କ ନିକଟରେ ଆମେ କୃତଜ୍ଞତା ଜ୍ଞାପନ କରୁଛୁ। ଓଡ଼ିଶାବାସୀ ବିଜୁ ଜନତା ଦଳକୁ ବିରୋଧୀ ଦଳର ଦାୟିତ୍ୱ ପ୍ରଦାନ କରିଛନ୍ତି। ଗଣତନ୍ତ୍ରରେ ସରକାରୀ ଦଳର ଯେତିକି ଆବଶ୍ୟକତା ଅଛି, ବିରୋଧୀ ଦଳର ମଧ୍ୟ ସେତିକି ଆବଶ୍ୟକତା ଅଛି। ତେଣୁ ଗୋଟିଏ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଆମେ ଜନ ସାଧାରଣଙ୍କ ଆବଶ୍ୟକତାକୁ ପୁରା କରିବୁ ଏବଂ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବୁ ବୋଲି ଶ୍ରୀ ଦାସବର୍ମା କହିଥିଲେ।

# କଟକ ବଡ଼ ଡାକ୍ତରଖାନାରେ ଆରମ୍ଭ ହେଲା ପାସ୍ ବ୍ୟବସ୍ଥା

**କଟକ, ୮/୧୦ ନ୍ୟୁଜ ବ୍ୟୁରୋ**

ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଆରମ୍ଭ ହେଲା ପାସ୍ ବ୍ୟବସ୍ଥା। ଏଣିକି ରୋଗୀଙ୍କ ସହ ଥିବା ସମ୍ପର୍କୀୟଙ୍କ ପାଇଁ ପାସ୍ ଲାଗୁ କରିଛନ୍ତି ଏସସିବି କର୍ତ୍ତୃପକ୍ଷ। ଡାକ୍ତରଙ୍କ ୱାର୍ଡ଼ ଭ୍ରମଣ ସମୟରେ ଦୁଇ ଜଣ ସମ୍ପର୍କୀୟ ରୋଗୀଙ୍କ ସହ ରହି ପାରିବେ। ଏହାପରେ ପୂର୍ବପରି ଜଣେ ହିଁ ସମ୍ପର୍କୀୟ ରୋଗୀଙ୍କ ସହ ରହିପାରିବେ ବୋଲି ସ୍ପଷ୍ଟ କରିଛନ୍ତି ଏସସିବି କୁଳସଚିବ। ଏହାରି ମଧ୍ୟରେ ରୋଗୀଙ୍କ ପାଖରେ ସହାୟକର ପରିଦର୍ଶନ ସମୟ ସକାଳ ୭.୩୦ରୁ ୯ ଟା। ଏହାପରେ ମଧ୍ୟାହ୍ନ ୧ ରୁ ୨ ଓ ସନ୍ଧ୍ୟା ସମୟରେ ୭.୩୦ ରୁ ୯ ଘଟିକା ପର୍ଯ୍ୟନ୍ତ ରହିଛି।

# ଇଂଜିନିୟରିଂ ବିଦ୍ୟାକୁ ସମାଜ କଲ୍ୟାଣ ଦିଗରେ ବ୍ୟବହାର କରାଯାଉ : ମନ୍ତ୍ରୀ



**ଭୁବନେଶ୍ୱର, ୮/୧୦ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର ତୃତୀୟ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ ଇଂଜିନିୟରିଂ ବିଦ୍ୟାକୁ ସଫଳ ରୂପାୟନ କରି ସମାଜ କଲ୍ୟାଣ ଦିଗରେ ବ୍ୟବହାର କରାଯିବା ଉପରେ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ଧ୍ୟାନ ଦେବା ଉଚିତ । ନୂଆ ନୂଆ ପ୍ରଯୁକ୍ତି ବିଦ୍ୟା ଆର୍ଟିଫିସିଆଲ୍ ଇଣ୍ଟେଲିଜେଣ୍ଟ, ମେସିନ୍ ଲର୍ଣ୍ଣିଙ୍ଗ, ଡାଟା ସାଇନ୍ସ ଆଦି ନୂତନ ପାଠ୍ୟକ୍ରମ ବହୁଳ ମାତ୍ରାରେ ପ୍ରଚଳନ କରାଯିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି । ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ କହିଲେ ଯେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତ ହିଁ ବିଶ୍ୱଗୁରୁ ହେବ ଏବଂ ପୃଥିବୀର ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ବିକଶିତ ଭାରତ ଏକ ନମ୍ବର ହେବ । ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ଏ କ୍ଷେତ୍ରରେ ଉତ୍ତମ ମାନବସମ୍ବଳ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବେ ବୋଲି ସେ କହିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ୍ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଉନ୍ନତ ମାନର ଲାବୋରେଟୋରୀ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଅଧ୍ୟକ୍ଷତା କରିଥିବାବେଳେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀମତୀ ରେଣୁପ୍ରଭା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସଫଳତା ପାଇଁ ପୁରସ୍କୃତ କରାଯାଇଥିଲା। ଓୟୁଟିଆର ଫାଇନ୍, ଓୟୁଟିଆର ସିମେନ୍, ସିଓଇ ଡିଜିଟାଲ ମାନୁଫାକ୍ଚରିଂ ଉଦ୍‌ଘାଟିତ ହୋଇଥିଲା।

### ଭିଜିଲାନ୍ସ ଜାଲରେ ପଞ୍ଚାୟତିରାଜ ଅଧିକାରୀ : ୮ ସ୍ଥାନରେ ଚଢ଼ଉ

**ଭୁବନେଶ୍ୱର ୦୮/୧୦ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ପଞ୍ଚାୟତିରାଜ ବାବୁ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରାଇଭେଟ୍ ସେକ୍ରେଟାରୀ ରମେଶ ଚରଣ ଜେନାଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ରମେଶଙ୍କ ଭୁବନେଶ୍ୱର ଘର ସମେତ ୮ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି। ରମେଶଙ୍କ ଭୁବନେଶ୍ୱର କଳିଙ୍ଗନଗରରେ ଥିବା ଦୁଇ ମହଲା ବିଶିଷ୍ଟ ଘର, ଭୁବନେଶ୍ୱର ଗୋଠପାଟଣାରେ ଥିବା ୩ମହଲା ବିଶିଷ୍ଟ କୋଠା, ପୁରୀ ଖୁଣ୍ଟିଆ ବାଣପୁରରେ ଥିବା ପୈତୃକ ଘର, ୟୁନିଟ ୨ରେ ଥିବା ସରକାରୀ କ୍ୱାର୍ଟର୍ସ, ଖୋର୍ଦ୍ଧା ଟାଙ୍ଗିରେ ଥିବା ସମ୍ପର୍କୀୟ ଘର ଓ ଅଫିସ୍ ଚାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ଚଢ଼ଉରେ ୮ ଜଣ ଡିଏସପି, ୩ଜଣ ଇନ୍ସପେକ୍ଟର, ୧୦ ଜଣ ଏଏସ୍ଆଇ ସମେତ ଅନ୍ୟ ଷ୍ଟାଫ ସାମିଲ ହୋଇଛନ୍ତି ।

# ଉପକୂଳ ଓଡ଼ିଶାରେ ନଡିଆ ଉତ୍ପାଦନ ହ୍ରାସ: ଦକ୍ଷିଣ ଭାରତ ଉପରେ ଭରସା

**ଭୁବନେଶ୍ୱର, ୦୮/୧୦ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ବଜାରରେ ଏବେ ନଡ଼ିଆ ଗୋଟାକ ୪୦ରୁ ୫୦ ଟଙ୍କା । ୧ ନମ୍ବର ମାର୍କେଟରୁ ନେଇ ସିଆରପି, ଖଣ୍ଡଗିରିରୁ ନେଇ ରସୁଲଗଡ଼ ସବୁଠି ନଡ଼ିଆ ଦାମ୍ ଚଢ଼ା । ମୂଲଚାଲ ବି ନାହିଁ । ଯାହା କହୁଛନ୍ତି, ସେତିକିରେ କିଣିବାକୁ ବେପାରୀ ବାଧ୍ୟ କରୁଛନ୍ତି । ବର୍ତ୍ତମାନ ପୂଜା ସମୟରେ ଶ୍ରଦ୍ଧାଳୁମାନେ ଅଧିକ ନଡ଼ିଆ କିଣୁଛନ୍ତି । ହେଲେ ଦର ଯାହା ନଡ଼ିଆ କିଣିବାକୁ ପ୍ରଥମେ ଭାବିବାକୁ ପଡୁଛି । ଛୋଟ ନଡ଼ିଆ ଖୋଜିଲେ ବି ମିଳୁନି । ଯାହାକୁ ଦେଖିଲେ ସବୁ ମଧ୍ୟମ ନଚେତ୍ ବଡ଼ ଆକାରର । ଏବେ ରାଜଧାନୀରେ ଯେଉଁ ନଡ଼ିଆ ବିକ୍ରି ହେଉଛି ତାହା ଓଡ଼ିଶାର ନୁହେଁ, ଦକ୍ଷିଣ ଭାରତର ତାମିଲନାଡୁ, କେରଳ ଓ ଆନ୍ଧ୍ରପ୍ରଦେଶରୁ ଆସୁଛି । ସେଥିପାଇଁ ନଡ଼ିଆର ଦର ଉଚ୍ଚା ରହୁଥିବା କୁହାଯାଉଛି । ବିଶେଷକରି ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଓ ଆଖପାଖ ଅଞ୍ଚଳରୁ ୮୦ ପ୍ରତିଶତ ନଡ଼ିଆ ଭୁବନେଶ୍ୱର ସମେତ କଟକ ଓ ଆଖପାଖ ଅଞ୍ଚଳକୁ ଆସୁଥିଲା । ହେଲେ ୨୦୧୯ରେ ଉପକୂଳ ଓଡ଼ିଶାକୁ ଦୋହଲାଇ ଦେଇଥିବା ଫନି ବାତ୍ୟା ପରଠୁ ଏଠାକାର ନଡ଼ିଆ ଭୁବନେଶ୍ୱରକୁ ଆସୁନି ବୋଲି ବ୍ୟବସାୟୀମାନେ କହିଛନ୍ତି । ସେଥିପାଇଁ ବଜାରରେ ଓଡ଼ିଶା ନଡ଼ିଆ ଅଭାବ ପଡୁଛି ଏବଂ ଦକ୍ଷିଣ ଭାରତୀୟ ନଡ଼ିଆର ଚାହିଦା ବଢ଼ିଯାଇଛି । ପୂର୍ବରୁ ଓଡ଼ିଶା ନଡ଼ିଆର ଦାମ୍ ୧୫ରୁ ୨୦ ଓ ସର୍ବାଧିକ ୨୫ ଟଙ୍କା ଥିଲା । ହେଲେ ଏବେ ବାହାର ନଡ଼ିଆ ଦାମ ବହୁ ଅଧିକ । ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ଏକ ଗବେଷଣା କହୁଛି, ଓଡ଼ିଶାକୁ ପ୍ରତିବର୍ଷ ୪୬ କୋଟି ନଡ଼ିଆ ଦରକାର । ହେଲେ ଏବେ ମାତ୍ର ୩୯ କୋଟି ନଡ଼ିଆ ଉତ୍ପାଦନ ହେଉଛି । ନଡ଼ିଆ ଉନ୍ନୟନ ବୋର୍ଡର ତଥ୍ୟ ଅନୁସାରେ, ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଥିବା ନଡ଼ିଆ ଗଛ କ୍ଷତିଗ୍ରସ୍ତ ହୋଇଥିଲା । ବାତ୍ୟା ପରେ ପୁରୀ, ଗଞ୍ଜାମ, କଟକ, ନୟାଗଡ଼ ଓ ଖୋର୍ଦ୍ଧା ଆଦି ଉପକୂଳ ଜିଲ୍ଲାରେ ୨୦୦୦-୦୧ରେ ୧୭.୭୦ ହେକ୍ଟର ଜମିରେ ନଡ଼ିଆ ଚାଷ ହେଉଥିଲା । ଯେଉଁଠି ହେକ୍ଟର ପିଛା ୬୨୦୯ ନଡ଼ିଆ ଉତ୍ପାଦନ ହେଉଥିଲା । ୨୦୦୪-୦୫ ବେଳକୁ ୫୦.୫୦ ହେକ୍ଟର ଜମିରେ ନଡ଼ିଆ ଚାଷ ହେଲା । ଯେଉଁଠି ଗୋଟିଏ ହେକ୍ଟରରୁ ମାତ୍ର ୫୪୪୨ ନଡ଼ିଆ ଉତ୍ପାଦନ ହେଉଥିଲା । ୨୦୦୯-୧୦ରେ ୫୧ ହେକ୍ଟର ଜମିରେ ନଡ଼ିଆ ଚାଷ ହେଉଥିବା ବେଳେ ପ୍ରତି ହେକ୍ଟରରୁ ୫୮୨୪ ନଡ଼ିଆ ଫଳୁଥିଲା । ପୁଣି ଫନି ବାତ୍ୟା ପୂର୍ବରୁ



୨୦୧୮-୧୯ରେ ୪୬.୬୭ ହେକ୍ଟର ଜମିରେ ନଡ଼ିଆ ଚାଷରୁ ଉତ୍ପାଦନ ହେଉଥିଲା । ଏଠି ପ୍ରତି ହେକ୍ଟରରୁ ୬୧୩୨ ନଡ଼ିଆ ଆସୁଥିଲା। ହେଲେ ବାତ୍ୟାରେ ୧୪ଲକ୍ଷ ନଡ଼ିଆ ଗଛ ଭାଙ୍ଗି ପଡ଼ିଥିଲା । ବାତ୍ୟା ପରେ ୨୦୨୨-୨୩ରେ ୫୨.୮୪ ହେକ୍ଟରରେ ଚାଷ ହେଉଥିବା ବେଳେ ଗୋଟିଏ ହେକ୍ଟର ପିଛା ୭୫୨୮ ନଡ଼ିଆ ଉତ୍ପାଦନ ହେଉଛି । ଉପକୂଳ ଅଞ୍ଚଳରୁ ନଡ଼ିଆ କୋଲକାତା ମଧ୍ୟ ଯାଉଛି । ଅପରପକ୍ଷେ, ୨୦୨୨- ୨୦୨୩ରେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ପ୍ରତି ହେକ୍ଟରରୁ ରେକର୍ଡ ସଂଖ୍ୟକ ୧୫୯୬୪, କେରଳରେ ପ୍ରତି ହେକ୍ଟରରେ ୭୪୦୨ ଓ ତାମିଲନାଡୁରେ ୧୧୪୬୯ଟି ନଡ଼ିଆ ଫଳୁଛି । ପଡ଼ୋଶୀ ରାଜ୍ୟର ପଇଡ଼ ପାଣି ମିଠା ହୋଇଥିବାରୁ ଏହାର ଚାହିଦା ମଧ୍ୟ ରହିଛି । ସେଦୃଷ୍ଟିରୁ ନଡ଼ିଆ ବେପାରୀମାନେ ଉଭୟ ନଡ଼ିଆ ଓ ପଇଡ଼ ଆଣୁଛନ୍ତି । ପଇଡ଼ ଭଳି ପ୍ରତିଦିନ ଗୋଟିଏ ଟ୍ରିପ୍ ନଡ଼ିଆ ଭୁବନେଶ୍ୱରକୁ ଆସୁଛି । ଯେଉଁଥିରେ ୨ରୁ ଅଢ଼େଇ ହଜାର ନଡ଼ିଆ ରହୁଛି ବୋଲି ବ୍ୟବସାୟୀମାନେ କହିଛନ୍ତି । ରାଜ୍ୟରେ ନଡ଼ିଆ ଉତ୍ପାଦନ ବୃଦ୍ଧି ପାଇଁ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଯୋଜନା କରିଆସୁଛି । 'ସର୍ବଭାରତୀୟ ନାରିକେଳ ଗବେଷଣା ପ୍ରକଳ୍ପ'ରେ ନଡ଼ିଆ ଚାଷ ହେଉଛି । ଏଥିରେ କେନ୍ଦ୍ର ସରକାରଙ୍କ ୭୫ ଭାଗ ଓ ରାଜ୍ୟର ୨୫ ଭାଗ ଅନୁଦାନ ଖର୍ଚ୍ଚ ହେଉଛି । ଓୟୁଏଟି ପଛପଟେ ବିମାନବନ୍ଦରକୁ ଲାଗି ଗୋଟିଏ ଫାର୍ମ ଥିବା ବେଳେ କୋଣାର୍କରେ ବି ଫାର୍ମ ଅଛି । ଫାର୍ମରେ ହାଇବ୍ରିଡ୍ ପ୍ରଜାତିର ନଡ଼ିଆ ଗଛ ଉପରେ ପରୀକ୍ଷା କରାଯାଉଛି । ଓଡ଼ିଶା ମାଟିକୁ ସୁହାଇବ ସେ ଗଛ ଉପରେ ଧ୍ୟାନ ଦିଆଯାଉଛି । ଚଳିତ ବର୍ଷ 'କୋଣାର୍କ' ନାମକ ଏକ ହାଇବ୍ରିଡ୍ ପ୍ରଜାତିକୁ ସୃଷ୍ଟି କରାଯାଇଛି । ଏହି ନଡ଼ିଆ ଆକାରରେ ବଡ଼ ଏବଂ ସୁସ୍ୱାଦୁ ମଧ୍ୟ । ବର୍ଷକୁ ଗଛରେ ୧୦୦ରୁ ୧୫୦ଟି ନଡ଼ିଆ ଫଳିବ । ଏହାବାଦ୍ ଏବେ ଆମେ ୨୪ରୁ ଅଧିକ ହାଇବ୍ରିଡ୍, ୨୨ରୁ ଅଧିକ ପ୍ରଜାତି ସମେତ ଡ୍ୱାର୍ଫ୍ର (ବାମନ ଗଛ) ଉପରେ ଗବେଷଣା କରୁଛୁ। ସେହିପରି ସାକ୍ଷୀଗୋପାଳରେ ମଧ୍ୟ ଏକ ଫାର୍ମ କରାଯିବ ବୋଲି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି ।

**ଏବେ ବଜାରରେ ଉପଲବ୍ଧ...**

**'କଥାକଳିକା': ମହାପୂଜା ସଂଖ୍ୟା-୨୦୨୪**




*ଏଥର ସଂଖ୍ୟାରେ ଆମର ଗାଳ୍ପିକ...*

**ସ୍ମରଣୀୟ କଥା :** ପ୍ରଶାନ୍ତ ନନ୍ଦ, ଭାସ୍କର ଜେନା।
**ସମକାଳର କଥା :** ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କ୍ଷୀରୋଦ ଦାସ, ରଂଜନ କୁମାର ଦାସ, ପୁଷ୍ପାଞ୍ଜଳି କର, ପ୍ରତାପ ବିଶ୍ୱାଳ, ବିଭାଷ କାନୁନ୍‌ଗୋ, ଗଙ୍ଗାଧର ବିଶ୍ୱାଳ, ସୋମା ଚାନ୍ଦ, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବନ୍ଦନା ପଣ୍ଡା, ସୁଜାତା ମହାପାତ୍ର, ଭାନୁମତୀ ସାହୁ, ଅଜୟ ମହାପାତ୍ର, ଅଜୟ ମହାପାତ୍ର, ଲକ୍ଷ୍ମୀ ଚାନ୍ଦ, ବିଜନବାଳା ପାଟଯୋଶୀ।
**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଶରତ କୁମାର ନାୟକ, ସୁନାକର ସାହୁ, ପ୍ରକାଶ କୁମାର ସାହୁ, ସୁନୀତା କର, ଲଲାଟେନ୍ଦୁ ସାହୁ, ସରୋଜ କୁମାର ମହାନ୍ତି, ବିରେଶ୍ୱର ମହାନ୍ତି, ପ୍ରଫୁଲ୍ଲ ବାରିକ, ସରୋଜ କୁମାର ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୪୪ ଏ ସଂଖ୍ୟାର ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)